R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୩
ତିଥି: ଅମାବାସ୍ୟା
୧୯ ମାର୍ଚ୍ଚ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

Vol. - XXX, No. 163
19 March 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ

# ୪ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର,୧୮।୩,(ସବ୍ୟୁ) : କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଗତ ୧୬ ତାରିଖ ଦିନ ହୋଇଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ଅନେକ ଜୀବନ ନଷ୍ଟ ହେବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । କାର୍ଯ୍ୟରେ ଅବହେଳା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିମ୍ନଲିଖିତ ଚାରି ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବିତ ଅଧିକାରୀମାନେ ହେଲେ



କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡି ଅନ୍ତର୍ଗତ ଏସସିବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିଅର ରଞ୍ଜନ କୁମାର ବିଶ୍ୱାଳ ସୂଚନଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟକ ଏସସିବି ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିବା ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିଥିଲେ । ଆଜି ୪ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏସିବି ଅଗ୍ନିକାଣ୍ଡକୁ ନେଇ ବିରୋଧୀ ଦଳ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଉଛି । ସରକାର କାହିଁକି କାର୍ଯ୍ୟୋନୁଷ୍ଠାନ ନଉନାହାନ୍ତି ସେଥିପାଇଁ ପ୍ରଶ୍ନ କରାଯାଉଥିଲା । ତେବେ ଆଜି ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

# ସବୁ ଜିଲ୍ଲାରେ ୧୬ରୁ ଗୃହଗଣନା



### ▲ ଘର ଘର ବୁଲି ତଥ୍ୟ ସଂଗ୍ରହ ହେବ
### ▲ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ପ୍ରସ୍ତୁତି

ଭୁବନେଶ୍ୱର ,୧୮।୩,(ସବ୍ୟୁ) : ଏପ୍ରିଲ ୧୬ ତାରିଖରୁ ରାଜ୍ୟ ଯାକ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆରମ୍ଭ ହେବାକୁ ଯାଉଛି । ଜନଗଣନାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଯାକ ଜିଲ୍ଲାରେ ଏହି ପ୍ରସ୍ତୁତି କରାଯିବ । ଯାହା ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ଆୟୋଜିତ ହେବ । ଏନେଇ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀରେ ଜନ ଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହା ପୂର୍ବରୁ ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି । ( ୯ ପୃଷ୍ଠାରେ)

## ଟ୍ରଷ୍ଟ ନେଇ ନବୀନଙ୍କ ସ୍ପଷ୍ଟୀକରଣ

ଭୁବନେଶ୍ୱର,୧୮।୩,(ସବ୍ୟୁ) : ବିଜୁ-ନବୀନ ଇନ୍ସିରେସନ ଟ୍ରଷ୍ଟ ଗଠନ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ପଷ୍ଟୀକରଣ ରଖିଛନ୍ତି । ନବୀନ କହିଛନ୍ତି ଯେ ଚାରିଟେବୁଲ କାମ ପାଇଁ ବିଜୁ ବାବୁ ଜଣାଶୁଣା ଥିଲେ । ବିଜ୍ଞାନର ପ୍ରଚାର ପ୍ରସାର ପାଇଁ କଳିଙ୍ଗ ୟୁନସ୍କୋ ପ୍ରଦାନ କରିଥିଲେ । ସେ ଏବଂ ତାଙ୍କ ଭାଇ ଓ ଭଉଣୀ କଟକ ଆନନ୍ଦଭବନକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ ।

ଯେତେବେଳେ ମୁମ୍ବାଇରେ ତାଙ୍କ ବେକ ଅପରେସନ ହୋଇଥିଲା ଏହାପରେ ସେ ଦିଲ୍ଲୀ ଯାଇଥିଲେ । ସେଠାରେ ବଡ଼ ଓକିଲ ଓ ସିଏଙ୍କୁ ଭେଟି ବିଜୁ ବାବୁଙ୍କ ନାଁରେ ଏକ ଟ୍ରଷ୍ଟ ଗଠନ ପାଇଁ ନିଷ୍ପତ୍ତି ନେଇଥିଲି । ଓଡ଼ିଶାବାସୀଙ୍କ ପାଇଁ ଏହି ଟ୍ରଷ୍ଟ ଖୋଲିବା ଲାଗି ଚାହିଁଥିଲି । ନିଜ ଆୟରୁ ୧ ଲକ୍ଷ ଟଙ୍କା ଦେଇ ଏହି ଟ୍ରଷ୍ଟ ଖୋଲାଯାଇଥିଲା । ( ୯ ପୃଷ୍ଠାରେ)

## ବିଜେବି କଲେଜରେ ଛାତ୍ର ଅଶାନ୍ତି: ଗୋଷ୍ଠୀ ସଂଘର୍ଷରେ ୨୫ ଆହତ

ଭୁବନେଶ୍ୱର,୧୮।୩,(ସବ୍ୟୁ) : ବିଜେବି କଲେଜର ଦୁଇ ହଷ୍ଟେଲ ଛାତ୍ରଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ବିଳମ୍ବିତ ରାତିରେ ସଂଘର୍ଷ ହେବାରୁ ୨୫ରୁ ଅଧିକ ଆହତ ହୋଇଛନ୍ତି । ଆହତ ଛାତ୍ରମାନେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି । ଅବସ୍ଥା ଗୁରୁତର ଥିବା କେତେକ ଛାତ୍ର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ଅଶୋକା ହଷ୍ଟେଲରେ ଏକ ବିଦାୟକାଳୀନ ଉତ୍ସବ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା । ମ୍ୟୁଜିକ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଜିବା ଦ୍ୱାରା ଆମ୍ବେଦକର ହଷ୍ଟେଲ ଛାତ୍ରମାନେ ବିରୋଧ କରିଥିଲେ । ବିଦାୟକାଳୀନ ଉତ୍ସବରେ ସାମିଲ ଥିବା ଛାତ୍ରମାନଙ୍କୁ ସେମାନେ ମ୍ୟୁଜିକ୍ ସିଷ୍ଟମ୍ ବନ୍ଦ କରିବା ପାଇଁ କହିଥିଲେ ମଧ୍ୟ ସେମାନେ ଶୁଣିନଥିଲେ । ଯାହା ଫଳରେ ଆମ୍ବେଦକର ହଷ୍ଟେଲ ଅନ୍ତେବାସୀ ପୋଲିସକୁ ଫୋନ୍ କରିଥିଲେ । ପୋଲିସ ପହଞ୍ଚି ମ୍ୟୁଜିକ୍ ବଜାଉଥିବା ପିଲାମାନଙ୍କୁ ବୁଝାସୁଝା କରି ଫେରିଆସିଥିଲେ । ପୋଲିସ ପଳାଇବା ପରେ ଅଶୋକା ହଷ୍ଟେଲ ଅନ୍ତେବାସୀ ବିରକ୍ତ ( ୯ ପୃଷ୍ଠାରେ )

## ଏସ୍‌ସିବିରେ ପୁଣି ଲାଗିଲା ନିଆଁ

କଟକ,୧୮।୩ (ସବ୍ୟୁ): ରାଜ୍ୟର ପ୍ରମୁଖ ଚିକିତ୍ସା କେନ୍ଦ୍ର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବେ ନିଆଁ ର ବଳୟରେ ଥିବା ପରି ମନେହେଉଛି । ଗତ ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର କ୍ଷତ ଏବେ ବି ଶୁଖି ନ ଥିବା ବେଳେ ବୁଧବାର ପୁଣିଥରେ 'ନନ୍-ଟ୍ରମା କାଜୁଆଲିଟି ୟୁନିଟରେ ନିଆଁ ଲାଗିଯିବା ଘଟଣା ସାରା ରାଜ୍ୟରେ ଆତଙ୍କ ଖେଳାଇ ଦେଇଛି । ଏକ ବୈଦ୍ୟୁତିକ ବୋର୍ଡରେ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଘଟଣା ସମୟରେ ଉକ୍ତ ୟୁନିଟରେ ଶହ ଶହ ରୋଗୀ ଚିକିତ୍ସିତ ହେଉଥିଲେ, ମାତ୍ର ସୌଭାଗ୍ୟବଶତଃ ଅଗ୍ନିଶମ ( ୯ ପୃଷ୍ଠାରେ)




# ବିଧାନସଭାରେ ଏସ୍‌ସିବି ଅଗ୍ନିକାଣ୍ଡ ତାତି



### ■ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧ ଅଧିବେଶନ ଅଚଳ
### ■ ବିରୋଧୀ ବିଧାୟକଙ୍କ ପ୍ରତୀକାତ୍ମକ ଶବ ଶୋଭାଯାତ୍ରା

ଭୁବନେଶ୍ୱର,୧୮।୩,(ସବ୍ୟୁ) : ଏସିବି ମେଡ଼ିକାଲ ଅଗ୍ନିକାଣ୍ଡକୁ ନେଇ ଆଜି ବି ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ବିରୋଧୀ ସଦସ୍ୟଙ୍କ ହଟଗୋଳ ଯୋଗୁଁ ପ୍ରଥମାର୍ଦ୍ଧ ଅଧିବେଶନ ବସ୍ତୁତ୍ୱ ଅଚଳ ହୋଇପଡିଥିଲା । ଦ୍ୱିତୀୟାର୍ଦ୍ଧ ଅଧିବେଶନ ଅପରାହ୍ଣ ୪ଟାରେ ଆରମ୍ଭ ହେବା ମାତ୍ରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା । ବିରୋଧୀ ସଦସ୍ୟଙ୍କ ହଟଗୋଳଙ୍କ ମଧ୍ୟରେ ପଞ୍ଚାୟତରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା । ବିରୋଧୀ ସଦସ୍ୟମାନେ ( ୯ ପୃଷ୍ଠାରେ)



**ଭାରତରେ ଇଂରାଜୀ ନବବର୍ଷ ବ୍ୟତୀତ ଅନେକ ଆଞ୍ଚଳିକ ନବବର୍ଷ ସହିତ ହିନ୍ଦୁ ନବ ବର୍ଷ ମଧ୍ୟ ପାଳିତ ହୋଇଥାଏ । ସେହି କ୍ରମରେ ଆସନ୍ତା କାଲି ପାଳିତ ହେଉଛି ହିନ୍ଦୁ ନବବର୍ଷ , ଉଗାଦି, ମହାରାଷ୍ଟ୍ରର ଗୁଡ଼ି ପାଡ଼ୱା । ଏହି ସମସ୍ତ ପର୍ବକୁ ପୁରପଲ୍ଲୀରେ ଖୁବ୍ ଧୁମ୍‌ଧାମ୍ ଏବଂ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ ।**

# ହିନ୍ଦୁ ନବବର୍ଷ



### ଉଗାଦି
କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆନନ୍ଦ-ଉଲ୍ଲାସର ସହ ପାଳିତ ହୋଇଥାଏ ନବବର୍ଷ 'ଉଗାଦି' । ହିନ୍ଦୁ ନବବର୍ଷର ଶୁଭାରମ୍ଭ ସ୍ୱରୂପ ଦକ୍ଷିଣ ଭାରତର ପ୍ରମୁଖ ରାଜ୍ୟ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ପାରମ୍ପରିକ ରୀତିନୀତି ଅନୁଯାୟୀ 'ଉଗାଦି' ମହୋତ୍ସବ ଅତ୍ୟନ୍ତ ଧୁମଧାମରେ ପାଳିତ ହୋଇଥାଏ । ସଂସ୍କୃତ ଶବ୍ଦ 'ଯୁଗ' ଏବଂ 'ଆଦି'ରୁ ସୃଷ୍ଟି ହୋଇଥିବା ଏହି ପର୍ବର ଅର୍ଥ ହେଉଛି 'ଏକ ନୂତନ ଯୁଗର ଆରମ୍ଭ' । ପୌରାଣିକ ମାନ୍ୟତା ଅନୁଯାୟୀ, ଆଜିର ଦିନରେ ପ୍ରଭୁ ବ୍ରହ୍ମା ସୃଷ୍ଟି ରଚନା କରିଥିଲେ, ତେଣୁ ଏହାକୁ ନବବର୍ଷ ଭାବେ ବିବେଚନା କରାଯାଇଥାଏ ।

### ପରମ୍ପରା ଓ ରୀତିନୀତି
ଉଗାଦି ଅବସରରେ ଶ୍ରଦ୍ଧାଳୁମାନେ ସକାଳୁ ତୈଳ ମର୍ଦ୍ଦନ ପୂର୍ବକ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଘରର ଦ୍ୱାର ଦେଶରେ ରଙ୍ଗବେରଙ୍ଗର 'ମୁଗୁଲୁ' ବା ଝୋଟି ଏବଂ ଆମ୍ବ ପତ୍ରର ତୋରଣ ଲଗାଇ ଶୁଭ ମନାସିଥାନ୍ତି । ମନ୍ଦିରମାନଙ୍କରେ 'ପଞ୍ଚାଙ୍ଗ ଶ୍ରବଣମ୍' କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଆଗାମୀ ବର୍ଷର ଭାଗ୍ୟଫଳ ପଠନ କରାଯାଇଥାଏ । ଅନେକ ବ୍ୟବସାୟୀ ମଧ୍ୟ ଆଜିର ଶୁଭ ଦିନରେ ନିଜର ନୂତନ ପ୍ରତିଷ୍ଠାନ ଆରମ୍ଭ କରିଥାଆନ୍ତି ।

### ଉଗାଦି ପାଚାଡି
ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି 'ଉଗାଦି ପାଚାଡି' । ଏହି ସ୍ୱତନ୍ତ୍ର ପାନୀୟଟି ଜୀବନର ବିଭିନ୍ନ ଭାବନାକୁ ଛଅଟି ସ୍ୱାଦ ମାଧ୍ୟମରେ ଦର୍ଶାଇଥାଏ । ଏହା କେବଳ ଏକ ପ୍ରସାଦ ନୁହେଁ, ବରଂ ଗ୍ରୀଷ୍ମ ଋତୁରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏକ ମହୌଷଧି ଭାବେ କାମ କରେ ।



**ସାମଗ୍ରୀ-** ତେନ୍ତୁଳି, ଗୁଡ଼, କଞ୍ଚା ଆମ୍ବ, ନିମ ଫୁଲ, ଲଙ୍କା ଗୁଣ୍ଡ, ଲୁଣ ।

**ପ୍ରସ୍ତୁତି-** ପ୍ରଥମେ ତେନ୍ତୁଳିକୁ ପାଣିରେ ଭିଜାଇ ଏହାର ମଣ୍ଡ ବାହାର କରନ୍ତୁ । ସେଥିରେ ଗୁଡ଼ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ କଟା ଆମ୍ବ, ନିମ ଫୁଲ, ଲଙ୍କା ଗୁଣ୍ଡ ଏବଂ ଲୁଣ ମିଶାନ୍ତୁ । ଏହି ପ୍ରସାଦକୁ ସର୍ବପ୍ରଥମେ ଇଷ୍ଟଦେବଙ୍କ ପାଖରେ ନୈବେଦ୍ୟ ଭାବେ ଅର୍ପଣ କରାଯାଏ ଏବଂ ପରେ ପରିବାରର ସମସ୍ତ ସଦସ୍ୟ ଖାଲି ପେଟରେ ଏହାକୁ ସେବନ କରିଥାନ୍ତି ।

### ଗୁଡ଼ି ପାଡ଼ୱା
ଗୁଡ଼ି ପାଡ଼ୱା ହେଉଛି ମହାରାଷ୍ଟ୍ର ଏବଂ କୋଙ୍କଣ ଅଞ୍ଚଳର ଏକ ପ୍ରମୁଖ ପର୍ବ, ଯାହା ଚୈତ୍ର ମାସର ଶୁକ୍ଳ ପ୍ରତିପଦା ତିଥିରେ ହିନ୍ଦୁ ନବବର୍ଷ ଭାବେ ପାଳିତ ହୁଏ । ପୌରାଣିକ ମାନ୍ୟତା ଅନୁସାରେ, ଏହି ଦିନ ପ୍ରଭୁ ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ଏବଂ ଭଗବାନ ରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଅବସରରେ ଲୋକମାନେ ନିଜ ଘର ଆଗରେ ଏକ ବାଉଁଶ ବାଡ଼ିରେ ରଙ୍ଗୀନ ପୋଷାକ, ନିମ ପତ୍ର, ଫୁଲ ମାଳ ଏବଂ ଏକ ଓଲଟା ତମ୍ବା ବା ରୂପା ପାତ୍ର ରଖି 'ଗୁଡ଼ି' ବା ବିଜୟର ପ୍ରତୀକ ଉଡ଼ାଇଥାନ୍ତି । ଶ୍ରଦ୍ଧାଳୁମାନେ ଘରକୁ ସଜାଇବା ସହ 'ପୁରନ ପୋଲି' ଓ 'ଶ୍ରୀଖଣ୍ଡ' ଭଳି ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି ଏବଂ ଜୀବନର ସୁଖ-ଦୁଃଖକୁ ସମାନ ଭାବେ ଗ୍ରହଣ କରିବା ପାଇଁ ଗୁଡ଼ ଓ ନିମ ପତ୍ରର ମିଶ୍ରଣ ସେବନ କରିଥାନ୍ତି ।



## ସୋସିଆଲ କୋଟ୍ସ



ମୁକ୍କାବାଜ ଫିଲ୍ମରେ ଅଭିନୟ କରିବା ପରେ ମୋ କ୍ୟାରିୟରରେ ପରିବର୍ତ୍ତନ ଆସିଛି । ଏଭଳି ଫିଲ୍ମରେ ଅଭିନୟ କରି ମୁଁ ବେଶ୍ ଖୁସି ଅଛି । ଏଥିରୁ ଅନେକ କିଛି ଶିଖିଛି ।

**ବିନିତ୍ ସିଂ, ଅଭିନେତା**



ଭାରତୀୟ ପୁରୁଷଙ୍କୁ ସବୁବେଳେ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେବାର ଆବଶ୍ୟକତା ରହିଛି । ସବୁ ମହିଳାଙ୍କ ପାଇଁ ଜଣେ ପୁରୁଷଙ୍କୁ ରକ୍ଷକ ହେବାର ଅଛି ।

**ଜନ୍ ଆବ୍ରହମ୍, ଅଭିନେତା**



ମୋର ଶୈଳେସଙ୍କ ପାରିଶ୍ରମିକ ବନ୍ଦ କରିବାର ଇଚ୍ଛା ନଥିଲା । ସେ କିନ୍ତୁ ଯେଉଁଭଳି ଭାବେ ମିଛ ଖବର ପ୍ରଚାର କରିଥିଲେ ତାହା ନିନ୍ଦନୀୟ ।

**ଅସିତ ମୋଦି, ପ୍ରଯୋଜକ**

## ହାଃହାଃ



ଜଣେ ସହରୀ ଲୋକ: ଆଜ୍ଞା, ଏଠୁ ରେଳ ଷ୍ଟେସନ କେତେ ଦୂର ?
ଗାଁ ଲୋକ: ଯଦି ଦୌଡ଼ି ଦୌଡ଼ି ଯିବେ ତେବେ ୧୦ ମିନିଟ୍, ଯଦି ଚାଲି ଚାଲି ଯିବେ ତେବେ ୨୦ ମିନିଟ୍ ।
ସହରୀ ଲୋକ: ଆଉ ଯଦି କାର୍‌ରେ ଯାଏ ?
ଗାଁ ଲୋକ: ତେବେ ଘଣ୍ଟାଏ ଲାଗିବ, କାରଣ ଆମ ଗାଁ ରାସ୍ତାରେ କେବଳ ଗୋରୁ ଆଉ ଛେଳିଙ୍କର 'ଟ୍ରାଫିକ୍' ଚାଲେ !

## ଇତିହାସ

୧୮୩୧- ପ୍ରଥମ ବ୍ୟାଙ୍କ ଡକାୟତି ଆମେରିକାର ନ୍ୟୁୟର୍କସ୍ଥିତ ସିଟି ବ୍ୟାଙ୍କରେ ହୋଇଥିଲା, ଯେଉଁଥିରେ ୨.୪୫ ଲକ୍ଷ ଡଲାର ଲୁଟ୍ ହୋଇଥିଲା ।
୧୯୨୭- ଜର୍ମାନୀରେ ନାଜି ଓ କମ୍ୟୁନିଷ୍ଟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା ।
୧୯୪୪- ଆଜାଦ ହିନ୍ଦ୍ ଫୌଜ ପୂର୍ବୋତ୍ତର ଭାରତରେ ରାଷ୍ଟ୍ରୀୟ ଧ୍ୱଜ ଉଡ଼ାଇଥିଲେ ।
୧୯୬୫- ଇଣ୍ଡୋନେସିଆ ସମସ୍ତ ବିଦେଶୀ ତୈଳ କମ୍ପାନୀର ରାଷ୍ଟ୍ରୀୟକରଣ କଲା ।
୧୯୭୨- ଭାରତ ଓ ବାଂଲାଦେଶ ମଧ୍ୟରେ ମୈତ୍ରୀ ଚୁକ୍ତି ସ୍ୱାକ୍ଷରିତ ।
୧୯୯୮- ଅଟଳବିହାରୀ ବାଜପେୟୀ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ପୁଣି କରିବେ ରୋମାନ୍ସ



ବଡ଼ ପରଦାରେ ପୁଣି ଫେରିବ ରୋମାନ୍ସର ଯାଦୁ । 'କିଙ୍ଗ' ପରେ ରୋମାଣ୍ଟିକ ଅବତାରରେ ନଜର ଆସିବେ ବଲିଉଡ ବାଦଶାହ ଶାହରୁଖ ଖାନ । ନିଜର ଆକ୍ସନ ଅବତାରରେ ବକ୍ସ ଅଫିସରେ ଧମାଲ କରିବା ପରେ ବଲିଉଡର କିଙ୍ଗ୍ ଖାନ୍ ଶାହରୁଖ ଖାନ ପୁଣିଥରେ ନିଜର ପୁରୁଣା ରୋମାଣ୍ଟିକ ଅନ୍ଦାଜକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି । ସୂଚନା ଅନୁସାରେ ଆଗକୁ ତାଙ୍କୁ ଏକ ବଡ଼ ବଜେଟର ରୋମାଣ୍ଟିକ ଫିଲ୍ମରେ ଦର୍ଶକ ଦେଖିବାକୁ ପାଇବେ । ଏହି ଫିଲ୍ମରେ କ୍ଲାସିକ ପ୍ରେମ କାହାଣୀକୁ ଆଧୁନିକ ଶୈଳୀରେ ଉପସ୍ଥାପନ କରାଯିବ । ଏହି ଚଳଚ୍ଚିତ୍ରରେ ଶାହରୁଖଙ୍କୁ ଏକ ଭିଣ୍ଟେଜ୍ ଲୁକ୍‌ରେ ଦେଖିବାକୁ ମିଳିବ, ଯାହା ଦର୍ଶକଙ୍କୁ 'ଦିଲୱାଲେ ଦୁଲହନିଆ ଲେ ଜାୟେଙ୍ଗେ' ଏବଂ 'ବୀର-ଜାରା' ଭଳି ପୁରୁଣା ସୁପରହିଟ୍ ଫିଲ୍ମର ସ୍ମୃତି ମନେ ପକାଇଦେବ । ନିର୍ମାତାମାନେ ଏହି ପ୍ରୋଜେକ୍ଟକୁ ଅନ୍ତର୍ଜାତୀୟ ସ୍ତରରେ ନିର୍ମାଣ କରିବାକୁ ଯୋଜନା କରୁଥିବାବେଳେ ଶାହରୁଖ ଏଥିରେ ଏକ ଗମ୍ଭୀର ତଥା ପରିପକ୍ୱ ଚରିତ୍ରରେ ଅଭିନୟ କରିବେ । 'ପଠାନ' ଓ 'ଜୱାନ' ଭଳି ବ୍ଲକବଷ୍ଟର ଆକ୍ସନ ଫିଲ୍ମ ପରେ ଶାହରୁଖଙ୍କ ଏହି ରୋମାଣ୍ଟିକ ପ୍ରତ୍ୟାବର୍ତ୍ତନକୁ ନେଇ ଏବେ ସାରା ଦେଶର ସିନେପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ବଲଉଡର ରୋମାନ୍ସର କିଙ୍ଗ କୁହାଯାଉଥିବା ଶାହରୁଖଙ୍କ ରୋମାନ୍ସକୁ ଦେଖିବାକୁ ସିନେପ୍ରେମୀ ଚାହିଁ ବସିଛନ୍ତି ।

## ରାସ୍ତାରେ ଲାଗୁଛି ମାଙ୍କଡ଼ କଟ୍‌ଆଉଟ୍

ମଥୁରା-ବୃନ୍ଦାବନ ଗସ୍ତରେ ଆସୁଥିବା ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ପ୍ରଶାସନ ଏକ ଅଜବ ତଥା ମନସ୍ତାତ୍ତ୍ୱିକ ରଣନୀତି ଆପଣେଇଛି । ଯେଉଁଥିରେ ରାଷ୍ଟ୍ରପତିଙ୍କ ଚଷମାକୁ ମାଙ୍କଡ଼ଙ୍କ କବଳରୁ ବଞ୍ଚାଇବା ପାଇଁ ବିଭିନ୍ନ ସ୍ଥାନରେ ମାଙ୍କଡ଼ର କଟ୍-ଆଉଟ୍ ବା ପୋଷ୍ଟର ଲଗାଯାଉଛି । ବୃନ୍ଦାବନର ମାଙ୍କଡ଼ମାନେ ଶ୍ରଦ୍ଧାଳୁଙ୍କ ଚଷମା ଛଡ଼ାଇ ନେଇ ଖାଦ୍ୟ ବଦଳରେ ତାହାକୁ ଫେରସ୍ତ କରିବା ପାଇଁ ବେଶ୍ ଜଣାଶୁଣା । ତେଣୁ ସେମାନଙ୍କୁ ସେହି ସ୍ଥାନରୁ ଦୂରେଇ ରଖିବା ପାଇଁ ପ୍ରଶାସନ ଏହି ଉପାୟ ବାଛିଛି । ମାର୍ଚ୍ଚ ୧୯ ରୁ ୨୯ ମଧ୍ୟରେ ହେବାକୁ ଥିବା ଏହି ଗସ୍ତ ପାଇଁ ରାଷ୍ଟ୍ରପତିଙ୍କ ଯାତାୟାତ ମାର୍ଗ ଏବଂ କାର୍ଯ୍ୟକ୍ରମ ସ୍ଥଳରେ ଏହି ଲଙ୍ଗୁର କଟ୍-ଆଉଟ୍ ଗୁଡ଼ିକୁ ସ୍ଥାପନ କରାଯାଇଛି । ଯାହାକୁ ଦେଖି ସାଧାରଣ ମାଙ୍କଡ଼ମାନେ ଭୟରେ ସେଠାକୁ ଆସିବେ ନାହିଁ । ପ୍ରଶାସନର ଏହି ଅଭିନବ ସୁରକ୍ଷା ବ୍ୟବସ୍ଥା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।





**ମେଷ:** ପରୋପକାର, ସମାଜସେବା, ଧର୍ମକାର୍ଯ୍ୟରେ ଆଗ୍ରହ,ଶରୀର ସୁସ୍ଥ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଭବ, ଶୁଭକାର୍ଯ୍ୟରେ ଧନବ୍ୟୟ, ଆର୍ଥିକ ସହାୟତା, ଦୂରଯାତ୍ରା, ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା ।

**ବୃଷ:** କର୍ମକ୍ଷେତ୍ରେ ବାଧା, ମାନସିକ ଅବସାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ିଚାଳନାରେ ସାବଧାନ, ଆର୍ଥିକ ସମସ୍ୟା, ଶରୀର କଷ୍ଟ, ସମ୍ମାନହାନି, କିଛି କାର୍ଯ୍ୟରେ ବିଳମ୍ବ, ବିଦ୍ୟାରେ ଅସଫଳ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୨, ଆରାଧନା- ଭଗବାନ ଶଙ୍କର ।

**ମିଥୁନ:** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ଉତ୍ତମ ସ୍ୱାସ୍ଥ୍ୟ, ମନରେ ପ୍ରସନ୍ନତା, ଗୃହଶତ୍ରୁ ରହିବ, ଜଞ୍ଜାଳ ବୃଦ୍ଧି, ବ୍ୟବସାୟରେ ଲାଭ, ଆଶା ସଫଳ, ବନ୍ଧୁ ସହଯୋଗ, ବନ୍ଧୁଦର୍ଶନ, ଶରୀର ସୁସ୍ଥ, ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲଡ଼େନ, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନୃସିଂହ ।

**କର୍କଟ:** ଦ୍ରବ୍ୟଲାଭ, କାର୍ଯ୍ୟକ୍ଷେତ୍ରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାଦିଷ୍ଟ ଭୋଜନ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, ସହଯୋଗ ବୃଦ୍ଧିରୁ ଖୁସି ରହିବେ, ତୀର୍ଥାଟନ, ଶରୀର ସୁସ୍ଥ, କଚେରୀ ମାମଲା ସମାଧାନ, ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୫, ଆରାଧନା- ମା ଭଗବତୀ ।

**ସିଂହ:** ଶୁଭଖବର, ଅତିଥି ଆଗମନ, ଆର୍ଥିକଖୁସି,ନୂଆ ଯୋଜନାରେ ଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଶତ୍ରୁତା, ଲୋକସମ୍ପର୍କ ବୃଦ୍ଧି, କ୍ରୋଧହେତୁ କାର୍ଯ୍ୟରେ ବାଧା, ସନ୍ତାନସୁଖ, ବିଦ୍ୟାରେ ସଫଳତା, ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଗୋସେବା କରନ୍ତୁ ।

**କନ୍ୟା:** ଅପମାନ ଯୋଗ, କାର୍ଯ୍ୟକ୍ଷେତ୍ରେ ଅସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ଅର୍ଥଖର୍ଚ୍ଚାନ୍ତ, ଦୂରଯାତ୍ରା, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଉଚ୍ଚଆଶାରେ ବିଳମ୍ବ, ଉତ୍ତମସ୍ୱାସ୍ଥ୍ୟ, ନ୍ୟାୟିକ ବ୍ୟବସ୍ଥାରେ ଦୁଃଖ, ସନ୍ତାନ ସମସ୍ୟା, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୩, ଆରାଧନା- ମା ବଗଳାମୁଖୀ ।

**ତୁଳା:** ସଫଳତା, ତୀର୍ଥାଟନ, ନୂତନ କାର୍ଯ୍ୟରେ ସହଯୋଗ, ବ୍ୟବସାୟରେ ଉନ୍ନତି, ସମ୍ମାନପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ବହୁ କାର୍ଯ୍ୟରେ ପିଲାଙ୍କ ଖୁସି, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ବିଛା:** ଶୁଭଖବର, କାର୍ଯ୍ୟରେ ଅନାଗ୍ରହ, ଅର୍ଥସମସ୍ୟା, ଜନସେବା, ବ୍ୟବସାୟରେ ବାଧା, ସ୍ୱାସ୍ଥ୍ୟଲାଭ, ଭ୍ରାତୃଭଗ୍ନୀଙ୍କ ସହଯୋଗ, ସନ୍ତାନ ସମସ୍ୟା, ଭାଗିଦାରୀ କ୍ଷେତ୍ରେ ସଫଳତା, ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା-ମହାଲକ୍ଷ୍ମୀ ।

**ଧନୁ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ,ଲାଭ କମ୍, ଶାରୀରିକ ଅସୁସ୍ଥତା, ନୂତନ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, କର୍ମକ୍ଷେତ୍ରେ ସମ୍ମାନ ଲାଭ, ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ରାଧାକୃଷ୍ଣ ।

**ମକର:** ବନ୍ଧୁସହଯୋଗ, ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, କାର୍ଯ୍ୟରେ ସଫଳ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଦାମ୍ପତ୍ୟ କଳହ, ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୪, ଆରାଧନା- ମା ଦକ୍ଷିଣକାଳୀ ।

**କୁମ୍ଭ:** ପଦୋନ୍ନତି, କର୍ମକ୍ଷେତ୍ରେ ଖୁସି, ଦୂରଯାତ୍ରାରେ ଲାଭ, ବନ୍ଧୁ ସହଯୋଗ, ଶତ୍ରୁ ସମସ୍ୟା ସମାଧାନ, ମାନସମ୍ମାନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଅଚାନକ ଦୂରଯାତ୍ରା, ଦାମ୍ପତ୍ୟ ଖୁସି, ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୯, ଆରାଧନା- ଭଗବାନ ଶଙ୍କର ।

**ମୀନ:** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟଲାଭ, ଉଚ୍ଚସମ୍ମାନ, ଶତ୍ରୁ ପରାଭବ, ଉତ୍ସବ ପ୍ରତି ବିମୁଖ, ଅଧିକ ଖର୍ଚ୍ଚ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

ଚୈତ୍ର କୃଷ୍ଣପକ୍ଷ ଅମାବାସ୍ୟା,ପ୍ରତିପଦା
୧୯.୩.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଥମୁନି ରାଜ୍ୟସଭା କ୍ରସ ଭୋଟିଂ ବିବାଦ

# ଦେବୀ ରଞ୍ଜନଙ୍କ ବାସଭବନକୁ ଘେରିଲେ ଯୁବ-ଛାତ୍ର ବିଜେଡ଼ି

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟସଭାରେ କ୍ରସ ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ବିରୋଧରେ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି । ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ କଟକ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ବାସଭବନ ସମ୍ମୁଖରେ ବିଜୁ ଯୁବ ଛାତ୍ର କର୍ମୀମାନେ ବିକ୍ଷୋପ ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରରେ ଥିବା ସରକାରୀ ବାସଭବନ ସମ୍ମୁଖରେ ଏହି ବିକ୍ଷୋପ କରାଯାଇଛି । ଦଳ ସହ ବେଇମାନ କହିଥିବା ଅଭିଯୋଗରେ ଏହି ବିକ୍ଷୋଭ କରାଯାଇ ଦେବୀ ରଞ୍ଜନଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିବା ସହ ତାଙ୍କ ଫଟୋକୁ ପୋଡିଛନ୍ତି ।

ଅପରପକ୍ଷରେ ପ୍ରତିକ୍ରିୟାରେ ଦେବୀ ରଞ୍ଜନ କହିଛନ୍ତି ଯେ, ସେ କଣ ପାଇଁ ଭୋଟ ଦେଇଛନ୍ତି ତାହା ଖୋଲା ଖୋଲି ଭାବେ କହିଛନ୍ତି । ଲୁଚି ଛପି ଭୋଟ୍ ଦେଇନାହାନ୍ତି । କଂଗ୍ରେସ ସହ ମେଣ୍ଟକୁ ସେ ବିରୋଧ କରିଛନ୍ତି । ସେହିଭଳି ଦେବୀଙ୍କ ସମର୍ଥନରେ ମାଷ୍ଟରକ୍ୟାଣ୍ଟିନ ଛକରେ ତାଙ୍କ ସମର୍ଥକମାନେ ବିକ୍ଷୋଭ କରିଛନ୍ତି । ଦେବୀ ରଞ୍ଜନ କହିଛନ୍ତି ଯେ, ଏବେ ଠୁ ନସଜାଡିଲେ ବହୁ ନେତା ଦଳ ତ୍ୟାଗ କରିବେ । ଏହି ଘଟଣାକୁ ନେଇ ବିବାଦ ବଢ଼ିବାରେ ଲଗିଛି । ଦେବୀଙ୍କ ସମର୍ଥନରେ ତାଙ୍କ ଘରେ ସାଂସଦ ଦିଲ୍ଲୀପ ରାୟ, ଅମର ଶତପଥୀ ଓ ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବ ପହଞ୍ଚିଥିଲେ। ଅମର ଶତପଥୀ କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ହ୍ୱିପ ନଥାଏ । ଦଳୀୟ ବିଧାୟକମାନେ ନିଜ ପସନ୍ଦରେ ଭୋଟ୍ ଦେବା ଆଇନ ସମର୍ଥ ।

**ଠିକଣା ସମୟରେ ପ୍ରତିଶୋଧ ନେଇଛି: ରମେଶ**

ସେହିଭଳି କ୍ରସ ଭୋଟିଂ କରିଥିବା କଂଗ୍ରେସ ବିଧାୟକ ରମେଶ ଜେନା, ସ୍ପଷ୍ଟୀକରଣ ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରତିଶୋଧ ନେବାକୁ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିଲି । ବିଜେଡି ଅତୀତରେ ତାଙ୍କୁ ବହୁ ହଇରାଣ କରିଛି । କଂଗ୍ରେସରୁ ୫ ଭୋଟ୍ କ୍ରସ ହୋଇଛି । ପୁଅ ଭୋଟ୍ ଦେଉଥିଲା ବେଳେ ବାପା ଏଜେଣ୍ଟ ଥିଲେ । ୨୪ ବର୍ଷ ହେଲା କଂଗ୍ରେସକର୍ମୀ ବିଜେଡି ଦ୍ୱାରା ନିର୍ଯ୍ୟାତିତ ହୋଇଥିଲେ । ମୋ ବାପାଙ୍କ ବିରୋଧରେ ବିଜେଡି ମାମଲା କରିଥିଲା। ମୋତେ ଏନକାଉଣ୍ଟର କରିବା ପରେ ବରିଷ୍ଠ ପୋଲିସ ଧମକ ଦେଇଥିଲେ । ଏବେ ପ୍ରତିଶୋଧ ନେଇ ବାପା ମାଙ୍କ ସ୍ୱାଭିମାନ ରଖା କରିଛି । ଠିକ୍ ସମୟରେ ପ୍ରତିଶୋଧ ନେଇଛି ଓ ଠିକ୍ କରିଛି । ଏହାଛଡା ପିସିସି ସଭାପତିଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଛନ୍ତି ।

# ନିଆଁରେ ପୋଡି ହୋଇ ମହିଳାଙ୍କ ମୃତ୍ୟୁ

ବଳଙ୍ଗା ,(ସବ୍ୟୁ): ବଳଙ୍ଗ ଥାନା ଅନ୍ତର୍ଗତ ଦୁବ ପାଟଣା ଗ୍ରାମରେ ଜଣେ ମହିଳା ପରିବାରିକ କଳହକୁ କେନ୍ଦ୍ରକରି ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ମହିଳା ହେଲେ ଗ୍ରାମର ଗ୍ରାମର ଭରତ ସାହୁଙ୍କ ପତ୍ନୀ ରଶ୍ମି ସାହୁ । ଖବର ପାଇ ବଳଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ ଓ ପିପିଲି ଡିଏସପି ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ ପୁରୀ ପଠାଇ ତଦନ୍ତ ଜାରି ରଖିଛନ୍ତି । ଭରତ ଓ ରଶ୍ମି ପରସ୍ପରକୁ ଭଲ ପାଇ ପ୍ରେମ ବିବାହ କରିଥଲେ । ବର୍ତ୍ତମାନ ଉଭୟଙ୍କର ୨ଟି କନ୍ୟା ସନ୍ତାନ ଅଛନ୍ତି । ପାଇବାରିକ କଳହକୁ ନେଇ ମଙ୍ଗଳ ବାର ରାତିରେ ରଶ୍ମି ଏଭଳି ଚରମ ନିଷ୍ପତ୍ତି ନେଇ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ । ନିଆଁ ଲାଗିବାରୁ ରଶ୍ମି ଚିତ୍କାର କରିଥଲେ । ପାଟିଶୁଣି ପରିବାର ଲୋକେ ଓ ଗ୍ରାମର ଲୋକମାନେ ଆସି ନିଆଁ ଲିଭାଇ ଥିଲେ । ସେତେବେଳକୁ ରଶ୍ମିଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା ଓ ସେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଅପର ପକ୍ଷରେ ରଶ୍ମିଙ୍କ ସାନ ଭାଇ ଏହି ଘଟଣାରେ ଭିଣୋଇଙ୍କୁ ଦୋଷମୁକ୍ତ କରି କହିଛନ୍ତି ରଶ୍ମିତାଙ୍କ ମୃତ୍ୟୁରେ ତାଙ୍କ ଶାଶୁଘର ଲୋକେ ଦାୟୀ ନୁହନ୍ତି ବୋଲି ପୋଲିସ ଆଗରେ କହିଛନ୍ତି । ଏନେଇ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।



ଲୋକ ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା କରୁଛନ୍ତି ।

# ମଧୁସୂଦନ-ସୌଦାମିନୀ ଦାସ ସ୍ମାରକୀ ବକ୍ତୃତା

## ମୌଳିକ ଅଧିକାର ସୁରକ୍ଷିତ ରଖେ ନ୍ୟାୟପାଳିକା

ଭୁବନେଶ୍ୱର,(ତଥ) : ସମ୍ବିଧାନ ପ୍ରଦ ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ତାହାକୁ ସୁରକ୍ଷିତ ରଖେ ନାୟପାଳିକା । ଏ ପରିପ୍ରେକ୍ଷୀରେ ନିରପେକ୍ଷ ନାୟପାଳିକାର ଯେଉଁଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେହିଭଳି ପବିତ୍ର ସମ୍ବିଧାନ ସହିତ ଦେଶକୁ ସୁଦୃଢ଼ କରିବା ଲାଗି ନାଗରିକମାନଙ୍କର ମଧ ଦାୟିତ୍ୱ ଅଛି । ସମ୍ବିଧାନରେ ଉଲ୍ଲେଖ ଥିବା ନାଗରିକଙ୍କ ମୌଳିକ ଦାୟିତ୍ୱ ଓ ମୌଳିକ ଅଧିକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ମତବକ୍ତ କରିଛନ୍ତି । "ନାଇଜର' ପରିସରରେ ପ୍ରଥମ ମଧୁସୂଦନ-ସୌଦାମିନୀ ଦାସ ସ୍ମାରକୀ ବକ୍ତୃତା ପ୍ରଦାନ କରି ଜଷ୍ଟିସ ପଟ୍ଟନାୟକ କହିଛନ୍ତି ଯେ ବଞ୍ଚିତ ଲୋକଙ୍କ ଅଧିକାର ହାସଲ ପାଇଁ ଲଢ଼େଇ କରିବାକୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓକିଲାତିକୁଏକ ମାଧ୍ୟମ କରିଥିଲେ । ଏଥିସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ତାଙ୍କ ନେତୃତ୍ୱରେ ଗଢ଼ାଯାଇଥିବା ଉତ୍କଳ ସମ୍ମିଳନୀ ଯେପରି ଲଗାତାର ଉଦ୍ୟମ କରୁଥିଲା ତାହାର ପଟାନ୍ତର ନାହିଁ । ନିସ୍ୱାର୍ଥପର ସେବା ମାଧ୍ୟମରେ ଅନମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଥିଲା ମଧୁବାବୁଙ୍କ ଜୀବନର ବିଶେଷତ୍ୱ । ଶ୍ରୀଜଗନ୍ନାଥ ମନ୍ଦିର ମାମଲା ହେଉ କିମ୍ବା ମହିଳାମାନଙ୍କୁ ଓକିଲାତି କରିବା ପାଇଁ ଅଧିକାର ଦେବା କ୍ଷେତ୍ରରେ ହେଉ ମଧୁବାବୁ ସାଲିସ ବିହୀନ ଲଢ଼େଇ କରୁଥିଲେ । ମଧୁବାବୁଙ୍କ ବକ୍ତିତ୍ୱ ମହାତ୍ମା ଗାନ୍ଧୀଙ୍କ ଭଳି ଅନେକଙ୍କୁ ଅନୁପ୍ରାଣିତ କରିଥିଲା । ଜଷ୍ଟିସ ପଟ୍ଟନାୟକ କହିଛନ୍ତି ଯେ ଭାରତୀୟ ସମ୍ବିଧାନରେ ଯେଉଁସବୁ ମୌଳିକ ଅଧିକାର ପ୍ରଦାନ କରାଯାଇଛି ତାହା ଅନନ । ବିଶେଷକରି ସମାନତାର ଅଧିକାର, ଅସ୍ପୃଶ୍ୟତା ଉଚ୍ଛେଦ, ବାକ ସ୍ୱାଧୀନତା, ସମ୍ବାଦପତ୍ରର ସ୍ୱାଧୀନତା, ବଞ୍ଚିବାର ଅଧିକାର, ସମ୍ବିଧାନ ବହିର୍ଭୁତ କାର୍ଯ୍ୟକୁ ରୋକିବା ପାଇଁ ବିଚାର ବବସ୍ଥାର କ୍ଷମତା, ବେଆଇନ ଭାବେ ଅଟକ ରଖିବା ଓ ବିନା ବିଚାରରେ କାହାକୁ ଦଣ୍ଡ ଦେବା ଘଟଣାକୁ ସମ୍ବିଧାନ ପ୍ରଶ୍ରୟ ଦିଏ ନାହିଁ । ପରବର୍ତ୍ତୀ ସମୟରେ ଆମ ସମ୍ବିଧାନର ଅନେକ ସଂଶୋଧନ ହୋଇଥିଲେ ମଧ ଏହାର ମୌଳିକ ଢାଞ୍ଚାକୁ ବଦଳାଯାଇପାରବି ନାହିଁ ବୋଲି ସୁପ୍ରିମକୋର୍ଟ ଯେଉଁ ନିଷ୍ପି ଶୁଣାଇଛନ୍ତି ତାହା ଆମ ଗଣତନ୍ତ୍ର ପ୍ରତି ଶୁଭସଂକେତ । ସମ୍ବିଧାନ ପ୍ରଦ ବିଭିନ୍ନ ମୌଳିକ ଅଧିକାରର ସୁରକ୍ଷା ଓ ତାହାର ଉଲ୍ଲଂଘନ କ୍ଷେତ୍ରରେ ପ୍ରତିକାର ସଂପର୍କରେ ବାପକ ଆଲୋଚନା କରିବା ସହିତ ସମ୍ବିଧାନର ୫୧ (କ) ଧାରାରେ ନାଗରିକମାନଙ୍କ ଯେଉଁ ମୌଳିକ କର୍ତ୍ତବ୍ୟ ଯୋଡ଼ାଯାଇଛି ତାହାକୁ ପ୍ରତେକ ନାଗରିକ ବିଶେଷକରି ଯୁବ ଓ ଛାତ୍ର ସମାଜ ଶୃଙ୍ଖଳାର ସହ ଅନୁପାଳନ କରିବା ଲାଗି ଜଷ୍ଟିସ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତାମାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆନ୍ତର୍ଜାତିକ ଖାତି ସଂପନ୍ନ ପଦାର୍ଥ ବିଜ୍ଞାନବିତ ପ୍ରଫେସର ଜ୍ଞାନଦେବ ମହାରାଣା ସୂଚାଇ ଥିଲେ। ନାଇଜରର କୁଳସଚିବ ପ୍ରଫେସର ପ୍ରଣୟ କୁମାର ସ୍ୱାଇଁ ଏଭଳି ଏକ ବକ୍ତୃତାମାଳା ନାଇଜର ଆରମ୍ଭ କରିବାର ଲକ୍ଷ ଓ ଉଦ୍ଦେଶ ସଂପର୍କରେ ବୁଝାଇଥିଲେ ।

# ପଞ୍ଚାୟତିରାଜ ଓ ପାନୀୟ ଜଳ , ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚଦାବି ପାରିତ

## ବିଜେଟରେ ଗ୍ରାମୀଣ ବିକାଶକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ଚଳିତ ବଜେଟରେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି । ବୁଧବାର ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ସମ୍ମିଳନୀ କକ୍ଷରେ ମାନନୀୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ବିଭାଗୀୟ ବଜେଟ୍ ସମ୍ପର୍କରେ କହିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ମୋଟ ୩୪,୧୦୪.୦୬ କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ମୋଟ ୧୦,୨୦୪.୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହି ପ୍ରସ୍ତାବ ଗୃହରେ ପାରିତ ହୋଇଛି । ଏହି ବୃହତ ପାଣ୍ଠି ମାଧ୍ୟମରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ସଡ଼କ ସଂଯୋଗୀକରଣ ଏବଂ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି କରାଯିବ ବୋଲି ଆଶା ରଖାଯାଇଛି ।

ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଆବାସ ଯୋଜନାକୁ ବଜେଟରେ ପ୍ରାଧାନ୍ୟ ଦିଆଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୨,୪୪୫ କୋଟି ଟଙ୍କା, ଅନ୍ତ୍ୟୋଦୟ ଯୋଜନା ପାଇଁ ୨,୦୦୦ କୋଟି ଟଙ୍କା ଏବଂ ପିଏମ୍-ଜନମନ ଯୋଜନା ପାଇଁ ୩୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି । ରାଜ୍ୟରେ ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ "ଭିବି-ଜି ରାମ ଜି' ଯୋଜନା ପାଇଁ ୫,୫୭୫ କୋଟି ଟଙ୍କା ରଖାଯାଇଛି । ଏହି ଯୋଜନାରେ ବାର୍ଷିକ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ସହ ଚାଷ ସମୟରେ ୬୦ ଦିନର ବିରତି ସୁବିଧା ରହିଛି । କାର୍ଯ୍ୟ ଶେଷ ହେବାର ସର୍ବାଧିକ ୧୫ ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ ଏବଂ କାମ ନମିଳିଲେ ଦୈନିକ ବେକାରୀ ଭତ୍ତାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ମନରେଗା ପାଇଁ ୧,୬୨୬ କୋଟି ଟଙ୍କା ରଖାଯାଇଛି । ଏଥିସହିତ ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ପରି ୯ଟି ଜିଲ୍ଲାର ୩୦ଟି ବ୍ଲକରେ ଦାଦନ ସମସ୍ୟା ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା- 'କର୍ମବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି' କାର୍ଯ୍ୟକାରୀ କରାଯିବ । ୩୬ ମାସର ଏହି ମିଶନ ପାଇଁ ୨୦୨୬-୨୭ ବର୍ଷରେ ୨୨୦ କୋଟି ଟଙ୍କା ଅନୁମୋଦିତ ହୋଇଛି ।

୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମୀଣ ପରିବାରକୁ ଶତପ୍ରତିଶତ ପାଇପ୍ ଜଳ ଯୋଗାଇ ଦେବାର ଲକ୍ଷ୍ୟ ମନ୍ତ୍ରୀ ଶ୍ରୀ ନାଏକ ଦୋହରାଇଥିଲେ । ୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୭୭.୧୫ % ପରିବାର ଏହି ସୁବିଧା ପାଇଥିବା ବେଳେ ଚଳିତ ବର୍ଷ ପାଇଁ "ଜଳ ଜୀବନ ମିଶନ'ରେ ୭,୦୦୦ କୋଟି, "ବସୁଧା' ଯୋଜନାରେ ୪୯୫ କୋଟି ଏବଂ ଆରପିଡବ୍ଲୁଏସ୍ ଯୋଜନା ପାଇଁ ୧,୦୦୦ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି । ଏଥି ସହିତ ନୂତନ "ମିଶନ ପାୱାର' ଯୋଜନାରେ ୧,୦୦୦ କୋଟି ଟଙ୍କା ବିନିଯୋଗ କରାଯାଇ ୧,୦୪୩ଟି ଅଣ-ସଂଯୋଗୀକୃତ ବସତିକୁ ମୋଟ ୮ ୯ ୯୨.୯୭ କି.ମି ସଡ଼କ ଓ ଘାଟ ନିର୍ମାଣ ମାଧ୍ୟମରେ ସଂଯୋଗ କରାଯିବ ।

ରାଜ୍ୟର ଗ୍ରାମାଞ୍ଚଳକୁ ଆତ୍ମନିର୍ଭରଶୀଳ କରିବା ଏବଂ ବିକାଶର ସୁଫଳ ଶେଷ ଧାଡ଼ିର ମଣିଷ ପାଖରେ ପହଞ୍ଚାଇବା ପାଇଁ ସରକାର ଏହି ବଜେଟ୍ରେ ବ୍ୟାପକ ବ୍ୟବସ୍ଥା କରିଛନ୍ତି ।"ସେବା, ସୁବିଧା ଓ ସଶକ୍ତିକରଣ' ମନ୍ତ୍ରକୁ ପାଥେୟ କରି ଗ୍ରାମୀଣ ଓଡ଼ିଶାର ରୂପରେଖ ବଦଳାଇବା ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି । ଏହି ବିଭାଗ ଗୁଡ଼ିକର ଖର୍ଚ୍ଚଦାବି ଆଲୋଚନା ଉପରେ ଶାସକ ବିଜେପି ଦଳର ସଦସ୍ୟ ମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଖଟୁଆ, ପ୍ରତାପ ଚନ୍ଦ୍ର ନାୟକ ,ବାବୁ ସିଂ, ଈରାଶିଷ ଆଚାର୍ଯ୍ୟ, ସନାତନ ବିଜୁଳି, ଅମର ପ୍ରସାଦ ନାୟକ ପ୍ରମୁଖ ଭାଗ ନେଇଥିଲେ ।

# କମ୍ପୋଜିଟ୍ କମ୍ପିଟେଟିଭନେସ୍ ସଚେତନତା କର୍ମଶାଳା

ଭୁବନେଶ୍ୱର,(ସବ୍ୟୁ): ଓଡିଶାର ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଅଧିକ ସମୃଦ୍ଧ ଓ ପ୍ରତିଯୋଗୀ କରିବା ଲକ୍ଷ୍ୟରେ ସ୍ଥାନୀୟ ମେ ଫେୟାର୍ କନଭେନସନ୍ ଠାରେ ଏକ କମ୍ପୋଜିଟ୍ କମ୍ପିଟେଟିଭନେସ୍ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । କର୍ମଶାଳାରେ ନୀତି ନିର୍ମାତା, ଶିଳ୍ପ ଉଦ୍ୟୋଗୀ, ପରାମର୍ଶଦାତା, ଏମ୍ଏସ୍ଏମ୍ଇ ଅନୁଷ୍ଠାନରୁ ୨୦୦ରୁ ଅଧିକ ଯୋଗ ଦେଇ ପ୍ରତିସ୍ପର୍ଦ୍ଧା ବୃଦ୍ଧି, ସହଜ ଋଣ ସୁବିଧା, ସଶକ୍ତ ବଜାର ସଂଯୋଗ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରୀୟ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ଅତିରିକ୍ତ ଶାସନ ସଚିବ ଅତୀଶ କୁମାର ସିଂହ, ଅଧିକ ପୁଞ୍ଜି ନିବେଶ ଓ ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । ଏମ୍ଏସ୍ଏମ୍ଇ ମନ୍ତ୍ରାଳୟର ନିର୍ଦ୍ଦେଶକ ଅଙ୍କିତା ପାଣ୍ଡେ ରାମ୍ପ କାର୍ଯ୍ୟକ୍ରମର ଭୂମିକା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।





ଦକ୍ଷତା ବୃଦ୍ଧି, ଜେଡ୍ ସାର୍ଟିଫିକେସନ୍ ଓ ଅନଲାଇନ୍ ବିବାଦ ସମାଧାନ ଉପରେ ସେ ପ୍ରାଧାନ୍ୟ ଦେଇଥିଲେ । ଓଡିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଇ-କମର୍ସ ଓ ବିପଣନ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ମତ ବ୍ୟକ୍ତ କରିଥିଲେ । ଯୁଗ୍ମ ନିର୍ଦ୍ଦେଶକ ପି. କେ. ଗୁପ୍ତା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଜୋର ଦେଇଥିବା ବେଳେ ନ୍ୟାସନାଲ୍ ପ୍ରୋଜେକଫ ମ୍ୟାନେଜମେଣ୍ଟୟୁନିଟ୍ ମୁଖ୍ୟ ଡ଼. ମିଲନ୍ ଶର୍ମା ରାମ୍ପ ଓ୍ୱାର୍ଲ୍ଡ ବ୍ୟାଙ୍କ ସହଯୋଗିତାରେ ଚାଲିଥିବା ରାମ୍ପ ଯୋଜନାର ବହୁମୁଖୀ ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ । ଉଦ୍ୟୋଗୀମାନେ ତାଙ୍କର ସଫଳତା କାହାଣୀ ଉପସ୍ଥାପନ କରିଥିଲେ । ସରକାରୀ ସହାୟତା ଓ ଡିଜିଟାଲ୍ ବ୍ୟବସ୍ଥା ବ୍ୟବସାୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଯୁଗ୍ମ ସଚିବ ପ୍ରଫୁଲ୍ଲ କୁଜୁର ଏବଂ ଉପ-ନିର୍ଦ୍ଦେଶକ ନିତିଶା ମାନ୍ନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । କର୍ମଶାଳା କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରାଳୟ, ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ଏବଂ ଏମ୍ଏସ୍ଏମ୍ଇ-ଡିଏଫଓ, କଟକଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ।

### ଭଡାଘରୁ ମୃତଦେହ ଉଦ୍ଧାର ଘଟଣା

# ସନ୍ଧାନୀ କୁକୁର ସହାୟତାରେ ପୋଲିସର ଛାନଭିନ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଗ୍ରାମର ହନୁମାନଙ୍କ ସାହିରେ ଘର ଭଡା ନେଇ ରହୁଥିବା ବିଷ୍ଣୁଚରଣ ସାମଲଙ୍କର ମୃତଦେହକୁ ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଙ୍ଗଳବାର ଉଦ୍ଧାର କରିବା ପରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ବୁଧବାର ଶବ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।ଏ ସଂର୍ପକରେ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି ।ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ଖୋଳତାଡ କରିଥିବା ଜଣାପଡିଛି ।ପାରିପାଶ୍ୱର୍କ ସ୍ଥିତିକୁ ଆଧାର କରି ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଥିବା ବେଳେ ସୁଚିନ୍ତିତ ଉପାୟରେ ସଂପୃକ୍ତ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ନେଇ ସାଧାରଣରେ ସନ୍ଦେହ ଜାତ ହୋଇଛି ।ଏହି ଘଟଣାର ପ୍ରଛଦପଟ୍ଟରେ ଅନେକ କଥା ଲୁକ୍କାୟିତ ରହିଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଘଟଣାର ପର୍ଦ୍ଦାଫାସ ହୋଇପାରିବ ବୋଲି ଖଣ୍ଡପଡ଼ା ପୋଲିସ ସୂତ୍ରରୁ ଜଣାପଡିଛି । ପ୍ରକାଶଥାଉକି ଭଡାଘର ମଧ୍ୟରୁ ବିଷ୍ଣୁଚରଣଙ୍କ ଶବ ଉଦ୍ଧାର ବେଳେ ଘର ମଧ୍ୟରେ ରକ୍ତ ଛିଟା ପଡିଥିବା ନେଇ ନଜରକୁ ଆସିଥିଲା ।ମୃତ ବିଷ୍ଣୁଚରଣଙ୍କ ଘର ନୟାଗଡ ଜିଲ୍ଲାର ଗଣିଆ ବ୍ଲକ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ବୋଲି ଜଣାପଡିଛି ।ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ବିଷ୍ଣୁଚରଣ ଖଳିସାହି ଗ୍ରାମରେ ପରିବାର ସହ ଘର ଭଡା ନେଇ ରହୁଥିବା ବେଳେ ଘଟଣା ସମୟରେ ତାଙ୍କ ପତ୍ନୀଙ୍କ ଅନୁପସ୍ଥିତିରେ ନେଇ ମଧ୍ୟ ସାଧାରଣରେ ଆଲୋଚନା ହେଉଥିବା ଜଣାପଡିଛି । ନୟାଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଘଟଣାରେ ହସ୍ତକ୍ଷେପ କରିବାକୁ ମୃତ ବ୍ୟକ୍ତିଙ୍କ ବାପ ଘର ଲୋକ ଦାବି କରିଛନ୍ତି ।

### ଦେବଗିରି ପାହାଡ଼ ଉପରୁ ଗଳିତ ଶବ ଉଦ୍ଧାର

ନୀଳଗିରି, (ସବ୍ୟୁ): ପଞ୍ଚଲିଙ୍ଗେଶ୍ୱର ଦେବ ଗିରି ପାହାଡ଼ରୁ ଏକ ଅଚିହ୍ନା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମୃତକର ପରିଚୟ ମିଳୁ ନଥିବା ବେଳେ କିଏ ମାରିଲା, କଣ ପାଇଁ ମାରିଲା ଜଣା ପଡିନାହିଁ । ସୂଚନା ଅନୁସାରେ ନିଳଗିରି କୁଲଡ଼ିହା ସୀମାନ୍ତ ପଞ୍ଚଲିଙ୍ଗେଶ୍ୱର ଦେବ ଗିରି ପାହାଡ଼ ଉପରେ ଏକ ଗଳିତ ଶବର ଦୁର୍ଗନ୍ଧ ହେବାରୁ କିଛି ଲୋକ ସେଠାକୁ ଯାଇ ଗଳିତ ମୃତ ଦେହକୁ ଦେଖିବାକୁ ପାଇଥିଲେ । ପରେ ନିଳଗିରି ପୋଲିସକୁ ଖବର ଦେବା ପରେ ନିଳଗିରି ଥାନାର ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ଗଳିତ ମୃତ ଦେହକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି । ସେଫ୍ଟି ରେଲୱେ କମିଶନରଙ୍କ ସୋର-ରାଣୀତାଲ ଟ୍ରାକ୍ ପରିଦର୍ଶନ କରିଥିଲେ।

### ଯୁବକଙ୍କୁ ଛୁରା ମାଡ଼ : "କୋଇ ଭାଇ ନେହିଁ' ଗ୍ୟାଙ୍ଗର ୨ ଗିରଫ

ବ୍ରହ୍ମପୁର,(ସବ୍ୟୁ): ସୁବାରାଓ ଛକ ନିକଟ ଓଲିଭ ରେଷ୍ଟୁରାଣ୍ଟ ଗଳିରେ ଦିନେଶ କୁମାର ପଣ୍ଡା ନାମକ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା । ପୋଲିସ ଉକ୍ତ ଘଟଣାରେ ଟାଉନ ଥାନା ପୋଲିସ ୨ ଜଣ ପେଷାଦାର ଅପରାଧୀଙ୍କୁ ବାନ୍ଧିଛି ।ସେମାନେ ହେଲେ ଆଙ୍କୁଲି ଶିଳ୍ପାଞ୍ଚଳର ରାଜେଶ କୁମାର ମାଝୀ ଓରଫ ରିଙ୍କୁ (୩୮) ଓ ଗୋଇଲୁଣ୍ଡିର ଶ୍ରୀକାନ୍ତ ପଣ୍ଡା ଓରଫ ଜିଣ୍ଟୁ (୨୪) । ଉଭୟ "କୋଇ ଭାଇ ନେହିଁ(କେବିଏନ)' ଗ୍ୟାଙ୍ଗର ସଦସ୍ୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଉଭୟ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି ।ମାମଲା ନଂ୧୧୦/୨୬ ରେ ବୁଧବାର କୋର୍ଟ ଚାଲାଣ କରିଛି । ପ୍ରକାଶଥାଉକି, ୧୬ ତାରିଖ ଅପରାହ୍ନରେ ଖଲ୍ଲିକୋଟ କଲେଜ ଛକ ନିକଟରେ ଅଭିଯୁକ୍ତ ଶ୍ରୀକାନ୍ତ ପଣ୍ଡା ଓ ଅଭିଯୋଗକାରୀ ଦିନେଶ ପଣ୍ଡାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ଏହାର ପ୍ରତିଶୋଧ ନେବା ପାଇଁ ଶ୍ରୀକାନ୍ତ କେବିଏନ ଗ୍ୟାଙ୍ଗର ସଦସ୍ୟଙ୍କ ସହ ମିଶି ଦିନେଶଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ରାତି ପ୍ରାୟ ୯ଟା୨୦ ବେଳେ ଦିନେଶ ନିଜ ସାଙ୍ଗଙ୍କ ଘରକୁ ମିଶିବାକୁ ଯାଉଥିବାବେଳେ ଓଲିଭ ହୋଟେଲ ନିକଟରେ ଅଭିଯୁକ୍ତ ରିଙ୍କୁ ମାଝୀ, ଶ୍ରୀକାନ୍ତ ପଣ୍ଡା ସହ ଅନ୍ୟ ୫ ରୁ ୬ ଜଣ ବାଇକ୍ରେ ଆସି ତାଙ୍କୁ ଅଟକାଇଥିଲେ । ସେମାନେ ଦିନେଶଙ୍କୁ ଗୋଇଠା, ବିଧା ମାରିବା ସହ କୁରାଢ଼ୀ ଓ ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ପୋଲିସ ପହଞ୍ଚି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଅନ୍ୟପଟେ ଆହତ ଦିନେଶଙ୍କ ଚିକିତ୍ସା ଏବେବି ଏମକେସିଜିରେ ଜାରି ରହିଛି ।

# ମାଛ ଚାଷରେ ବ୍ୟବହାର ହେଉଛି ହରମୋନ

## ରାଜ୍ୟ ବାହାରୁ ଆମଦାନୀ ହେଉଛି ବର୍ଷକୁ ୨୬୦ ମେଟ୍ରିକ ଟନ

ଭୁବନେଶ୍ୱର, (ତଥ୍ୟ) : ମାଛ ଉତ୍ପାଦନ ବୃଦ୍ଧି ପାଇଁ ହରମୋନ ବ୍ୟବହାର ହେଉଛି। ଏଥି ସହିତ ରୋଗ ନିୟନ୍ତ୍ରଣ ଓ ଉତ୍କୃଷ୍ଟ ମାଛ ଜାଆଁଳ ଉତ୍ପାଦନ ପାଇଁ କିଛି ହରମୋନ ଓ କେମିକାଲ ବ୍ୟବହୃତ ହୋଇଥାଏ। ତେବେ ଏହା ବୈଜ୍ଞାନିକ ପଦ୍ଧତିରେ ଓ ସଠିକ ମାତ୍ରାରେ ବ୍ୟବହାର ହେଉଥିବା କହିଛନ୍ତି ମତ୍ସ୍ୟ ଓ ପ୍ରାଣି ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକା ମାଛ ଚାଷରେ ହରମୋନ ବ୍ୟବହାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ମାଛ ଜାଆଁଳର କୃତ୍ରିମ ପ୍ରଜନନ ଓ ଶୀଘ୍ର ବଢିବାପାଇଁ ହରମୋନ ବବହାର କରାଯାଉଛି। ଏଥିପାଇଁ ମାଛମାନଙ୍କୁ ହରମୋନ ଇଞ୍ଜେକସନ ଦିଆଯାଇଥାଏ। ମାଛମାନଙ୍କ କ୍ଷେତ୍ରରେ ଓଭାପ୍ରିମ, ଓଭାଟାଇଡ ଓ ଓଭା-ଏଫଏଚ ଭଳି ହରମୋନ ବ୍ୟବହାର ହୋଇଥାଏ। ଏହାଦ୍ୱାରା ରୋହି, ଭାକୁର, ମିରିକାଳୀ ଆଦି କାର୍ପ ମାଛର ନିୟନ୍ତ୍ରିତ ପ୍ରଜନନ ସମ୍ଭବ ହୋଇଥାଏ। ତିଳାପିଆ ବା ଚାଇନାକଉ ମାଛ ଚାଷ କ୍ଷେତ୍ରରେ ମଧ ଏହା ବ୍ୟବହାର ହୋଇଥାଏ। ତେବେ ମାଛ ଚାଷରେ ରସାୟନିକ ପଦାର୍ଥ ମୁଖତଃ ପାଣିର ଗୁଣବାରେ ସୁଧାର, ରୋଗ ନିୟନ୍ତ୍ରଣ ଓ ପୋଖରୀ ପରିଚାଳନା ପାଇଁ ବ୍ୟବହାର ହୋଇଥାଏ। ପୋଖରୀ ପାଣିରେ ପିଏଚ ସନ୍ତୁଳନ ପାଇଁ ଚୂନ ଓ ଜୀବାଣୁ ମୁକ୍ତ ପାଇଁ ବ୍ଲିଚିଂ ପାଉଡର ବ୍ୟବହାର ହୋଇଥାଏ। ଏହା ବ୍ୟତିତ ପୋଟାସିୟମ ପରମାଙ୍ଗାନେଟ, ଜିଓଲାଇଟ ଆଦି ପାଣିରେ ଆମେନିଆ ହ୍ରାସ ପାଇଁ ପକାଯାଇଥାଏ। ମାଛ ଚାଷରେ ହରମୋନ ଓ କେମିକାଲ ବ୍ୟବହାର କରିବା ସମୟରେ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରାଯାଉଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ଏପରିକି ଆଧୁନିକ ମାଛ ଚାଷରେ ଉତ୍ପାଦନ ବୃଦ୍ଧି ପାଇଁ ହରମୋନ ଓ କେମିକାଲର ମୁଖ ଭୂମିକା ରହିଥିବାରୁ ଏହାକୁ ସଠିକ ଓ ନିୟମ ମାନି ବ୍ୟବହାର କଲେ ମାଛ ଚାଷ କ୍ଷତିକାରକ ହେବା ବଦଳରେ ଅଧିକ ଲାଭଜନକ ତଥା ସ୍ୱାସ୍ଥ୍ୟ ଉପଯୋଗୀ ହେବ ବୋଲି କୁହାଯାଇଛି। ମାଛ ଆମଦାନୀ ସଂକ୍ରାନ୍ତରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜରେ ବର୍ଷକୁ ୯ ଲକ୍ଷ ଟନରୁ ସାମାନ୍ୟ ଅଧିକ ମାଛ ଆବଶ୍ୟକ ଥିବାବେଳେ ପାଖପାଖି ୧୨ଲକ୍ଷ ଟନ ମାଛ ଉତ୍ପାଦନ ହେଉଛି। ତେବେ ରାଜ୍ୟରେ ମଧୁରଜଳ ମାଛର ଅଧିକ ଚାହିଦା ରହୁଥିବାରୁ ଓଡିଶାକୁ ଛତିଶଗଡ ଭଳି ରାଜ୍ୟରୁ ବର୍ଷକୁ ୨୬୦ ମେଟ୍ରିକ ଟନ ମାଛ ଆମଦାନୀ କରୁଛି। ଓଡିଶା ପଡୋଶୀ ରାଜ୍ୟରୁ ବାର୍ଷିକ ପାଖାପାଖି ୩୦ହଜାର ମେଟ୍ରିକ ଟନ ମାଛ ଆମଦାନୀ କରୁଥିବାବେଳେ ଏଥିରେ ସିଂହଭାଗ ଆନ୍ଧ୍ରପ୍ରଦେଶର ରହିଛି। ଆନ୍ଧ୍ରରୁ ବର୍ଷକୁ ପାଖାପାଖି ୨୯ହଜାର ମେଟ୍ରିକ ଟନ ମଧୁରମାଛ ଆମଦାନୀ ହେଉଥିବାବେଳେ ପଶ୍ଚିମବଙ୍ଗ ଓ ଛତିଶଗଡରୁ ବି ମଧୁରଜଳ ମାଛ ଆମଦାନୀ ହେଉଛି। ସେହିଭଳି ମନ୍ତ୍ରୀ ତାଙ୍କ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ ଓଡିଶାପାଇଁ ବାର୍ଷିକ ୪୩୦ ହଜାର ମେଟ୍ରିକ ଟନ ମାଂସ ଆବଶକ ଥିବାବେଳେ ୫୦୩ କୋଟି ଅଣ୍ଡା ଆବଶକ ହେଉଛି। ଅଣ୍ଡା ଚାହିଦା ମେଣ୍ଟାଇବା ପାଇଁ ଓଡିଶାକୁ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ବର୍ଷକୁ ୯୦ କୋଟି ଅଣ୍ଡା ଆମଦାନୀ କରିବାକୁ ପଡୁଛି। ତେବେ ଓଡିଶାରୁ ଉତ୍ପାଦିତ ଅନୁରୂପ ସଂଖ୍ୟକ ଅଣ୍ଡା ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ଉତ୍ତରପୂର୍ବ ରାଜ୍ୟକୁ ରପ୍ତାନି ହେଉଥିବା ମନ୍ତ୍ରୀଙ୍କ ଉତ୍ତରରେ ଦର୍ଶାଯାଇଛି ।

### ପ୍ରତିଶ୍ରୁତିପରେ ସାମ୍ବାଦିକଙ୍କ ଧାରଣା ପ୍ରତ୍ୟାହୃତ

ନୀଳଗିରି, (ସବ୍ୟୁ): ନ୍ୟାୟ ଦାବିରେ ନୀଳଗିରିର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି ନୀଳଗିରି ଥାନା ସମ୍ମୁଖରେ ବୁଧବାର ସକାଳ ସାଢ଼େ ୯ଟାରେ ଧାରଣାରେ ବସିଥିଲେ । ସ୍ଥାନୀୟ ଏସଡିପିଓଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତିପରେ ଶ୍ରୀ ମହାନ୍ତି ଧାରଣାରୁ ଓହରିଥିବା ଦେଖାଯାଇଛି । ଗତ ମାର୍ଚ୍ଚ ୨ତାରିଖ ନୀଳଗିରି ଏନଏସି ଅନ୍ତର୍ଗତ ୯ନଂ ୱାର୍ଡ କହାଳିଆ ଗାଁରେ ଦୋଳଠାକୁରଙ୍କୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଥିବା ସମୟରେ,ଶ୍ରୀ ମହାନ୍ତି ଫଟୋଉତ୍ତୋଳନ କରୁଥିଲେ ।ସେହି ସମୟରେ ୩ ଜଣ ଯୁବକ ତାଙ୍କୁ ଆକ୍ରମଣକରି ,ତାଙ୍କ ମୋବାଇଲ ଛଡ଼ାଇନେଇଯିବା ସହିତ ଛାତିରେ ବିଧା ମାରିବାରୁ,ସେ ଘଟଣାସ୍ଥଳରେ ତଳେ ଅଚେତହୋଇ ତଳେ ପଡ଼ିଯାଇଥିଲେ ।ଖବରପାଇ ୧୧୨ ପୋଲିସଗାଡି ତାଙ୍କୁ ଉଦ୍ଧାରକରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା ।ସେଠାରୁ ସେ ସୁସ୍ଥ ହୋଇ ଫେରିବାପରେ ନୀଳଗିରି ଥାନା ରେ ଏକ ଲିଖିତଏତଲା ଦେଇଥିଲେ । ସୂଚନାଯୋଗ୍ୟ,ଘଟଣାଘଟିବା ଦିନ ତାଙ୍କ ପୁତ୍ର ମଧ୍ୟ ଏକ ଲିଖିତ ଏତଲା ଦେଇଥିଲେ ।ତେବେ ଉକ୍ତ ଘଟଣାକୁ ୧୫ ଦିନରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଶ୍ରୀ ମହାନ୍ତି ତାଙ୍କ ମୋବାଇଲ ଫେରି ପାଇନାହାଁନ୍ତି କିମ୍ବା ଅଭିଯୁକ୍ତଙ୍କ ଉପରେ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ପ୍ରତିବାଦରେ ପୂର୍ବ ସୂଚନା ମତେ ଶ୍ରୀ ମହାନ୍ତି ନୀଳଗିରି ଥାନାସମ୍ମୁଖରେ ଧାରଣାରେ ବସିଥିଲେ । ଏହି ଧାରଣାରେ ବରିଷ୍ଠ ସାମ୍ବାଦିକ ରାମ ଚନ୍ଦ୍ର ମହଲ, ଧୀରେନ୍ଦ୍ର ନାୟକ,ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲାଶାଖା ସଭାପତି ଲୋକନାଥ ଦଳେଇ,ବ୍ରଜକିଶୋର ପାଣି,କିରଣଜୀତ ବିଶ୍ୱାଳ,ଜଗନ୍ନାଥ ଦାସ, ସତ୍ୟରଞ୍ଜନ ମଲ୍ଲିକ, ଅଶେଷ ସ , ସମରେନ୍ଦ୍ର ବାରିକ,ଧର୍ମେନ୍ଦ୍ର ମହାକୁଡ, ଗଙ୍ଗାଧର ମିଶ୍ରଙ୍କ ସମେତ ବହୁ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସେଠାରେ ତାଙ୍କୁ ସମର୍ଥନକରି ଉପସ୍ଥିତ ଥିଲେ ।

### ଯୋଗାଣ ଶୃଙ୍ଖଳା ସହଭାଗୀତାକୁ ସୁଦୃଢ଼ କରିବା ନିମନ୍ତେ

# ନାଲ୍‌କୋ ପକ୍ଷରୁ ସର୍ବଭାରତୀୟ ବିକ୍ରେତା ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର,(ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ ଯୋଗାଣ ଶୃଙ୍ଖଳ ଉତ୍କର୍ଷତା ପାଇଁ ବିକ୍ରେତା ସହଭାଗୀତାକୁ ସୁଦୃଢ଼ କରିବା ବିଷୟବସ୍ତୁ ଆଧାରିତ ଏକ ସର୍ବଭାରତୀୟ ବିକ୍ରେତା ସମ୍ମିଳନୀ ଆୟୋଜିତ ହୋଇଛି। ଏହି ବୈଠକ କଞ୍ଚାମାଲ, ସ୍ପେୟାର, ଆନୁଷଙ୍ଗିକ ଏବଂ ଉପଯୋଗୀ ସାମଗ୍ରୀ ଏବଂ ଅନ୍ୟାନ୍ୟ ଜରୁରୀ ଇନପୁଟ୍ ଯୋଗାଣରେ ନିୟୋଜିତ ଦେଶବ୍ୟାପୀ ବିକ୍ରେତାମାନଙ୍କୁ ଏକତ୍ରିତ କରିବା ନିମନ୍ତେ ଏକ ସହଯୋଗୀ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ସୁଦୃଢ଼ ସମନ୍ୱୟ, ସ୍ୱଚ୍ଛତା ବୃଦ୍ଧି




କରିବା ଏବଂ ଯୋଗାଣ ଶୃଙ୍ଖଳ ଇକୋସିଷ୍ଟମରେ ଦୀର୍ଘକାଳୀନ ସହଭାଗୀତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି କାର୍ଯ୍ୟକ୍ରମରେ ଜାତୀୟ ଏସସି-ଏସଟି ହବ୍ (ଏନ.ଏସ.ଏସ.ଏଚ.ଓ), ଏମ.ଏସ.ଏମ.ଇ, ଭାରତୀୟ ପ୍ରାପ୍ୟ ବିନିମୟ ଲିମିଟେଡ୍ (ଆର.ଏକ୍ସ.ଆଇ.ଏଲ), ଏବଂ ସରକାରୀ ଇ-ମାର୍କେଟ ପ୍ଲେସ (ଜି.ଇ.ଏମ) ସମେତ ପ୍ରମୁଖ ଅଂଶୀଦାରମାନଙ୍କୁ ନେଇ ଉପସ୍ଥାପନା ଏବଂ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିକ୍ରେତା ସହଭାଗୀତାକୁ ସୁଦୃଢ଼ କରିବା, ଏମ.ଏସ.ଏମ.ଇ ସମ୍ବନ୍ଧୀୟ ସଦ୍ୟ ନୀତି , ଟି.ଆର.ଇ.ଡି.ଏସ ମାଧ୍ୟମରେ ସୁଯୋଗ ଏବଂ ଦକ୍ଷ କ୍ରୟ ପାଇଁ ଜି.ଇ.ଏମ ପ୍ଲାଟଫର୍ମକୁ ଉପଯୋଗ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଅଧ୍ୟକ୍ଷତା କରିଥିଲେ। ନାଲକୋର ବରିଷ୍ଠ ନେତୃତ୍ୱବୃନ୍ଦ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ) ଙ୍କ ସମେତ ପି. କେ. ଗୁପ୍ତା, ନିର୍ଦ୍ଦେଶକ (ଏମ.ଏସ.ଏମ.ଇ.-ଡି.ଏଫ.ଓ) ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥି ସହ, ଅଂଶଗ୍ରହଣକାରୀ ସଂସ୍ଥା ଏବଂ ନାଲକୋର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଥିଲେ ଯେ, ଆମ ଦେଶ ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଥିବାରୁ, ବିକ୍ରେତାମାନଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାରର ଆବଶ୍ୟକତା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମତ ବ୍ୟକ୍ତ କରି ସେ କହିଥିଲେ ଯେ, ବିକ୍ରେତାମାନଙ୍କୁ ପ୍ରତିଯୋଗିତାମୂଳକ ଏବଂ ଶିଳ୍ପ ମାନଦଣ୍ଡ ସହିତ ସମନ୍ୱୟ ରଖି ନିଜ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା, ଅଟୋମେସନ ଏବଂ ଡିଜିଟାଲ୍ ସମାଧାନ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ଏକୀକୃତ କରିବାକୁ ପଡ଼ିବ। ଏହା କେବଳ ଦକ୍ଷତା ଏବଂ ଗୁଣବତ୍ତା ଉନ୍ନତ କରିବା ପାଇଁ ନୁହେଁ ବରଂ ଯୋଗାଣ ଶୃଙ୍ଖଳ ଇକୋସିଷ୍ଟମରେ ସମୟୋଚିତ ବିତରଣ ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ମଧ୍ୟ ସହାୟକ ହେବ। ନାଲକୋରେ ଚାଲିଥିବା ସମ୍ପ୍ରସାରଣ ଯୋଜନା ଏବଂ ଆଲୁମିନିୟମର ବର୍ଦ୍ଧିତ ଚାହିଦା ବିଷୟରେ ଉଲ୍ଲେଖ କରି, ସେ ଅଧିକ ଉଦ୍ୟୋଗୀଙ୍କୁ ସାମିଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ଏମ.ଏସ.ଏମ.ଇ. ଏବଂ ମହିଳା ଉଦ୍ୟୋଗୀଙ୍କ ଅଂଶଗ୍ରହଣକୁ ସେ ଉତ୍ସାହିତ କରିଥିଲେ।

## ଦୁଇ ମାମଲାରେ ୧୧ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର, (ସବ୍ୟୁ) : ବଡଗଡ ଥାନା ପୋଲିସ ଭିନ୍ନ ଭିନ୍ନ ଦୁଇଟି ମାମଲାରେ ଜଣେ ମହିଳା ଓ ନାବାଳକଙ୍କ ସମେତ ୧୧ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୋଗକାରୀ ଆୟାଶ୍ରେଷ୍ଠ ପରିଜାଙ୍କ ଅଭିଯୋଗକୁ ନେଇ ୨୦୨୫ ମସିହା ସେପେଟମ୍ବର ୨ ତାରିଖରେ କେସ୍ ନମ୍ବର ୪୯୬ ଅନୁଯାୟୀ ବଡଗଡ ଥାନାରେ ମାମଲା ରୁଜୁ କରାଯାଇଥିଲା । ସେହି ମାମଲା ଆର୍ମ୍ସ ଆକ୍ଟରେ ହୋଇଥିଲେ ମଧ୍ୟ କେହି ଗିରଫ ହୋଇନଥିଲେ । ଅଭିଯୁକ୍ତମାନେ ଫେରାର ରହି ବହୁ ଅପରାଧିକ ମାମଲା ଘଟାଇ ଚାଲିଥିଲେ । ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପ୍ରତ୍ୟୁଷ ପ୍ରିୟାଂଶୁ ନାୟକ (୨୦), ସଂଗ୍ରାମ ନାୟକ (୨୦), ଆଦିତ୍ୟ କଅଁର (୨୧), ପୂଜା ପ୍ରିୟଦର୍ଶିନୀ (୨୦), ଶୁଭମ୍ ଦାସ (୨୨) । ଅନ୍ୟ ଅଭିଯୁକ୍ତ ନାବାଳକ ହୋଇଥିବାରୁ ତାଙ୍କ ନାମ ପ୍ରକାଶ କରି ହେଉନାହିଁ । ଏମାନଙ୍କ ନିକଟରୁ ଖଣ୍ଡା, ଛୁରି, ବାଇକ୍, ମୋବାଇଲ ଫୋନ୍ ପ୍ରଭୃତି ଜବତ ହୋଇଛି । ୨୦୨୬ ମାର୍ଚ୍ଚ ୧୨ ତାରିଖରେ ବଡଗଡ ଥାନାରେ ରୁଜୁ ହୋଇଥିବା ୧୬୫ ନମ୍ବର କେସ୍‌ର ଅଭିଯୋଗକାରୀ ଶଙ୍କର ପାଣି । ଶଙ୍କର ପାଣିଙ୍କ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କେ.ଲଇଲା ପ୍ରସାଦ (୨୦), କେ.ଆପା ରାଓ (୨୦), କେ. ପାପାମା (୪୦) ଓ ଅନ୍ୟ ଜଣେ ନାବାଳକ । ଏହି ମାମଲାରେ ଅଭିଯୋଗକାରୀ ଶଙ୍କର ପାଣିଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ । ଦୁଇଟି ମାମଲାର ଅଭିଯୁକ୍ତମାନଙ୍କ ଘର ବଡଗଡ ଥାନା ଅଞ୍ଚଳ ତିନୋଟି ବସ୍ତିରେ ହୋଇଥିବାରୁ ସେମାନେ ବିଭିନ୍ନ କଥାକୁ ନେଇ ବହୁ ସମୟରେ ଆକ୍ରମଣ କରି ଲୋକଙ୍କୁ ହଇରାଣ କରନ୍ତି । ଗିରଫ ଅଭିଯୁକ୍ତମାନଙ୍କ ନାଁରେ ଲକ୍ଷ୍ମୀସାଗର, ବଡଗଡ, କ୍ୟାପିଟାଲ ପ୍ରଭୃତି ଥାନାରେ ବହୁ ଅପରାଧିକ ମାମଲା ଥିବା ଜୋନ୍ ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଦୁଇଟି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ମହିଳା ହତ୍ୟାକାରୀକୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : ୨୦୨୪ ଜାନୁଆରୀ ମାସରେ ବାଲିଅନ୍ତା ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ମହିଳା ଆସାମୀ ସୁଙ୍କି ରଣାଙ୍କୁ କୋର୍ଟ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ କୋର୍ଟ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ଦୁଇବର୍ଷ ଜେଲ୍‌ରେ ରହିବାକୁ ହେବ ବୋଲି ରାୟରେ କୋର୍ଟ କହିଛନ୍ତି । ଆସାମୀ ସୁଙ୍କି ରଣା ଝାରସୁଗୁଡ଼ା ବାସିନ୍ଦା । ସେ ପୂର୍ବରୁ ଏକ ହତ୍ୟା ମାମଲାରେ ମଧ୍ୟ ଜଡିତ ଥିଲେ । କାରାଗାରରୁ ମୁକ୍ତି ପାଇବା ପରେ ପୁରୀର ଏକ ମନ୍ଦିରରେ ଚାରିବର୍ଷ ରହିଥିଲେ । ମୃତକ ବିଶ୍ୱଜିତ ନାୟକ ତାଙ୍କ ମା'ଙ୍କ ଜରିଆରେ ଆସାମୀ ସହିତ ପରିଚିତ ହୋଇଥିଲେ । ପରେ ଉଭୟଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ସୃଷ୍ଟି ହୋଇଥିଲା । ସୁଙ୍କି ମନ୍ଦିରର ମୁଖ୍ୟଙ୍କ ଅନୁମତି ନେଇ ନିଜ ଗାଁକୁ ଯାଉଛି ବୋଲି କହି ନିୟମିତ ଭାବେ ବିଶ୍ୱଜିତଙ୍କ ଘରକୁ ଯାଉଥିଲା । ୨୦୨୩ ମସିହା ଡିସେମ୍ବର ୩୦ ତାରିଖରେ ସେ ବିଶ୍ୱଜିତଙ୍କ ଘରକୁ ଆସି ସେଠାରେ ରହିଥିଲା । ତାକୁ ଫେରିଯିବା ଲାଗି ପୁରୀରୁ ବାରମ୍ବାର ଫୋନ ଆସୁଥିବାରୁ ସେ ବିଶ୍ୱଜିତଙ୍କୁ ପୁରୀକୁ ଯିବା ପାଇଁ ଅନୁମତି ଦେବାକୁ କହିଥିଲା । ବିଶ୍ୱଜିତ ତାଙ୍କ କଥାକୁ ଅଗ୍ରାହ୍ୟ କରିବାରୁ ୨୦୨୪ ମସିହା ଜାନୁଆରୀ ୧୨ ତାରିଖ ଅପରାହ@ରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ଝଗଡା ସମୟରେ ସୁଙ୍କି ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ ଏକ କାଠ ଫାଳିଆ ସାହାଯ୍ୟରେ ବିଶ୍ୱଜିତଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲା । ଯାହାଫଳରେ ଘଟଣାସ୍ଥଳରେ ବିଶ୍ୱଜିତଙ୍କ ମୃତ୍ୟୁ ହେଲା । ପରେ ସୁଙ୍କି ରକ୍ତରଞ୍ଜିତ କାଠ ଫାଳିଆ ଓ ପିନ୍ଧିଥିବା ବସ୍ତ୍ରକୁ ଲୁଚାଇ ରଖି ସନ୍ଧ୍ୟାବେଳେ ଅଟୋରେ ପୁରୀକୁ ଚାଲିଯାଇଥିଲା । ହେଲେ ତା'ବିରୋଧରେ ରୁଜୁ ହୋଇଥିବା ହତ୍ୟା ମାମଲାରେ ପୋଲିସ ତାକୁ ଖୋଜି ଗିରଫ କରି ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ କରିଥିଲା । ୧୭ଜଣ ସାକ୍ଷୀଙ୍କ ବୟାନ ଓ ପ୍ରାସଙ୍ଗିକ ଦସ୍ତାବିଜ୍ ଆଧାରରେ ଆସାମୀ ସୁଙ୍କି ରଣାଙ୍କୁ ଏହି ହତ୍ୟା ମାମଲାରେ କୋର୍ଟ ଦୋଷୀସାବ୍ୟସ୍ତ କରି ୩୦୨ ଦଫାରେ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ପାଇଁ ନିର୍ଦ୍ଦେଶ କରିଛନ୍ତି ।

## ମହିଳାଗୋଷ୍ଠୀ ବାଣ୍ଟିଲେ ଘୋଳଦହି

ଜଟଣୀ : ବିଗତ ପଥ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ମଞ୍ଚରେ




ଉପସ୍ଥିତ ଥିବା ଅତିଥି ମାନେ କରିଥିବା ଘୋଷଣା ଅନୁଯାଇ ସ୍ଥାନୀୟ ହରିଭାଇନା ଛକ ଠାରେ ଖୋଲାଯାଇଥିବା ଜଳଛତ୍ର କେନ୍ଦ୍ରରେ ମହିଳା ଗୋଷ୍ଠୀ ପକ୍ଷରୁ ଘୋଳଦହି ବଣ୍ଟନ ହୋଇଯାଇଛି । ମହିଳା ନେତ୍ରୀ ପୁଷ୍ପାଞ୍ଜଳି ଜେନା ଓ ଗୌରୀ ସାହୁଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନେକ ପଥଚାରୀ ଘୋଳଦହି ପିଇ ନିଜ ତୃଷ୍ଣା ମେଣ୍ଟାଇଥିଲେ ।




କଟକର ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରକାଶିତ ସ୍ୱର୍ଗୀୟ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଉପରେ ଆଧାରିତ ପୁସ୍ତକକୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉନ୍ମୋଚନ କରୁଛନ୍ତି।

## ଦୁର୍ନୀତି ସଂଘର୍ଷମଞ୍ଚ ବୈଠକ

ସାକ୍ଷୀଗୋପାଳ ,(ସବ୍ୟୁ): ଦୁର୍ନୀତି ସଂଘର୍ଷ ମଞ୍ଚ,ସତ୍ୟବାଦୀ ଶାଖାର କାର୍ଯ୍ୟ ନିର୍ବାହୀ ବୈଠକ ସ୍ଥାନୀୟ ପଞ୍ଚସଖା ପାଠାଗାର ପରିସରରେ ସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ଉପଦେଷ୍ଟା ଗୁଣ୍ଡୁଚି ବରାଳ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମଟିର ଉଦଘାଟନ କରିଥିଲେ ।ସାଧାରଣ ନଟବର ଆଚାର୍ଯ୍ୟ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଅରି ସହ- ସମ୍ପାଦକ ସୁରେନ୍ଦ୍ର ସାହୁ, ମଞ୍ଚ ଉପସଭାପତି ଦେବେନ୍ଦ୍ର ମହାପାତ୍ର ଓ ସମାଜ ସେବୀ ଦୋଳଗୋବିନ୍ଦ ଜେନା ଅଂଶ ଗ୍ରହଣ କରିଥିଲେ ।

## ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ, (ସବ୍ୟୁ) : ବୁଧବାର ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭର୍ଚୁଆଲରେ ଯୋଗ ଦେଇଥିଲେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ସେହିପରି ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଓବିସିସି ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ସହିତ ଜଡିତ ବିଭିନ୍ନ ପ୍ରକଳ୍ପ ରୂପରେଖ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା । ସେପଟେ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଶ୍ରୀମନ୍ଦିର ଏମାର ମଠ ଠାରେ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରୀ ସ୍ଥାପନା ନେଇ ପ୍ରସ୍ତୁତ ହୋଇଥିବା ଡିପିଆର ଉପରେ ବିଶେଷ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତିଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍ କମିଟିର ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଏମାର ମଠ ନିକଟରେ ବିଶ୍ୱସ୍ତରୀୟ ଲାଇବ୍ରେରୀ ସ୍ଥାପନା ହେବ । ଏଥିପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର ଉପରେ ବିଶେଷ ଆଲୋଚନା ହୋଇଥିଲା । ରଘୁନନ୍ଦନ ଲାଇବ୍ରେରୀରେ ଥିବା ସମସ୍ତ ପୁସ୍ତକର ଡିଜିଟାଇଜେସନ କରାଯିବ । ଜଗନ୍ନାଥ ସଂସ୍କୃତି ବିଷୟରେ ଏଠାରେ ଗବେଷଣା କରାଯିବ । ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ମଧ୍ୟ ସ୍ଥାପନା ହେବ ଏମାର ମଠ ନିକଟରେ। ସେହିପରି ସେବାୟତ ଗୁରୁକୁଳ ନିର୍ମାଣ ନେଇ ବୈଠକରେ ଆଲୋଚନା ହୋଇଥିଲା। ଗୁରୁକୁଳ ନିର୍ମାଣ ହେବାକୁ ଥିବା ସ୍ଥାନରେ ଜମି ଜବରଦଖଲ ହୋଇଥିବା ବେଳେ ଏହାକୁ ଖୁବଶୀଘ୍ର ଉଚ୍ଛେଦ କରାଯିବ। ସେହିପରି ସେବାୟତ ବାସଗୃହ ନିର୍ମାଣ ନେଇ ସମସ୍ତ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଦୀର୍ଘବର୍ଷ ଧରି ଗୁଣ୍ଡିଚା ମନ୍ଦିର ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିଛି। ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓବିସିସି ଦ୍ୱାରା ଜାରି ରହିଛି।

## ଠକ୍କରବାପା ଆଶ୍ରମରେ ସ୍ୱେଚ୍ଛାକୃତ ରକ୍ତଦାତା ସମ୍ମାନ ସମାରୋହ

ଭୁବନେଶ୍ୱର, (ସବ୍ୟୁ) : ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ବଡଚଣା ବ୍ଲକ ଓଳାଶୁଣୀର ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପାଦୁକା ଆଶ୍ରମ ବନ୍ଦରେଶ୍ୱର ଶୁଖୁଆପଡା ତଳମଠଠାରେ ଆୟୋଜିତ ରକ୍ତଦାନ ଶିବିରର ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ରେଡକ୍ରସର ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଛି। ଯୁବକମାନଙ୍କର ଏହି କାର୍ଯ୍ୟକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସ୍ମାରକୀପୀଠ ବାଲିପଡିଆ ଠକ୍କରବାପା ଆଶ୍ରମଠାରେ ଆୟୋଜିତ ଏକ ସମାରୋହରେ ଓ 'ସମ୍ବାଦର ପ୍ରତିଷ୍ଠାତା ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଅତିଥି ଭାବେ ଯୋଗ ଦେଇ ଏହି ପ୍ରମାଣପତ୍ର ପ୍ରଦାନ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଛନ୍ତି। ବଡଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ, ସଂଗ୍ରାମୀ ଏକାଡେମୀ ବନ୍ଦରେଶ୍ୱର ଓ ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ମାନଧାତା ସ୍ମୃତି ପରିଷଦ ବିକ୍ରମତିରଣ ପକ୍ଷରୁ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗତ ୧୩ ତାରିଖରେ ଆୟୋଜିତ ହୋଇଥିଲା। ଭାରତୀୟ ରିଜର୍ଭ ପୋଲିସ କମାଣ୍ଡୋ ମାନସ ସାମଲ ଏହାର ଉଦଘାଟନ କରିଥିଲେ। ପ୍ରାୟ ୩୫ ଜଣ



ଯୁବକ ରକ୍ତଦାନ କରିଥିଲେ । ଗତ ରବିବାର ଠକ୍କରବାପା ଆଶ୍ରମରେ ଆୟୋଜିତ ସମ୍ମାନ ସମାରୋହରେ ପ୍ରଥମେ ଅତିଥିମାନେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଫଳକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାକୃତ ରକ୍ତଦାତା ନରେଶ ପ୍ରଧାନ, ରାଜା ମହାନ୍ତି, ବିଶ୍ୱରଞ୍ଜନ ଦାଶ, ଶକ୍ତିମୟ ସାହୁ, ନିରଞ୍ଜନ ବେହେରା, ରଶ୍ମି ରଞ୍ଜନ ଦାଶ, ଅଶୋକ ମଲ୍ଲିକ, ସତ୍ୟରଞ୍ଜନ ସାମଲ, ପ୍ରିୟଜ୍ୟୋତି ମହାପାତ୍ର, ରାଧୁ ସାହୁ ପ୍ରମୁଖଙ୍କୁ ପ୍ରମାଣପତ୍ର ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ଯାଜପୁର ଜିଲ୍ଲା ସଭାପତି ଶ୍ରୀକାନ୍ତ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ବଡଚଣା ବିଡିଓ ରବିନ୍ଦ୍ର ନାଥ ପ୍ରଧାନ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବାଲିପଡିଆ ଯୁବକ ସଂଘର ସମ୍ପାଦକ ସୁବାସ ତ୍ରିପାଠୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ଚନ୍ଦ୍ରକାନ୍ତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା କବି ଭକ୍ତ ଚରଣ ସାହୁ, ବେତାର କଣ୍ଠଶିଳ୍ପୀ ଅଜୟ କୁମାର ଜେନା, ସାମ୍ବାଦିକ ତଥା ସାହିତ୍ୟ ଦର୍ପଣର ସମ୍ପାଦକ ବିମଳ ପତି, ସାମ୍ବାଦିକ ସମରେନ୍ଦ୍ର ମାହାଲା, ହେମନ୍ତ ଦାଶ, ପ୍ରଭାସ କୁମାର ଦାଶ, ମହେଶ୍ୱର ରାଉତ, ଶଶୀଭୂଷଣ ସାହୁ, ଜଗନ୍ନାଥ ପାଢ଼ୀ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ,ସମାଜସେବୀ ଚିତ୍ତରଞ୍ଜନ ତ୍ରିପାଠୀ, ସୁବ୍ରତ ସାମଲ ଓ ହିମାଂଶୁ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବକମାନେ ରକ୍ତଦାନ କରିବା କ୍ଷେତ୍ରରେ ସବୁ ସମୟରେ ଆଗକୁ ଆସିବାକୁ ଯାଜପୁର ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ରାଜ୍ୟ ସାଧାରଣ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ୨୫୦ କେଜି ଗଞ୍ଜେଇ ସମେତ ୨ କାର ଜବତ ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଅବକାରୀ ମୋବାଇଲ ସ୍କ୍ୱାର୍ଡ ବେଗୁନିଆ ଓ ସାରୁଅ ଶୁଖୁଆ ବଜାରରୁ ପୃଥକ ଭାବେ ଦୁଇଟି ସ୍ଥାନରୁ ୨୫୦ କେଜି ଗଞ୍ଜାଇ ଜବତ କରିଛି । ପୋଷ୍ଟାଲ ଛକ ଠାରେ ଚଢଉ କରି ୨୫-ବିଏଚ୍-୯୫୫୪-ଜି ନମ୍ବର ବିଶିଷ୍ଟ ଗୋଟିଏ ଧଳା ରଙ୍ଗ କାର ରୁ ୧୫୦ କେଜି ଗଞ୍ଜେଇ ଜବତ କରିଥିଲେ। ସେହିପରି ପୂର୍ବାହ୍ନରେ



ଏହି ଘଟଣାରେ କନ୍ଧମାଳ ଜିଲ୍ଲା ବିସିଆପଡା ଥାନା ବୋଇଡା ଗ୍ରାମର ସୁନୀଲ କୁମାର ଦିଗାଲ (୩୦), ଦେବରାଜ ଦିଗାଲ (୨୩) ଏବଂ କନ୍ଧମାଳ ଜିଲ୍ଲା ଜାଗେସପଙ୍ଗା ଥାନା କାମପଡ଼ା ଗାଁ ର ବ୍ରହ୍ମା କହଁର (୪୫)। ଫୁଲବାଣୀରୁ ଭୁବନେଶ୍ୱରକୁ ଗଞ୍ଜେଇ ପରିବହନ କରାଯାଉଥିବା ଖବର ପାଇ ଜିଲ୍ଲା ମୋବାଇଲ୍ ସ୍କ୍ୱାର୍ଡ ବୁଧବାର ସକାଳ ୬ଟାରେ ବେଗୁନିଆ ସାରୁଆ ଶୁଖୁଆ ବଜାର ରାସ୍ତାରୁ ଓଡି-୦୨-ଡିଜି-୭୫୫୮ ନମ୍ବର ବିଶିଷ୍ଟ ଏକ କାର ରୁ ୧୦୦ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ମୋବାଇଲ ସ୍କ୍ୱାର୍ଡ ୨ଟି କାର ଓ ୩ଟି ଫୋନ୍‌କୁ ଜବତ କରିଛି। ୫୦୬/୨୬ ଏବଂ ୫୦୭/୨୬ ଦୁଇଟି ମାମଲାରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଫିଟ୍‌ନେସ୍ ପାଇଁ ଗାଡି ପଡୋଶୀ ରାଜ୍ୟର ଏଟିଏସ୍‌କୁ ଯିବା ମାମଲା

# କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ରୋକ୍

କଟକ,(ସବ୍ୟୁ) : ଯେଉଁସବୁ ଜିଲ୍ଲାରେ ଫିଟ୍‌ନେସ୍ ପାଇଁ ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ୍(ଏଟିଏସ୍) ନାହିଁ ସେହିସବୁ ଜିଲ୍ଲାର ଗାଡ଼ିଗୁଡ଼ିକ ପଡ଼ୋଶୀ ରାଜ୍ୟକୁ ଫିଟନେସ ପାଇଁ ଯିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ଅଜବ ଆଦେଶକୁ ବିରୋଧ କରି ରୁଜୁ ମାମଲାରେ ହାଇକୋର୍ଟ ବୁଧବାର ଅନ୍ତରୀଣ ରୋକ୍ ଲଗାଇଛନ୍ତି । ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଯେଉଁସବୁ ଜିଲ୍ଲାରେ ଏଟିଏସ୍ ନାହିଁ ସେହିସବୁ ଜିଲ୍ଲାର ଗାଡ଼ି ଗୁଡ଼ିକ ପୂର୍ବଭଳି ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଫିଟ୍‌ନେସ୍ ପାଇପାରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ହାଇକୋର୍ଟ କେନ୍ଦ୍ର ସଡ଼କ ମନ୍ତ୍ରାଳୟ ଏବଂ ରାଜ୍ୟ ପରିବହନ ବିଭାଗକୁ ଜବାବ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି ।

ରାଜ୍ୟ ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରଣବ କୁମାର ପରିଜା ରୁଜୁ କରିଥିବା ଏହି ମାମଲାରେ ଦର୍ଶାଇଛନ୍ତି ଯେ, ଦୀର୍ଘବର୍ଷ ଧରି ଗାଡ଼ିର ଫିଟ୍‌ନେସ୍ ଏମ୍‌ଭିଆଇମାନଙ୍କ ଦ୍ୱାରା କରାଯାଇ ଆସୁଥିଲା । କିନ୍ତୁ ଏବେ କେନ୍ଦ୍ର ସଡ଼କ ମନ୍ତ୍ରାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ଏଟିଏସ୍‌ରେ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି । ଯେଉଁସବୁ ଜିଲ୍ଲାରେ ଏଟିଏସ୍ ଗତ ଫେବ୍ରୁଆରୀ ପହିଲା ସୁଦ୍ଧା କାର୍ଯ୍ୟକାରୀ ହୋଇପାରି ନାହିଁ ସେହି ସବୁ ଆରଟିଓଙ୍କ ଅଧୀନରେ ଆସୁଥିବା ଗାଡ଼ିଗୁଡ଼ିକ ଫିଟ୍‌ନେସ୍ ପାଇବା ପାଇଁ ପଡ଼ୋଶୀ ରାଜ୍ୟକୁ ଯିବାକୁ ପଡ଼ିବ ବୋଲି କୁହାଯାଇଥିଲା । ଓଡ଼ିଶାରେ ବର୍ତ୍ତମାନ କେବଳ କଟକ ଆରଟିଓଙ୍କ ଅଧୀନରେ ଗୋଟିଏ ମାତ୍ର ଏଟିଏସ୍ ରହିଛି । ଏହି ଏଟିଏସ୍‌ରେ ଗୋଟେ ଗାଡ଼ିକୁ ଫିଟ୍‌ନେସ୍ ପାଇବା ପାଇଁ ପ୍ରାୟ ଦୁଇ ମାସ ସମୟ ଅପେକ୍ଷା କରିବାକୁ ପଡୁଛି । ପୁଣି ସେଥିରେ କଟକ ସହ ପଡ଼ୋଶୀ ଜିଲ୍ଲାଗୁଡ଼ିକର ଗାଡ଼ିଗୁଡ଼ିକୁ ଯୋଡ଼ି ଦିଆଯାଇଛି ।

ଅର୍ଥାତ ଆହୁରି ୭/୮ଟି ଜିଲ୍ଲାର ଗାଡ଼ି ଆସି ଏହି ଗୋଟିଏ ଏଟିଏସ୍‌ରୁ ଫିଟ୍‌ନେସ୍ ନେବେ । ଫଳରେ ଗୋଟେ ଗୋଟେ ଗାଡ଼ିକୁ ଫିଟ୍‌ନେସ୍ ପାଇବା ପାଇଁ ମାସମାସ ଧରି ଅପେକ୍ଷା କରିବାକୁ ପଡ଼ିବ । ଅପରପକ୍ଷରେ ଅନ୍ୟ ଜିଲ୍ଲାଗୁଡ଼ିକର ଗାଡ଼ି ଗୁଡ଼ିକୁ ଫିଟ୍‌ନେସ୍ ପାଇବା ପାଇଁ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶ ଗଡ଼ ଏବଂ ଆନ୍ଧ୍ରପ୍ରଦେଶ ଯାଇ କରିବାକୁ ପଡ଼ିବ ବୋଲି କେନ୍ଦ୍ର ସଡ଼କ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। ଏଭଳି ଏକ ବିଜ୍ଞପ୍ତି ଦ୍ୱାରା ଗାଡ଼ି ମାଲିମାନଙ୍କୁ ହଇରାଣ ହରକତ ହେବାକୁ ପଡ଼ିବ। ଗାଡ଼ି ମାଲିକମାନେ ଉଭୟ ଆର୍ଥିକ ଏବଂ ମାନସିକ ନିର୍ଯାତନାର ଶିକାର ହେବେ ବୋଲି ଆବେଦନକାରୀ ଶ୍ରୀ ପରିଜା କହିଛନ୍ତି । ଗୋଟେ ପଟେ ରାଜ୍ୟରେ ଏଟିଏସ୍ ପାଇଁ ଭିତ୍ତିଭୂମି କରାଯାଇ ନଥିଲାବେଳେ ଏହାକୁ ବାଧ୍ୟତାମୂଳକ ଲାଗୁ କରିବାର ଆଇନର ବିରୋଧାଚରଣ କରୁଛି ବୋଲି ସେ କହିଛନ୍ତି। କେବଳ କିଛି କମ୍ପାନୀଙ୍କୁ ସୁବିଧା ଦେବାକୁ ଯାଇ ଏହି ବ୍ୟବସ୍ଥାକୁ ଜବରଦସ୍ତ ଲଦି ଦିଆଯାଉଛି । ହାଇକୋର୍ଟ ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ବିଧାୟକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

### ଜୁନ୍ ୩୦ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ

ଭୁବନେଶ୍ୱର , (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରରେ ନିର୍ମାଣାଧୀନ ବିଧାୟକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ ଅଗ୍ରଗତି ନେଇ ବୁଧବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଞ୍ଚଳ ଗସ୍ତ କରିବା ସହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମ୍ପୂର୍ଣ୍ଣ ଅଞ୍ଚଳ ବୁଲି ଦେଖିବା ସହ ବାକିଥିବା କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ବରିଷ୍ଠ ଅଧିକାରୀ ଏବଂ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ୬ଟି ଟାୱାରବିଶିଷ୍ଟ ଏହି ଆବାସିକ କମ୍ପ୍ଲେକ୍ସରେ ମୋଟ ୩୦୦ଟି ଫ୍ଲାଟ ରହିଛି । ସେଥି ମଧ୍ୟରୁ ୧୦୫ଟି ଟାଇପ୍ ୭ ଫ୍ଲାଟ୍ ରହିଥିବାବେଳେ ୧୯୫ଟି ଟାଇପ୍ ୬ ଫ୍ଲାଟ୍‌ର ବ୍ୟବସ୍ଥା ରହିଛି । କମ୍ପ୍ଲେକ୍ସରେ ୧୩୦ ଜଣ ବିଧାୟକ ଏବଂ ୧୭୦ ଜଣ ବରିଷ୍ଠ ଅଧିକାରୀ ରହିବା ଭଳି ବ୍ୟବସ୍ଥା ରହିବ । ଏଥି ସହିତ ପରିସରରେ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଭୂତଳ ଜଳ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହ ପରସରକୁ ସବୁଜ ବଳୟରେ ପରିଣତ




କରବା ପାଇଁ ବଡ଼ ବଡ଼ ଉପାଦେୟ ଗଛ ଲଗାଯିବ । ସେହିଭଳି ଅତିଥିମାନଙ୍କ ପାଇଁ ୫୦ କୋଠରିବିଶିଷ୍ଟ ଏକ କ୍ଲବ୍ ହାଉସ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଧାୟକ ବାବୁ ସିଂ, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଏବଂ ଠିକା ସଂସ୍ଥାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ତୃତୀୟ ଲାଇନ୍‌ରେ ୧୩୦ କି.ମି ବେଗରେ ଚାଲିପାରିବ ଟ୍ରେନ୍

ସୋର, (ସବ୍ୟୁ) : ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ସୋରଠାରୁ ରାଣୀତାଲ ପର୍ଯ୍ୟନ୍ତ ତୃତୀୟ ରେଳ ଲାଇନ୍‌ରେ ଗାଡି ଚଳାଚଳ ପାଇ ଦକ୍ଷିଣ-ପୂର୍ବ ସର୍କଲ ସେଫ୍ଟି ରେଲୱେ କମିସନର ବ୍ରିଜେଶ କୁମାର ମିଶ୍ର ପରିଦର୍ଶନ କରି ଏହି ନୂତନ ଲାଇନ୍‌ରେ ଦ୍ରୁତଗାମୀ ଗାଡ଼ି ୧୩୦ କି.ମିଟର ବେଗରେ ଟ୍ରେନ ଚଳାଚଳ କରିବାର କ୍ଷମତା ଥିବା ରେଳ ବିଭାଗକୁ ରିପୋର୍ଟ ପ୍ରଦାନ କରିଛନ୍ତି । ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଶ୍ରୀ ମିଶ୍ର ଏବଂ ତାଙ୍କ ସହିତ ଜେନେରାଲ ମ୍ୟାନେଜର ଅନୀଲ କୁମାର ମିଶ୍ର, ଖଡ଼ଗପୁର ଡିଆରଏମ୍ ଲଳିତ ମୋହନ ପାଣ୍ଡେ, ଆଦ୍ରା ଡିଆରଏମ୍ ମୁକେଶ ଗୁପ୍ତା, ଚକ୍ରଧରପୁର ଡିଆରଏମ ତୁଷାର ହୁରିଆ ଏବଂ ତାଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀମାନେ ସୋର ଷ୍ଟେସନକୁ ଟିକ୍‌ନିକ୍ ପରିଦର୍ଶନ କରି ନିରାପତ୍ତା ବ୍ୟବସ୍ଥାକୁ ପରୀକ୍ଷଣ କରିଥିଲେ ।

# ବାଘ ଭାଇନା ଦେଲେ ସ୍ୱଚ୍ଛତାର ବାର୍ତ୍ତା



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବାସୀଙ୍କ ନିକଟରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ହୋଇଥିଲା 'ବାଘ ଭାଇନାଙ୍କ ସ୍ୱଚ୍ଛତା ୱାକ୍' । ମାନନୀୟ ଡେପୁଟୀ ମେୟର ଇ ବିବେକ ରେଡ୍ଡୀ, ମହାନଗର ନିଗମ ଆୟୁକ୍ତ ଏ ସଶ୍ୟା ରେଡ୍ଡୀ, ବିଧାୟକ ପ୍ରତିନିଧି ତଥା ସ୍ପେସଲ ଭିଜିଲାନ୍ସ ପିପି ଅଶୋକ କୁମାର ଶୁକ୍ଳ, ବହୁ କର୍ପୋରେଟର ଏବଂ ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାନଗର ନିଗମ କାର୍ଯ୍ୟାଳୟ ପରିସରରୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସ୍ୱଚ୍ଛତା ୱାକ୍ରେ ଆମ ସମସ୍ତଙ୍କ ପ୍ରିୟ 'ବାଘ ଭାଇନା'ଙ୍କ ସହ ପାଦ ମିଶାଇଥିଲେ ଶତାଧିକ ଉତ୍ସାହୀ ବ୍ରହ୍ମପୁରବାସୀ। ସହରର ସ୍ୱଚ୍ଛତାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିବା ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ବ୍ରହ୍ମପୁରକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବା ପାଇଁ ବାଘ ଭାଇନା ସମସ୍ତଙ୍କୁ ଓଦା ଓ ଶୁଖିଲା ଅଳିଆ ପୃଥକୀକରଣ ଏବଂ ପ୍ଲାଷ୍ଟିକ ବର୍ଜନ, ସେପ୍ଟିକ ଟାଙ୍କିର ସଫେଇ ନିମନ୍ତେ ୧୪୪୨୦ର ବ୍ୟବହାର ସମ୍ପର୍କରେ ସଚେତନ ଆରମ୍ଭ କରିଥିଲେ ।

## ସମାଧାନ ହେବ ବାରିପଦା ସହର ଡ୍ରେନେଜ ସମସ୍ୟା

# ଷ୍ଟର୍ମ ୱାଟର ମ୍ୟାନେଜମେଣ୍ଟକୁ ନେଇ ଡ୍ରେନେଜ୍ ମାଷ୍ଟର ପ୍ଲାନ




ବାରିପଦା, (ସବ୍ୟୁ) : ବାରିପଦା ସହରର ଡ୍ରେନେଜ ସମସ୍ୟାର ସମାଧାନ ହେବାକୁ ଯାଉଛି। ବୃହତ୍ତର ବାରିପଦା ସହର କଳେବରକୁ ଦୃଷ୍ଟିରେ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡିଛନ୍ତି। ଏନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ବୁଧବାର ପୌରପାଳିକା ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନଗରପାଳ ଶ୍ରୀ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ମୟୂରଭଞ୍ଜ ଜଳସେଚନ ନିର୍ବାହୀ ଯନ୍ତ୍ରୀ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ, ୱାଟକୋ ସାଧାରଣ ପରିଚାଳକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଶେଷଜ୍ଞ ମାନେ ଯୋଗ ଦେଇଥିଲେ। ସର୍ଭେ ହୋଇ ପ୍ରସ୍ତୁତ ମାଷ୍ଟର ପ୍ଲାନକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଥିଲା। ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାମ୍ବାଦିକ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ବାରିପଦା ସହର ବର୍ଷା ଜଳ ନିଷ୍କାସନ ବଡ଼ ସମସ୍ୟା ଥିବା ବେଳେ ସ୍ଥାୟୀ ସମାଧାନ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମହାରାଷ୍ଟ୍ରର ପୁଣେ ସ୍ଥିତ ପରାମର୍ଶଦାତା ସଂସ୍ଥା ୟୁନିଟି ଆଇଇ କମ୍ପାନୀ ଦ୍ୱାରା ଉକ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଉକ୍ତ ମାଷ୍ଟର ପ୍ଲାନ କମ୍ପାନୀ ପକ୍ଷରୁ ପିପିଟି ଜରିଆରେ ପ୍ରଦର୍ଶନ କରାଯାଇଥିଲା। ବର୍ଷା ଓ ବନ୍ୟା ପାଣିକୁ ନିୟନ୍ତ୍ରଣ କରିବା ପାଇଁ ସୁଗମ ଡ୍ରେନେଜ ବ୍ୟବସ୍ଥା ନିମନ୍ତେ ୨୦୨୩ରୁ ସର୍ଭେ ଆରମ୍ଭ ହୋଇଥିଲା। ବାରିପଦା ପୌରପାଳିକାର ୨୮ଗୋଟି ୱାର୍ଡ ଓ ଆଖପାଖ ଅଞ୍ଚଳରେ ୩ବର୍ଷ ଧରି ସର୍ଭେ କରିବା ପରେ ଏକ ବ୍ୟାପକ ଷ୍ଟର୍ମ ୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରାଯାଇଛି। ବାରିପଦା ସହରରେ ୨୧୦କିମି ପୁରୁଣା ଡ୍ରେନ ଗୁଡ଼ିକ ରହିଛି। ଡ୍ରେନର ସ୍ଥିତି ଅନୁଧ୍ୟାନ କରି ତାହାକୁ କିପରି ସଂଯୋଗ କରି ଡ୍ରେନେଜ ବ୍ୟବସ୍ଥା ହେବ ସର୍ଭେ କରାଯାଇଛି। ଏହାସହିତ ବାରିପଦା ସହରରେ ବୃଷ୍ଟିପାତ ତଥ୍ୟ ନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଫାଇନାଲ ସର୍ଭେ ରିପୋର୍ଟ ପ୍ରତି ୱାର୍ଡର ସ୍ଥିତି ଅନୁଯାୟୀ ୱାର୍ଡ କାଉନସିଲରଙ୍କ ମତାମତ ନେଇ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ବାରିପଦା ପୌରପାଳିକାର ପ୍ରାୟ ୧,୫୮,୦୦୦ ଜନ ସଂଖ୍ୟା ରହିଛି। ଆଗାମୀ ୩୦ବର୍ଷ ଜନସଂଖ୍ୟାକୁ ନେଇ ଡିଜାଇନ ପ୍ରସ୍ତୁତ କରାଯାଇଛି। ବାରିପଦା ସହରକୁ ୬ଟି କ୍ୟାଚମେଣ୍ଟରେ ଭାଗ କରି ୪୩.୭୪ବର୍ଗ କିମି ସର୍ଭେ କରାଯାଇଛି। ସଠିକ ଭାବେ ଡ୍ରେନେଜ ନହୋଇ ପାଣି ଜମି ରହିବା ଦ୍ୱାରା ମାଟି ତଳକୁ ଯାଇ ଭୂତଳ ଜଳସ୍ତରକୁ ପ୍ରଦୂଷିତ କରୁଛି। ତେଣୁକରି ଭୂତଳ ଜଳ ଦୂଷିତ ନହେବାକୁ ମଧ୍ୟ ବ୍ୟବସ୍ଥା ହୋଇଛି। ଜନସାଧାରଣଙ୍କର ସମସ୍ତ ପ୍ରକାର ସୁବିଧାକୁ ଦୃଷ୍ଟିରେ ରଖି ପ୍ରକଳ୍ପକୁ ଦୀର୍ଘ ମିଆଦି କାର୍ଯ୍ୟକାରିତାକୁ ସ୍ୱତନ୍ତ୍ର ଦୃଷ୍ଟିରେ ରଖି ଯୋଜନାର ରୂପାୟନ ହୋଇଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଡାଟା ସଂଗ୍ରହ କରାଯାଇଛି। ଏହି ଯୋଜନାର ବିସ୍ତୃତ ଭାବେ ଆଲୋଚନା ପରେ ଡିପିଆର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ନିକଟରେ ଅର୍ଥ ଅନୁମୋଦନ ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହାଦ୍ୱାରା ବର୍ଷା ଦିନେ ବାରିପଦା ସହରବାସୀ ଭୋଗୁଥିବା ଜଳବନ୍ଦୀ ସମସ୍ୟାରୁ ମୁକ୍ତ ପାଇବା ଦିଗରେ ଏହି ମାଷ୍ଟର ପ୍ଲାନ୍ ଅତ୍ୟନ୍ତ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମାନେ ଆଶା ପ୍ରକଟ କରିଛନ୍ତି। ଉକ୍ତ ବୈଠକରେ ଜନସାଧାରଣ ଉପସ୍ଥିତ ରହି ମାଷ୍ଟର ପ୍ଲାନକୁ ସ୍ୱାଗତ କରିବା ସହ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ରୟାଲ୍ କଲେଜ୍ ଅଫ୍ ଫାର୍ମାସି ଆଣ୍ଡ୍ ହେଲଥ ସାଇନ୍ସେସର ବାର୍ଷିକୋତ୍ସବ

ବ୍ରହ୍ମପୁର, (ସବ୍ୟୁ): ରୟାଲ କଲେଜ ଅଫ ଫାର୍ମାସୀ ଏଣ୍ଡ ହେଲଥ ସାଇନ୍ସସର ବାର୍ଷିକ ଉତ୍ସବ 'ରୟାଲ ଭାଇସେନ୍ସ- ୨୦୨୬ ଅନ୍ଧପସରା ରୋଡ଼ ସ୍ଥିତ କଲେଜ୍ ପରିସରରେ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୫୦ ଛାତ୍ର/ଛାତ୍ରୀ, ୮୦ ଜଣ ଶିକ୍ଷକ-ଶିକ୍ଷୟତ୍ରୀ ଓ କର୍ମଚାରୀ ସହିତ ଅଭିଭାବକମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କଲେଜର ଅଧକ୍ଷା ପ୍ରଫେସର ଏନ୍. ଉଷା ରାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସେ କଲେଜର ଅବିରତ ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଏହାର ଅବଦାନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଦୁର୍ଗା ମାଧବ ଶତପଥୀ, ଏମକେସିଜି ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ, କଲେଜର ଏପରି କାର୍ଯ୍ୟକ୍ରମକୁ ସନ୍ତୋଷ ବ୍ୟକ୍ତ କରିବା ସହ ହେଲଥ କେୟାର ବ୍ୟବସ୍ଥାରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଅତୁଳନୀୟ ବୋଲି ସ୍ୱୀକାର କରିଥିଲେ। ମୁଖ୍ୟବ୍ୟକ୍ତା ପ୍ରଫେସର ୱାଇ. ରୋଜା ରମଣୀ (ଓୟୁଏଚଏସ, ଭୁବନେଶ୍ୱର) ଓ ସମ୍ମାନୀତ ଅତିଥି ପ୍ରଫେସର ବି. ନାଗେଶ୍ୱର ରାଓ ସୁବୁଧି, ରୁବି ଚକ୍ଷୁ ହସ୍ପିଟାଲର ଅଧକ୍ଷ, ସମାଜ ସେବାରେ ଫାର୍ମାସି ପେଶାର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଔଷଧର ଅନ୍ତିମ ଉପଭୋକ୍ତାଙ୍କ ସହ ଯୋଗାଯୋଗ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହି ଉଦଘାଟନୀ ଉତ୍ସବରେ କଲେଜର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ଼. ପି. ନ. ମୃତ୍ତି ଓ ତାଙ୍କ ସହଧର୍ମିଣୀ ଯୋଗ ଦେଇଥିଲେଛ ରୟାଲ୍ ଏଜୁକେସନାଲ୍ ଏଣ୍ଡ ରିସର୍ଚ୍ଚ ସୋସାଇଟିର ଅଧକ୍ଷ ଡା. ଟି. ପ୍ରକାଶ ରାଓ ସୁସ୍ଥ ସ୍ୱାସ୍ଥ୍ୟ, ଜ୍ଞାନ ଓ କୌଶଳର ଗୁରୁତ୍ୱ ଉପରେ ଆଲୋକ ପାତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଅବଧିରେ ସର୍ବୋତ୍କୃଷ୍ଟ ଜ୍ଞାନ ଅର୍ଜନ କରିବାକୁ ପ୍ରେରିତ କରିଥିଲେ। ଭାଇସ୍ ପ୍ରିନ୍ସିପାଲ୍ ପ୍ରଫେସର ଉମା ଶଙ୍କର ମିଶ୍ର ଛାତ୍ର/ଛାତ୍ରୀଙ୍କୁ ପ୍ରେରଣା ଦେଇ ଶିକ୍ଷା ଓ ନିୟମିତତାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ର /ଛାତ୍ରୀ ମାନଙ୍କୁ ବିଭିନ୍ନ ପୁରସ୍କାର ଦିଆଯାଇଥିଲା। ଡା. ଶୈଳେଶ୍ୱର ରାୟ ସ୍ମୃତି ସର୍ବଶ୍ରେଷ୍ଠ ବି. ଫାର୍ମା ପୁରସ୍କାର -୨୦୨୫ ଦିଆଯାଇଥିବା ବେଳେ ସୁଶ୍ରୀତା ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ଡି. ଫାର୍ମା ପୁରସ୍କାର -୨୦୨୫ ଓ ଦେବ ଦୀପ ରାୟ ସ୍ମୃତି ପୁରସ୍କାର ସର୍ବଶ୍ରେଷ୍ଠ ଫାର୍ମାକଲୋଜି -୨୦୨୫ ସମୀକ୍ଷା ସୌମ୍ୟଶ୍ରୀ ଫର୍ମାକୋଲୋଜି -୨୦୨୫ ପୁରସ୍କୃତ କରାଯାଇଥିଲା। ସେହିପରି ଦେବଦୀପ ରାୟ ସ୍ମୃତି ବ୍ୟାଡ଼ମିଣ୍ଟନ ଚମ୍ପିୟାନ -୨୦୨୫ ଦେବଆନନ୍ଦ ପାଢ଼ୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା କ୍ଷେତ୍ରରେ ବ୍ୟାଡ଼ମିଣ୍ଟନ, କ୍ରିକେଟ, ଭଲିବଲ, କାରମ, ଚେସ, ଟଗ ଅଫ ୱାର, ଖୋ -ଖୋ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲାଛ ସାହିତ୍ୟ ଓ କଳା କ୍ଷେତ୍ରରେ ରଚନା, ଡିବେଟ, କୁଇଜ, ମେହେନ୍ଦି, ରଙ୍ଗୋଲି, ପ୍ରମୁଖ ପ୍ରତିଯୋଗିତା ହୋଇଥିଲା। ଫର୍ମାସିୟୁ-ଟିକାଲ ମଡେଲ ପ୍ରଦର୍ଶନୀ ମଧ୍ୟ ଆୟୋଜିତ କରାଯାଇ କୃତି ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉଦଘାଟନୀ କାର୍ଯ୍ୟକ୍ରମକୁ ଆଶିଷ ସାହୁ ସମନ୍ୱୟ କରିଥିଲେ ଓ ଶୁଭମ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ମା' ପୁଅ ଓ ଅନ୍ୟ ଦୁଇଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ : ୪ ଗିରଫ

ଆସିକା, (ସବ୍ୟୁ): କୋଟିନଡ଼ା ଥାନା ଭେଟନୟୀ ଗ୍ରାମରେ ମହିଳାଙ୍କ ସହିତ ତାଙ୍କ ପୁଅ ଓ ଅନ୍ୟ ଦୁଇ ଜଣକୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରିବା ଘଟଣାରେ କୋଟିନଡ଼ା ପୋଲିସ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ଶଙ୍କର ସେଠୀ, ସନ୍ତୋଷ କୁମାର ସେଠୀ, ସୁଶାନ୍ତ ସେଠୀ, ନରେଶ କୁମାର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଥିବା ବେଳେ ଆଇନ ହାତକୁ ନେଇ ଏଭଳି ଭାବେ ମହିଳାଙ୍କୁ ଆକ୍ରମଣ ସାଧାରଣରେ ଆଲୋଡ଼ନ ଖେଳାଇଚ। ଆସିକା ବ୍ଲକ କୋଟିନଡ଼ା ଥାନା ଭେଟନୟୀ ଗ୍ରାମର ଧୋବା ସାହିରେ ଗତ ୧୬ ତାରିଖ ସକାଳୁ ତାପଶ ସେଠୀ ସହିତ ତାର ଦୁଇ ଜଣ ସାଙ୍ଗ ବଡଖୋଲି ଗ୍ରାମ ର ବୁଲୁ ପ୍ରଧାନ ଓ କେଶରାପଲ୍ଲୀ ଗ୍ରାମର ସଞ୍ଜୟ ପ୍ରଧାନକୁ ତାପଶର ଘରୁ ଟାଣି ଆଣି ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଏବଂ ଏହାର ପ୍ରତିବାଦ କରିବାରୁ ତାର ମା'ଙ୍କୁ ମଧ୍ୟ ମାଡ଼ ମାରିବା ନେଇ ଅଭିଯୋଗ । ଜଣକୁ ତାଙ୍କ ପୁଅ ସହିତ ଅନ୍ୟ ଦୁଇ ଜଣ ଯୁବକଙ୍କୁ ମାଡ଼ ମାରିବା ସେହି ସମୟର ଭିଡିଓ କରି ଭାଇରାଲ କରିବା ନେଇ କୋଟିନଡ଼ା ଥାନାରେ ଅଭିଯୋଗ ପରେ ପୋଲିସ ଚାରି ଅଭିଯୁକ୍ତ କୁ ଗିରଫ କରିଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦାମୋଦର ବିହାରୀ କହିଛନ୍ତି ।

# ଶିକ୍ଷାନୀତି ୨୦୨୦କୁ ନେଇ କାର୍ଡ଼ ଅନୁଷ୍ଠାନ ପକ୍ଷରୁ ତିନିଦିନିଆ କର୍ମଶାଳା

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ବୈକୁଣ୍ଠନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଭାକକ୍ଷରେ କାର୍ଡ଼ ଅନୁଷ୍ଠାନ ବ୍ରହ୍ମପୁରଙ୍କ ଆନୁକୂଲ୍ୟରେ ଭିନ୍ନକ୍ଷମ ପିଲାମାନଙ୍କ ଅର୍ନ୍ତଭୂତି ଶିକ୍ଷା ପାଇଁ ଶିକ୍ଷାନୀତି ୨୦୨୦ ଉପରେ ଭିନ୍ନକ୍ଷମ ପିଲାଙ୍କ ଅଭିଭାବକ, ଶିକ୍ଷକ, ସ୍ୱେଚ୍ଛାସେବିକ ଏବଂ ଯୁବକ ଓ କିଶୋରୀ ମାନଙ୍କୁ ନେଇ ଏକ ତିନି ଦିନିଆ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶ କିଟ୍ ଓ କିସ୍ ଶିକ୍ଷା ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ଦାଶ ପଞ୍ଚାୟତରାଜ ବିଭାଗ ଓଡ଼ିଶା ସରକାର ଯୋଗ ଦେଇ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଭାରତ ସରକାର ଶିକ୍ଷା ଅନ୍ତର୍ଭୁକ୍ତ ଶିକ୍ଷାନୀତି ଅନ୍ତର୍ଭୁକ୍ତ ୨୦୨୦ର ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ଷମ ସମ୍ପର୍କରେ ଭିନ୍ନକ୍ଷମ ପିଲାମାନେ ପାଠ ପିବା ପାଇଁ କଣ ସୁବିଧା ପାଇବେ ତାହା ଉପରେ ବୁଝାଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗଞ୍ଜାମ ଯୋଗ ଦେଇ ଭିନ୍ନକ୍ଷମ ପିଲାଙ୍କ ପାଠ ପିବା ପାଇଁ ସରକାର କଣ ନୀତିନିୟମ ପ୍ରଣୟନ କରିଛନ୍ତି ଏବଂ ଏହା ଦ୍ୱାରା ଭିନ୍ନକ୍ଷମ ପିଲାମାନେ ପାଠ ପିବା ପାଇଁ ପ୍ରୋତ୍ସାହନ ରାଶି, ସାର୍ଟିଫିକେଟ୍, ଟ୍ରାଇ ସାଇକେଲ୍, କର୍ଣ୍ଣଯନ୍ତ୍ର, ହୁଇଲ୍ ଚେୟାର, ଆଶାବାଡ଼ି ଇତ୍ୟାଦି ଉପକରଣ ଯୋଗାଇ ଦିଆଯାଉଅଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଶରତ ଚନ୍ଦ୍ର ମହାରଣା ଅତିରିକ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୋଗଦେଇ ଶିଶୁମାନଙ୍କ ନିମନ୍ତେ ସୁରକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ହଜିଯାଇଥିବା ଓ ଖରାପ ଆଚରଣ କରୁଥିବା ଶିଶୁମାନଙ୍କୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷା ଗୃହ ମଧ୍ୟରେ ରଖି ପାଠ ପିବା ଏବଂ ପରାମର୍ଶ ଜରିଆରେ ତାଙ୍କର ଚରିତ୍ରକୁ ପରିବର୍ତ୍ତନ କରି ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଅଛି ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମକୁ କାର୍ଡ଼ ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ସାହୁ ଉକ୍ତ କର୍ମଶାଳା ପରିଚାଳନା କରିବା ସଙ୍ଗେ ସଙ୍ଗେ ତିନିଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇବା ସହ କାର୍ଡ଼ ଅନୁଷ୍ଠାନ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ବୃନ୍ଦାବନ ପଣ୍ଡା ସମ୍ପାଦକ ଜିପିଏସ୍‌ଏସ୍ ଯୋଗଦେଇ ଉକ୍ତ କର୍ମଶାଳା ଦ୍ୱାରା ଶିକ୍ଷାନୀତି ସମ୍ବନ୍ଧରେ ଭିନ୍ନକ୍ଷମ ଅଭିଭାବକ, ଶିକ୍ଷକ, ସ୍ୱେଚ୍ଛାସେବକ ଏବଂ ଜନସାଧାରଣମାନେ ମଧ୍ୟ ସଚେତନ ହୋଇପାରିବା ସଙ୍ଗେ ସଙ୍ଗେ ସେମାନଙ୍କ ପିଲାଙ୍କ ପାଇଁ ମିଳୁଥିବା ସୁବିଧା ଦାବି କରିପାରିବେ କହିଥିଲେ । ଏହା ସହ ପୂର୍ବତନ ସିଡ଼ବ୍ଲ୍ୟୁସି ମେମ୍ବର ଅଳକା ସାହୁ ଯୋଗଦେଇ ଯୁବତୀମାନଙ୍କ ଶିକ୍ଷାନୀତି ଏବଂ ଯୌତୁକ ଏବଂ ବିବାହର ବୟସ ସମ୍ପର୍କରେ ବୁଝାଇଥିଲେ । ଏହି କର୍ମଶାଳାରେ ୭୦ ଜଣ ବିଭିନ୍ନ ବ୍ୟକ୍ତି ଯଥା ଅଭିଭାବକ, ଶିକ୍ଷକ, ଯୁବକ, ଭିନ୍ନକ୍ଷମ ଯୁବକ/ଯୁବତୀ, କିଶୋରୀ ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ଶେଷରେ ଅନୁଷ୍ଠାନର ପ୍ରଣତି ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା

# ଅଗ୍ନି ସୁରକ୍ଷା ନିରୀକ୍ଷକ ହେବେ ନିଯୁକ୍ତି




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନି ନିରୋଧ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଓସ୍ୱାନ୍ ପ୍ଲାଟଫର୍ମ ମାଧ୍ୟମରେ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନିକାଣ୍ଡ ପ୍ରତିରୋଧ ପାଇଁ ଆବଶ୍ୟକ ଭିତ୍ତିଭୂମି, ପୂର୍ବ ପ୍ରସ୍ତୁତି, ଅଗ୍ନି ସୁରକ୍ଷା ନିୟମାବଳୀର କଠୋର ପାଳନ, ଫାୟାର ସେଫ୍ଟି ଅଡିଟ୍‌ର ନିୟମିତ ପରିଚାଳନା, ଫାୟାର ଫାଇଟିଂ ଉପକରଣର ସଠିକ୍ ସ୍ଥାପନ ଓ ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ସୁରକ୍ଷା, ଜଳ ଯୋଗାଣ ବ୍ୟବସ୍ଥା, ଏବଂ ଆପାତକାଳୀନ ସ୍ଥିତିରେ ଦ୍ରୁତ ଓ ସମନ୍ୱିତ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ସମ୍ପର୍କିତ ବିଭାଗକୁ ସଂପୃକ୍ତ ସଂସ୍ଥାନଗୁଡିକରେ ଅଗ୍ନି ସୁରକ୍ଷା ମାନର ସୂଚାରୁ ରୂପେ ପାଳନ କରିବା, ସମୟ ସମୟରେ ନିରୀକ୍ଷଣ କରିବା, ମକ୍ ଡ୍ରିଲ୍ ଆୟୋଜନ କରିବା ସହିତ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ସରକାରୀ ହସ୍ପିଟାଲ ଓ ସଂସ୍ଥାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବା ସହ ଅଗ୍ନି ସୁରକ୍ଷା ନିରୀକ୍ଷକ ନିଯୁକ୍ତି ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ସମସ୍ତ ଉପଖଣ୍ଡ-ଜିଲ୍ଲା ଚିକିତ୍ସା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଡ଼କ ଓ ଭବନ ଏବଂ ଗ୍ରାମୀଣ ଉନ୍ନୟନ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରମାନେ, ଟିପିଏନ୍‌ଓଡିଏଲ୍‌ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ୱାଟକୋର ଜେନେରାଲ୍ ମ୍ୟାନେଜର ଓ ସହାୟକ ଅଗ୍ନି ଅଧିକାରୀ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଏବଂ ନିକଟସ୍ଥ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରୁ ଯୋଗ ଦେଇଥିଲେ।

# ଯାତ୍ରିବାହୀ ଅଟୋ ଓଲଟି ୪ ଆହତ, ଜଣେ ଗୁରୁତର

ଭଂଜନଗର, (ସବ୍ୟୁ): ତାରାସିଂ ଥାନା ଅନ୍ତର୍ଗତ ତିଳିସିଙ୍ଗି - ପହଣ୍ଡା ରାସ୍ତାରେ ଏକ ଯାତ୍ରୀବାହି ଅଟୋ ଓଲଟି, ୪ ଆହତ ହୋଇଛନ୍ତି । ସେଥିରୁ ଅଟୋ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି । ଭଂଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ, ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ଆହତମାନେ ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ରହିଛନ୍ତି । ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ ଅଟୋ କିଛି ଯାତ୍ରୀଙ୍କୁ ବସାଇ ଭଞ୍ଜନଗର ଅଭିମୁଖେ ଆସୁଥିଲେ। ତିଳିସିଙ୍ଗି ନିକଟ ପାଟଖଣ୍ଡା ମନ୍ଦିର ପାଖାପାଖି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଲା । ସେଥିରେ ବସିଥିବା ୩ ଜଣ ଯାତ୍ରୀ ଓ ଡ୍ରାଇଭର ଆହତ ହୋଇଥିଲେ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ଆହତଙ୍କୁ ଉଧାର କରି ଭଞ୍ଜନଗର ମେଡିକାଲକୁ ନେଇଥିଲେ। କିନ୍ତୁ ଅଟୋ ଚାଳକ ଉମାକାନ୍ତ ପାଣିଗ୍ରାହୀ ଅତି ଗୁରୁତର ହେତୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଘର ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆ ମହୁଲିଆ। ଅଟୋରେ ବସିଥିବା ଯାତ୍ରୀ ମାନେ ସାମାନ୍ୟ ଆହତ ହୋଇଥିଲେ। ଯାହାକି ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଥିଲେ । ତାରାସିଂ ଥାନା ପୋଲିସ ଖବରପାଇ ଅଟୋଟିକୁ ଘଟଣା ସ୍ଥଳରୁ ଜବତ କରିବା ସହ ଘଟଣାର ତଦନ୍ତ ଚାଲିଥିବା ନେଇ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି ।

# ନବବିବାହିତ ଯୁବକଙ୍କ ଅକାଳ ବିୟୋଗ

ବୁଗୁଡା, (ସବ୍ୟ): ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଜନୈକ ନବବିବାହିତ ଯୁବକଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ମୃତ ଯୁବକ ଜଣକ ହେଲେ ସୁଶାନ୍ତ କୁମାର ଗୌଡ (୨୬)। ଏନେଇ ପୋଲିସ ଥାନାରେ କେସ୍ ନଂ- ୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ , ବେତାରସିଂ ଗ୍ରାମରେ ଚାଲିଥିବା ନାଟକ ମଙ୍ଗଳବାର ଅପରାହ୍ନରେ ସରିବା ପରେ ସୁଶାନ୍ତ ଘରକୁ ଆସି ଶୋଇଥିଲେ। ତେବେ ସନ୍ଧ୍ୟା ବେଳକୁ ତାଙ୍କୁ ଘର ଲୋକେ ଯେତେ ଉଠାଇଲେ ବି ସେ ଉଠି ନଥିଲେ। ଫଳରେ ଘର ଲୋକଙ୍କ ମନରେ ସନ୍ଦେହ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ଜଣାଯାଇଛି। ସେ ସାତ ମାସ ହେବ ବିବାହ କରିଥିବା ବେଳେ ତାଙ୍କର ଏହି ଅକାଳ ମୃତ୍ୟୁରେ ବେତାରସିଂ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଲୁଟେରାଙ୍କ ଟାର୍ଗେଟରେ ତାଲା ବନ୍ଦ ଘର ନେଇଗଲେ ସୁନା ଓ ରୂପା ଅଳଙ୍କାର

ବ୍ରହ୍ମପୁର, (ସବ୍ୟୁ): ସହରରେ ଏବେ ଆଇନଶୃଙ୍ଖଳା ଦିନକୁ ଦିନ ବିଗିଡିବାରେ ଲାଗିଥିବା ବେଳେ ଲୁଟ, ରାହଜନୀ ମଧ୍ୟ ସମ ପରିମାଣର ବଢୁଛି। ଲୁଟେରାଙ୍କ ଟାର୍ଗେଟରେ ଏବେ ତାଲାବନ୍ଦ ଘର। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କୁମ୍ଭାରପଲ୍ଲୀ ଲକ୍ଷ୍ମୀନଗର ୪ର୍ଥ ଲାଇନର ଏକ ତାଲା ବନ୍ଦ ଘରୁ ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସୁନା ଓ ରୂପା ଅଳଙ୍କାର ଚୋରି କରିବା ସହ ସିସିଟିଭି ଓ ଯନ୍ତ୍ର ଚୋରି କରି ନେଇ ଯାଇଛନ୍ତି । ଏନେଇ ଗୃହକର୍ତ୍ତାଙ୍କ ଅଭିଯୋଗ ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଏନେଇ ୧୧୫/୨୬ରେ ଏକ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବା ପାଇଁ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଛାନବିନ କରୁଛି। ସୂଚନାପ୍ରକାରେ, ଲକ୍ଷ୍ମୀନଗର ୪ର୍ଥ ଲାଇନରେ ରହୁଥିବା କୈଳାସଚନ୍ଦ୍ର ବଡତ୍ୟା ଗତମାସରେ ଭୁବନେଶ୍ୱରରେ ରହୁଥିବା ନିଜ ପୁଅ ପାଖକୁ ଚାଲି ଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା। ହେଲେ ମଙ୍ଗଳବାର ତାଙ୍କର ଜଣେ ପଡୋଶୀ ଫୋନ କରି ଘରର ଗ୍ରୀଲ ତାଲା ଭଙ୍ଗା ଯାଇଥିବା କୈଳାସ ଙ୍କୁ କହିଥିଲେ । ଏହାପରେ ଗୃହକର୍ତ୍ତା ନିଜ ବଡଭାଇକୁ ଫୋନ କରି ଘର ନିକଟକୁ ଯାଇ ଯାଞ୍ଚ କରିବାକୁ କହିଥିଲେ। ଘର ଭିତରୁ ସୁନା ଚେନ, ସୁନା ମୂଦ୍ରା ଭଳି ପ୍ରାୟ ୧୭ ଗ୍ରାମ ଓଜନର ସୁନା ଅଳଙ୍କାର, ୧୫୦ ଗ୍ରାମ ଓଜନର ରୂପା ଅଳଙ୍କାର, ସିସିଟିଭି ହାର୍ଡଡିସ୍କ ଆଦି ଚୋରି ହୋଇ ଯାଇଥିବା ଜଣାପଡିଥିଲା। କୈଳାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସଙ୍କ ମାମଲା ରୁଜୁ କରିଛି। ପୂର୍ବରୁ କୈଳାସଙ୍କ ଘରୁ ଚୋରି ପାଇଁ ଉଦ୍ୟମ ହୋଇଥିଲା। ହେଲେ ସେ ଏନେଇ ଅଭିଯୋଗ କରିନଥିଲେ। ଅଞ୍ଚଳରେ ଲୁଟେରଙ୍କ ଦୌରାତ୍ମ୍ୟ ବଢୁଥିବାରୁ ଅଞ୍ଚଳରେ ପୋଲିସ ପେଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବୀ ହେଉଛି ।

# ଜଙ୍ଗଲ ନିଆଁ ରୋକିବାକୁ କଣ୍ଟେଇପଲ୍ଲୀରୁ ଭଞ୍ଜନଗର ସାଇକେଲ ଶୋଭାଯାତ୍ରା



ଭଞ୍ଜନଗର, (ସବ୍ୟୁ): ଜଙ୍ଗଲ ନିଆଁକୁ ରୋକିବା ସହ ପ୍ଲାଷ୍ଟିକ ମୁକ୍ତ ସୁସ୍ଥ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଲୋକଙ୍କୁ ସଚେତନ କରିବା ପାଇଁ ସାଇକେଲରେ ପ୍ରଚାର । ଏନେଇ ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର କଣ୍ଟେଇପଲ୍ଲୀରୁ ଭଂଜନଗର ପର୍ଯ୍ୟନ୍ତ ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଏଥିପାଇଁ ସ୍ଥାନୀୟ କଣ୍ଟେଇପଲ୍ଲୀ ବନସୁରକ୍ଷା ସମିତିର ସଭାପତି ଶରତ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ସମିତିର ବହୁ ସଂଖ୍ୟକ ସଦସ୍ୟ, ସ୍ୱେଚ୍ଛାସେବୀ, ଛାତ୍ର ଏବଂ ବନ କର୍ମଚାରୀ ମାନେ କଣ୍ଟେଇପଲ୍ଲୀରୁ ସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। ଉତ୍ତର ଘୁମୁସର ବନଖଣ୍ଡର ଏସିଏଫ୍‌ଓ ବିବେକ ଦାସ ଏବଂ ବନାଞ୍ଚଳ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ସ୍ଲୋଗାନ୍ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହ, ଜଙ୍ଗଲ ସୁରକ୍ଷା, ସୁସ୍ଥ ପରିବେଶ ପାଇଁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ପରେ ଭଂଜନଗର ସ୍ଥିତ ଲାଲସିଙ୍ଗି ସ୍ଥାୟୀ ଚାରା ଉଦ୍ୟାନ କେନ୍ଦ୍ର ଠାରେ ପହଞ୍ଚିଥିଲେ । ସେଠାରେ ବୈଠକ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଏସିଏଫ୍‌ଓ ବିବେକ ଦାସ, ବିମଳ ପ୍ରଧାନ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ, ଅବସରପ୍ରାପ୍ତ ବନ କର୍ମଚାରୀ ପ୍ରଶାନ୍ତ କୁମାର ସାହୁ, ଶୁରେଶ ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ପାତ୍ର, ସମସ୍ତ ବନପାଳ, ଶଙ୍କର ଗୈଡ ଦିଲ୍ଲୀପ ଦାସ ବନରକ୍ଷୀ, କର୍ମଚାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଟିଜି ହିନ୍ଦୀ ଶିକ୍ଷକଙ୍କ ପ୍ରମାଣ ପତ୍ରକୁ ନେଇ ସନ୍ଦେହ

# ନାମହୀନ ସଂସ୍ଥାର ଶିକ୍ଷାଗତ ପ୍ରମାଣପତ୍ର ଦେଇ ନିଯୁକ୍ତି

ଢେଙ୍କାନାଳ, (ସବ୍ୟ): ଢେଙ୍କାନାଳ ଜିଲ୍ଲାରେ ହିନ୍ଦୀ ଟିଜି ସ୍କେଲ ଶିକ୍ଷକ ନିଯୁକ୍ତିରେ ଶିକ୍ଷାଗତ ପ୍ରମାଣ ପତ୍ରକୁ ନେଇ ସନ୍ଦେହ ଦେଖାଦେଇଛି। ଜିଲ୍ଲାରେ ହିନ୍ଦୀ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସରକାର ଧାର୍ଯ୍ୟ କରିଥିବା ଶିକ୍ଷାଗତ ପ୍ରମାଣପତ୍ରର ସତ୍ୟତା ନଥାଇ ଦକ୍ଷିଣ ଭାରତର ନାମହୀନ ସଂସ୍ଥାରୁ ଶିକ୍ଷାଗତ ପ୍ରମାଣ ପତ୍ର ଦେଇ ନିଯୁକ୍ତି ହାସଲ କରିଥିବାର ବିଶେଷସୂତ୍ରରୁ ଜଣାପଡିଛି। ଏହାର ସତ୍ୟତା ଆସିଲେ କାର୍ଯ୍ୟାନୁଷ୍ଠାନ ସହିତ ସମସ୍ତ ଦେୟ ଫେରସ୍ତ ହେବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଟିଜି ସ୍କେଲ ହିନ୍ଦୀ ଶିକ୍ଷକ ପାଇଁ ପ୍ରାୟ ୨୫ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ନିଯୁକ୍ତି ମିଳିଥିବା ଜଣାପଡିଛି। ତାଙ୍କର ସରକାରୀ ମାନ୍ୟତା ପ୍ରଦାନ କରିଥିବା ଶିକ୍ଷାନୁଷ୍ଠାନର ପ୍ରମାଣ ପତ୍ର ବଦଳରେ ଦକ୍ଷିଣ ଭାରତର କେତେକ ଅନୁଷ୍ଠାନ ଯାହାକୁ କୌଣସି ମାନ୍ୟତା ପ୍ରଦାନ କରାଯାଇନାହିଁ ସେହି ଅନୁଷ୍ଠାନର ପ୍ରମାଣପତ୍ର ପ୍ରଦାନ କରିଥିବାର ଜଣାପଡିଛି। ସରକାରଙ୍କ ପତ୍ର ସଂଖ୍ୟା ୬୪୧୪/ଏସ୍‌ଏମ୍‌ଇ/୨୦୨୫ଅନୁସାରେ ଟିଜି ସ୍କେଲ ହିନ୍ଦୀ ଶିକ୍ଷକ ପାଇଁ ସରକାରଙ୍କ ତରଫରୁ ହିନ୍ଦୀରେ ଏମ୍‌ଏ କରିଥିବା ଯୋଗ୍ୟତା ବୋଲି ଦର୍ଶାଯାଇଥିଲା। ଏହା ସହିତ ସରକାରଙ୍କ ତରଫରୁ ହିନ୍ଦୀ ଶିକ୍ଷକ ପାଇଁ ପୂର୍ଣ୍ଣଅନୁଦାନ ପ୍ରାପ୍ତ, ବ୍ଲକ ଗ୍ରାଣ୍ଟ, ରେକୋକନାଇଜଡ୍ ହାଇସ୍କୁଲରେ ଜଣେ ପ୍ରାର୍ଥୀ ବିଲରେ ହିନ୍ଦୀ ପାସ କରିବା ସହିତ କୌଣସି ମାନ୍ୟତା ପ୍ରାପ୍ତ ଅନୁଷ୍ଠାନରୁ ରାଷ୍ଟ୍ରଭାଷାରେ ଯୋଗ୍ୟତା ହାସଲ କରିଥିବା ଦରକାର। ଏହାକୁ ନେଇ ଓଡିଶା ଗେଜେଟ ମଧ୍ୟ ପ୍ରକାଶିତ ହୋଇଥିଲା। ଯେଉଁମାନେ ୨୦୦୫ଜୁନ ମାସ ସୁଦ୍ଧା ବିଏ ସହିତ ଶାସ୍ତ୍ରୀ ଓ ସ୍ନାତକ ଡିଗ୍ରୀ ହାସଲ କରିଥିବେ ସେମାନଙ୍କୁ ସୁଯୋଗ ପ୍ରଦାନ କରାଯିବ। ଏହାକୁ ନେଇ ଗତ ୨୦୨୪ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୯୯୮୧ ଅନୁସାରେ ହିନ୍ଦୀ ଶିକ୍ଷକ ପାଇଁ ହିନ୍ଦୀରେ ସ୍ନାତକ ସହିତ ଏମ୍‌ଏରେ ହିନ୍ଦୀ ଥିବାର ନିର୍ଦ୍ଦେଶ ଜାରି କରାଯାଇଥିଲା। ଓଡିଶାରେ କେଉଁ ବିଶ୍ୱବିଦ୍ୟାଳୟର ହିନ୍ଦୀ ଶିକ୍ଷାଗତ ପ୍ରମାଣ ପତ୍ରକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯିବ ତାହା ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ହୋଇଥିଲା। ଏହା ସତ୍ତ୍ୱେ କେତେକ ପ୍ରାର୍ଥୀ ଓଡିଶା ବାହାରର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ନିଯୁକ୍ତି ପାଇଁ ରହିଥିବାର ଜଣାପଡିଛି। ଏହାକୁ ନେଇ ଅନ୍ୟ ପ୍ରାର୍ଥୀ ମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ ପରେଶ କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ, ଯେଉଁ ପ୍ରମାଣପତ୍ର ଆସିଛି ତାହାର ସତ୍ୟାସତ୍ୟ ସମ୍ପର୍କରେ ସୂଚନା ମଗାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ତଥ୍ୟ ଆସିବା ପରେ ଯଦି କୌଣସି ଭୁଲ ଥିବ ତାହା ହେଲେ ପ୍ରାର୍ଥୀଙ୍କ ଠାରୁ ସମସ୍ତ ଦେୟ ଆଦାୟ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୧୩୧କୋଟି ଟଙ୍କାରେ ତିନି ପ୍ରକଳ୍ପର ଶିଳାନ୍ୟାସ



ନିଶ୍ଚିନ୍ତକୋଇଲି (ସବ୍ୟୁ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅନୁଦାନ ୧୩୧କୋଟି୨୯ ଲକ୍ଷ ୪୪ ହଜାର ଟଙ୍କାରେ ତିନୋଟି ପ୍ରମୁଖ ପ୍ରକଳ୍ପର ଶୁଭଶିଳାନ୍ୟାସ ହୋଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମ କ୍ରମେ କଟକ, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲ୍ଲାକୁ ସଂଯୋଗୀକରଣ କରିବା ପାଇଁ ଅସୁରେଶ୍ୱର ପୁବଂଶଠାରେ ଲୁଣାନଦୀ ଉପରେ ୬୬କୋଟି ଟଙ୍କା ଅନୁଦାନରେ ଏକ ହାଇ ଲେଭୁଲ ସେତୁ ନିର୍ମାଣ କରାଯିବା ସହିତ ନିଶ୍ଚିନ୍ତକୋଇଲି ଥାନା ଛକରୁ ନଗସପୁର ଦେଇ ନରେନ୍ଦ୍ରପୁର ପର୍ଯ୍ୟନ୍ତ ୪୨ କୋଟି ୬୬ ଲକ୍ଷ ଟଙ୍କା ଅନୁଦାନରେ ରାସ୍ତାକୁ ୧୦ ମିଟର ଓସାର କରାଯିବା ଏବଂ କଟିକଟା ଛକରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତାକୁ ୧୮କୋଟି ୯୩ ଲକ୍ଷ ଟଙ୍କା ଅନୁଦାନରେ ୭ ମିଟର ଓସାର କରିବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହେବା ପରେ ଏହାକୁ ଶିଳାନ୍ୟାସ କରାଯାଇଛି ।

ବିଧାୟକ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ହଜାର ହଜାର ମୋଟର ସାଇକେଲ ଶୋଭାଯାତ୍ରାରେ ରାଜ୍ୟ କୃଷି ଓ ଶକ୍ତି ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସି ପ୍ରଥମେ ଥାନା ଛକଠାରେ ନିଶ୍ଚିନ୍ତକୋଇଲି –ନରେନ୍ଦ୍ରପୁର ରାସ୍ତାକୁ ଶିଳାନ୍ୟାସ କରିଥିଲେ । ଏହାପରେ କଟିକଟା ଛକରେ କଟିକଟା–ଜୟପୁର ରାସ୍ତାର ଉନ୍ନତିକରଣ ପାଇଁ ମଧ୍ୟ ଶୁଭଶିଳାନ୍ୟାସ କରି ଅସୁରେଶ୍ୱର ପୁବଂଶଠାରେ ହେବାକୁ ଥିବା ହାଇଲେଭୁଲ ସେତୁର ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଅସୁରେଶ୍ୱର ଖେଳ ପଡିଆରେ ଆୟୋଜିତ ଏକ ସାଧାରଣ ସଭାରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଯୋଗଦେଇ ରାଜ୍ୟରେ ଧାନ ଚାଷ ଛଡା ଚାଷୀମାନେ କିଭଳି ବିଭିନ୍ନ ପ୍ରକାର ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ଦେବେ ସେ ନେଇ ପ୍ରଧାନମନ୍ତ୍ରୀ ବ୍ୟବସ୍ଥା କରିଥିବା ବେଳେ ଆମ ରାଜ୍ୟରେ ଏହାକୁ ସଫଳ କରିବା ପାଇଁ ଦୃଢ ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ ।

ଖୁବ୍ ଶୀଘ୍ର କୁଳିଆଠାରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରେ ଚାଷୀମାନଙ୍କର ସୁବିଧା ପାଇଁ ଏକ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଇଥିବା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗଦେଇ ଗୋଟିଏ ଅଂଚଳର ବିକାଶ ପାଇଁ ଗମନାଗମନର ଆବଶ୍ୟକତା ରହିଥିବାରୁ ଏ ଅଂଚଳରେ ସେତୁ ଓ ରାସ୍ତା ଗୁଡିକ ନିର୍ମାଣ ହେବା ପରେ ଏହା ସମୃଦ୍ଧିର ସମସ୍ତ ଦିଗକୁ ସ୍ପର୍ଶ କରିବ ବୋଲି ମତ ପ୍ରକାଶ କରିଥିଲେ । ଏହାଛଡା ଜଗତପୁର–ଚାନ୍ଦବାଲି ରାଜ୍ୟ ରାଜପଥକୁ ଖୁବ୍ ଶୀଘ୍ର ଚାରି ଥାକିଆ ରାସ୍ତା କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳ ଦତ୍ତାତ୍ରୟଭାଉ ସାହେବ ସିନ୍ଧେ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଧାନଚାନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରବିନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମପୁର ଗ୍ରାମରେ ଜଳ ସମସ୍ୟା, ମରାମତି ହେଉନି ନଳକୂପ

ମଙ୍ଗଳପୁର, (ସବ୍ୟୁ):: ଦଶରଥପୁର ବ୍ଲକ ଅଧିନସ୍ଥ ଖାନନଗର ପଞ୍ଚାୟତ ଅନ୍ତର୍ଗତ ରାମପୁର ଗ୍ରାମରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ସୂଚନା ଥାଉକି ଗ୍ରାମର ପ୍ରାୟ ୫୦ ଘର ପରିବାର ବସ ବାସ କରୁଛନ୍ତି । ତିନୋଟି ନଳକୂପ ଥିବାବେଳେ ଦୁଇଟି ନଳକୂପରୁ ଉପଯୋଗୀ ପାଣି ବାହାରୁନଥିବା ଗ୍ରାମବାସୀ କହିଛନ୍ତି। ଏହି ନଳକୂପରେ ଲୁଣି ଯୁକ୍ତ ପାଣି ହୋଇ ଥିବାରୁ ଏହାକୁ ବ୍ୟବହାର କରି ହେଉନାହିଁ ।ଆଉ ଗୋଟିଏ ନଳକୂପ ପାଣି ଆସୁଥିବା ବେଳେ ଦୁଇ ମାସ ହେଲା ପାଣିର ସମସ୍ୟା ଦେଖାଦେଇଛି । ଏହି ନଳକୂପରେ ଠିକ ଭାବରେ ପାଣି ବାହାରୁ ନାହିଁ ଏବଂ ଏହି ପାଣିରେ ଲୁହାଗୁଣ୍ଡ ବାହାରୁଥିବାର ଦେଖାଯାଇଛି । ଖରା ଦିନ ଆସିଲାଣି ଜଳ ବିନା ବଞ୍ଚିହେବନି, ଏହି ପାଣି ପିଇବା ଦ୍ୱାରା ଶରୀର ଖରାପ ହେବ ବୋଲି ପିଇବା ପାଣି ଉପଯୋଗୀ ନୁହେଁ ବୋଲି ଲୋକ କହିଛନ୍ତି ।ଯେଉଁ ବସୁଧା ପାଣି କିଛି ସମୟରେ ଆସୁଛି ତାହା ଯେତିକି ଜଳର ଆବଶ୍ୟକ ତାହା ପରିବାରର ପୂରଣ କରିହେଉନାହିଁ ।ରାମପୁର ବାସିନ୍ଦା ପାଣି ପାଇଁ ସବୁବେଳେ ହନ୍ତସନ୍ତ ହେଉଛନ୍ତି । ସେହିପରି କୟାଁ ପଞ୍ଚାୟତ ଦୁବକଣ ଗ୍ରାମ ୧୧ ନମ୍ବର ୱାର୍ଡରେ ପାଣିର ସମସ୍ୟା ଦେଖାଦେଇଛି । ଏଠାରେ ପ୍ରାୟ ୬୦ ପରିବାର ବସ ବାସ କରୁଥିବା ବେଳେ ନଳକୂପଟି ଦୁଇ ମାସ ହେଲା ଖରାପ ହୋଇ ପଡ଼ିରହିଛି । ରାମପୁର ଓ ଦୁବକଣ ଗ୍ରାମର ବାସିନ୍ଦା ପ୍ରଫୁଲ୍ଲ ମଲ୍ଲିକ, ଅଭିରାମ ମଲ୍ଲିକ, ବିଷ୍ଣୁ ଚରଣ ମଲ୍ଲିକ, ଶାନ୍ତନୁ ମଲ୍ଲିକ, ବାବାଜୀ ମଲ୍ଲିକ, ସୁବାଷ ମଲ୍ଲିକ, ପାଟିଆ ମଲ୍ଲିକ, ଅର୍ଜୁନ ମଲ୍ଲିକ, ବାଦଲ ମଲ୍ଲିକ ଓ ଅନ୍ୟାନ୍ୟ ପ୍ରଶାସନ ପାଖରେ ମରାମତି ପାଇଁ ଦାବି କରିଛନ୍ତି ।



# ସରପଞ୍ଚଙ୍କ ସ୍ୱାମୀ ଗିରଫ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ଥାନା ପାଟପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଏକ ଗଣ୍ଡଗୋଳ ଘଟଣାରେ ବୁଧବାର ଦିନ ଗିରଫ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ପାଟପୁର – ମିର୍ଜାପୁର ପଞ୍ଚାୟତର ଲାଙ୍ଗୁଡ଼ି ପାଦଦେଶରେ ସବୁ ବର୍ଷ ପରି ଚଳିତ ବର୍ଷ ମା ଦୁଆରଶୁଣି ମେଳଣ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ମଧ୍ୟାହ୍ନରେ ମେଳଣରେ ବିମାନ ଆସ୍ଥାନ ନିରୂପଣକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ବଚସା ହୋଇଥିଲା । ଖବର ପାଇ ପୁଲିସ ସେଠାରେ ପହଁଚିଯିବା ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା । ହେଲେ ଏହି ଘଟଣା ପରେ ପାଟପୁର ସରପଞ୍ଚଙ୍କ ସ୍ୱାମୀ ଦୁଃଶାସନ ନାୟକ ଓ ତାଙ୍କ ସାନ ଭାଇ ଅର୍ଜୁନ ନାୟକଙ୍କ ମଧ୍ୟର ଘରେ ମାଡପିଟ ଘଟିଥିଲା । ଏନେଇ ଉଭୟ ଭାଇଙ୍କ ତରଫରୁ ଥାନାରେ ଅଭିଯୋଗ ହୋଇଥିଲା । ଉଭୟ ଭାଇଙ୍କ ଅଭିଯୋଗ ଆଧାରରେ ପୁଲିସ ୨୧୩ ଓ ୨୧୪ରେ ଦୁଇ ଗୋଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିବା ସହ ୨୧୩ ନଂ କେଶରେ ବଡଭାଇ ତଥା ସରପଂଚଙ୍କ ସ୍ୱାମୀ ଦୁଃଶାସନ ନାୟକଙ୍କୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

# ଅଭିଯୋଗକାର ଘରେ ପୁଲିସର ଚଢାଉ
## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ପାଣିକୋଇଲି, (ସବ୍ୟୁ): ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତେ ଅଭିଯୋଗକାରୀଙ୍କ ଘର ଉପରେ ପୁଲିସର ବାରମ୍ବାର ଚଢାଉ ପ୍ରତିବାଦରେ ବୁଧବାର ସନ୍ଧ୍ୟାରେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପୀଡିତ ପରିବାର ପହଂଚି ନ୍ୟାୟ ମାଗିବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ପୁଲିସ ମୁଖ୍ୟାଳୟରେ ଅନଶନରେ ବସିବାକୁ କହିଛନ୍ତି ।।ଜେନାପୁର ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ସାମ୍ବାଦିକ. ସମାଜସେବୀ ତଥା ପାହାଡ ପର୍ବତ ସୁରକ୍ଷା ମଂଚର ସଭାପତି ସତୀସ ବିଶ୍ୱାଳ ଗତ ମାର୍ଚ୍ଚ ୧୬ ତାରିଖ କୁସୁନପୁର ପାହାଡ ଅଂଚଳରେ ବେଆଇନ ପଥର ଲୁଟ ନେଇ ସ୍ଥାନୀୟ ଅଂଚଳର ଲୋକଙ୍କ ଡାକରାରେ କ୍ଷେତ୍ର ପରିଦର୍ଶନରେ ଲୋକଙ୍କ ସହ ଖାଦାନକୁ ଯାଇଥିଲେ । ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିବାକୁ ଲୋକଙ୍କୁ ପରାମର୍ଶ ଦେଉଥିବା ସମୟରେ ଅଚାନକ ଭାବେ ବହୁ ସଂଖ୍ୟକ ସଶସ୍ତ୍ର ଗୁଣ୍ଡା ପହଂଚି ସିତୀଶଙ୍କ ସମେତ ଅନେକ ଲୋକମାଡ଼ଙ୍କୁ ଆକ୍ରମଣ କରିଥିଲେ । ସୌଭାଗ୍ୟବଶତଃ ସେ ମରଣ ମୁହଁ ର୍ବତିଥିବା ବେଳେ ତାଙ୍କ କାରଟିକୁ ଚୁରମାର କରିଥିଲେ ଦୁର୍ବୃତ୍ତ । ଏନେଇ ସତୀସ ବିଶ୍ୱାଳ ଓ ନିରୁପମା ରାଉତ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସ୍ଥାନୀୟ ଲୋକମାନେ ଥାନା ଘେରାଉ କରିବାକୁ ଚାହୁଁଥିବା ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାର ପ୍ରତିଶ୍ରୁତି ଦେବାରୁ ଲୋକମାନେ ବିରତ ରହିଥିଲେ । ପ୍ରଥମେ ଧର୍ମଶାଳା ଓ ପରେ କଟକରେ ସତୀସ ଚିକିତ୍ସିତ ଅଛନ୍ତି । ମାତ୍ର ଅବଧି ଅଭିଯୁକ୍ତ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତେ ଏତଲା କପି ମଧ୍ୟ ଦେଇନାହିଁ । ଅପରପକ୍ଷେ ପୁଲିସ ଓଲଟି ସତୀଶଙ୍କ ବାସଭବନରେ ବାରମ୍ବାର ଚଢାଉ କରୁଛି । ଯାହା ପରୋକ୍ଷରେ ଗୁଣ୍ଡା ମାନଙ୍କୁ ପ୍ରୋତ୍ସାହିତ କରୁଛି । ଯାହା ପୁଲିସର ଭାବମୂର୍ତି କ୍ଷୁର୍ଣ୍ଣ କରିବା ସହିତ ସତୀଶଙ୍କ ପରିବାରର ସାମାଜିକ ସମ୍ମାନ କ୍ଷୁର୍ଣ୍ଣ କରୁଛି । ଏନେଇ ସତୀଶଙ୍କ ବାପା ସନ୍ତୋଷ କୁମାର ବିଶ୍ୱାଳ, ପତ୍ନୀ ଓ ନାତି ଏସପିଙ୍କୁ ଭେଟି ତ୍ୱରୀତ ନ୍ୟାୟ ପାଇଁ ଦାବି କରିବା ସହ ତିନିଦିନ ମଧ୍ୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ନହେଲେ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ବରିଷ୍ଠ ନାଗରିକ ସନ୍ତୋଷ ପ୍ରକାଶ କରିଛନ୍ତି ।

# ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଞ୍ଝାରପୁର,(ସବ୍ୟୁ): ବିଞ୍ଝାରପୁର ବ୍ଲକ ଆଞ୍ଚଳିକ ବଳଦେବଜୀଉ ମହିଳା ସ୍ନାତକ ମହାବିଦ୍ୟାଳୟ ନୁଆଗାଁ ଅଳକୁଣ୍ଡ ର ବାର୍ଷିକ ଉତ୍ସବ ଅତ୍ୟନ୍ତ ଧୂମଧାମ ଓ ଉତ୍ସାହ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନେ ନୃତ୍ୟ, ବକ୍ତୃତା, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାରଯକ୍ରମରେ ସକ୍ରିୟ ଭାଗ ନେଇ ସମସ୍ତଙ୍କ ମନକୁ ମୋହିତ କରିଥିଲେ। ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ସହିତ ଅଧକ୍ଷ ଶ୍ରୀଯୁକ୍ତ ରବିନାରାୟଣ ପାଣି,ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ମାନେ ଯୋଗଦାନ କରି ରିଲାନାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ସଭାପତିଙ୍କ ଦ୍ୱାରା ସର୍ଟିଫିକେଟ ପ୍ରଦାନ କରାଯାଇଥିଲା।ଏହି ଅବସରରେ ଷ୍ଟୁଡେଣ୍ଟ ଅଫ ଦି ଇୟର ସମ୍ମାନ ଅଙ୍କିତା ଦାସ ତୃତୀୟ ବର୍ଷ କଳା ସମ୍ମାନ(ରାଜନୀତି ବିଜ୍ଞାନ) ଛାତ୍ରୀ ଙ୍କୁ ପ୍ରଦାନ କରାଯାଇଥିଲା। ତଥା କ୍ରୀଡାରେ ଚ୍ୟାମ୍ପିଅନ ଭାବେ ଧରିତ୍ରୀ ରାଉତ ଦ୍ୱିତୀୟ ବର୍ଷ କଳା ସମ୍ମାନ(ରାଜନୀତି ବିଜ୍ଞାନ)ର ଛାତ୍ରୀ ଘୋଷିତ ହୋଇଥିବା ସ୍ଥଳେ ସୁଶ୍ରୀ ଅଙ୍କିତା ସାହୁ ପ୍ରଥମ ବର୍ଷ ଶିକ୍ଷା ସମ୍ମାନ ଛାତ୍ରୀ ସର୍ବୋତ୍କୃଷ୍ଟ ସଚ୍ଛୋସେବୀ ରୂପେ ପୁରସ୍କୃତ ହୋଇଥିଲେ ।କଲେଜର ଯୁବ ରେଡକ୍ରସ ୟୁନିଟ ଦ୍ୱାରା ଏକ ସେଚ୍ଛାମୂଳକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସବୁ ଛାତ୍ରୀ ମାନେ ଉତ୍ସାହିତ ହୋଇ ଯୋଗଦାନ କରିଥିଲେ, ଏହି ଶିବିରରେ ସମୁଦାୟ ୩୧ ଇଉନିଟ ରକ୍ତ ସଂଗ୍ରହ ହୋଇଥିଲା, ଯାହା ସମାଜସେବାର ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି।ଉଭୟ କାର୍ଯ୍ୟକ୍ରମର ଉଦ୍ଘାଟନ ମହାବିଦ୍ୟାଳୟ ର ଅଧକ୍ଷ ବିନାରାୟଣ ପାଣିଙ୍କ ଦ୍ୱାରା କରାଯାଇଥିଲା। ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନଙ୍କ ସମନୱୟ ଓ ସକ୍ରିୟ ସହଯୋଗରେ ଉଭୟ କାରଯକ୍ରମ ସଫଳତାର ସହ ଶେଷ ହୋଇଥିଲା।

# ଚିକିତ୍ସା ଅବହେଳା: ପ୍ରସୁତିଙ୍କ ମୃତ୍ୟୁ, ଘରୋଇ ଡାକ୍ତରଖାନାରେ ଭଙ୍ଗାରୁଜା

ଜଗତସିଂହପୁର, (ସବ୍ୟୁ): ଚିକିତ୍ସା ଅବହେଳାରୁ ପ୍ରସୁତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ ସଦର ସ୍ଥିତ ଘରୋଇ ସୁକନ୍ୟା ଡାକ୍ତରଖାନାରେ ଉତ୍ତେଜନା ଦେଇଛି ।ମୃତକଙ୍କ ପରିବାର ଓ ସଂପର୍କୀୟମାନେ ଡାକ୍ତରଖାନା ଉପରକୁ ଢେଲାମାଡ ଓ ଭଙ୍ଗାରୁଜା ଫଳରେ ସେଠାରେ ବ୍ୟାପକ କ୍ଷତି ହୋଇଛି । ଘଟଣା ସଂପର୍କରେ ସଦର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଟେକା ପଥର ମାଡ କରୁଥିବା ୩ ଜଣଙ୍କୁ ସଦର ଥାନାରେ ଅଟକ ରଖିଛି ।ମୃତକ ହେଉଛନ୍ତି ସଦର ଥାନା ଦୋନ୍ଧ ଗ୍ରାମର ସୁଶ୍ରୀ ସଙ୍ଗୀତା ସାହୁ ।ଏହାକୁ ନେଇ ମୃତକଙ୍କ ସ୍ୱାମୀ ଶକ୍ତି ପ୍ରସାଦ ଭୋଳ ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି ।ସୁଚନା ଅନୁସାରେ ଦୋନ୍ଧ ଗ୍ରାମର ଶକ୍ତି ପ୍ରସାଦ ଭୋଳ ଗତ ୦୭/୦୩/୨୦୨୫ରେ ବୈଦିକ ରିତିରେ କାଠିଆପଡା ଗ୍ରାମର ସୁଶ୍ରୀ ସଙ୍ଗୀତା ସାହୁଙ୍କୁ ବିବାହ କରିଥିଲେ । ବିବାହ ପରେ ସ୍ତ୍ରୀ ଗର୍ଭଧାରଣ ହେବାରୁ ଶକ୍ତି ପ୍ରସାଦ ନିୟମିତ ଭାବରେ ସୁକନ୍ୟା ହସ୍ପିଟାଲ ଡାକ୍ତରଙ୍କ ପରାମର୍ଶ ନେଇଥାନ୍ତି । ମଙ୍ଗଳବାର ଦିନ ସୁଶ୍ରୀ ସଙ୍ଗୀତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ଶକ୍ତି ପ୍ରସାଦ ତାଙ୍କୁ ଆଣି ବୁଧବାର ସକାଳେ ସୁକନ୍ୟ ଡାକ୍ତରଖାନ୍ନୁ ଆସିଥିଲେ ।ଡାକ୍ତରଙ୍କ ପରାମର୍ଶ କ୍ରମେ ସେଠାରେ ସୁରକ୍ଷିତ ପ୍ରସବ ଆଡମିଶନ ମଧ୍ୟ କରାଇଥିଲେ ।ଡାକ୍ତଙ୍କ ପରାମର୍ଶ କ୍ରମେ ସକାଳ ୮ ଟା ସମୟରେ ଅପରେସନ ପାଇଁ ସୁଶ୍ରୀଙ୍କୁ ଓଟିକୁ ନେଇଥିଲେ ।ମାତ୍ର ଅପରେସନ ପୂର୍ବରୁ ପ୍ରସୁତିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କାର୍ଯ୍ୟରତ ଡାକ୍ତର ସଂପୃକ୍ତ ପ୍ରସୁତିଙ୍କୁ ହାଇଟେକ ମେଡିକାଲକୁ ସ୍ଥାନାନ୍ତର ପାଇଁ କହିଥିଲେ । ଆମ୍ବୁଲାନ୍ସରେ ପ୍ରସୁତିଙ୍କୁ ହାଇଟେକ ମେଡିକାଲ ନେବା ବାଟରେ ଅସହ୍ୟ ଯନ୍ତ୍ରଣା ହେବାରୁ ପ୍ରସୁତିଙ୍କ ମୃତ୍ୟୁ ହୋଇଥିଲା ।ହାଇଟେକ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ପ୍ରସୁତି ସୁଶ୍ରୀ ସଙ୍ଗିତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପରିବାର ଓ ସଂପର୍କୀୟମାନେ ଜାଣିବା ପରେ ଚିକିତ୍ସା ଅବହେଳାରୁ ସୁଶ୍ରୀ ସଙ୍ଗୀତାଙ୍କ ମୃତ୍ୟୁ ହୋଇଥିବା ଯୋଗୁ ସୁକନ୍ୟା ଡାକ୍ତରଖାନା ଉପରକୁ ଢେଲା ପଥର ମାଡ କରିବା ସହିତ ହସପିଟାଲ ପରିସରରେ ଭଙ୍ଗାରୁଜା କରିଥିଲେ ।



ଘଟଣା ସଂପର୍କରେ ସଦର ପୋଲିସ ପକ୍ଷରୁ ଏସଡିପିଓ ଆଜିଙ୍କ୍ୟ ମାନେ,ସଦର ଥାନା ଅଧିକାରୀ ସରୋଜକାନ୍ତ ସାମଲ,ଅତିରିକ୍ତ ଥାନା ଅଧିକାରୀ ମହମ୍ମଦ ସିରାଜଙ୍କ ସମେତ ବହୁ ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଆୟତ୍ତ ମଧ୍ୟକୁ ଆସିଥିଲା ।ଅନ୍ୟ ପଟରେ ମୃତକ ଉଚ୍ଚ ଶିକ୍ଷିତ ହୋଇଥିବା ବେଳେ ଆଗକୁ ଅଧ୍ୟାପକ ଚାକିରୀ କରିଥାନ୍ତେ ବୋଲି ପରିବାର ଲୋକେ କହିଛନ୍ତି । ତେଣୁ ତାଙ୍କର ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିବା ସହିତ ସଂପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ପରିବାର ଲୋକେ । ଏହା ସହିତ ଉଚ୍ଚ ଶିକ୍ଷିତା ଝିଅ ସୁଶ୍ରୀ ସଂଗୀତା ଦେହାନ୍ତରେ ବାପା ସୁରେନ୍ଦ୍ର ସାହୁ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିବା ସହିତ କ୍ଷତିପୂରଣ ଦାବୀ କରିଛନ୍ତି ।

# ଶ୍ରୀ ନୀଳକଣ୍ଠେଶର ମହାଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତକଇଁଚି ଶାସନ ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶରଙ୍କ ଏକାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୧୫ ତାରିଖ ଅଙ୍କୁରରୋପଣ,ଧ୍ୱଜାରୋହଣ ପରେ ଆରମ୍ଭ ହୋଇ ସୋମବାର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ ହୋଇଛି । ପ୍ରଭୁ ନୀଳକଣ୍ଠେଶରଙ୍କ ବିଶଶାନ୍ତି ଯଜ୍ଞ ଓ ଏକାଦଶ ବାର୍ଷିକ ଯଜ୍ଞ ବିଭିନ୍ନ କାର୍ଯ୍ୟକ୍ରମ କଳସ ଶୋଭାଯାତ୍ରା ଆଦି ବେଶ ଉପଭୋଗ୍ୟ ହୋଇଥିଲା । କର୍ତ୍ତାଜୟନ୍ତ କର ଯଜ୍ଞ ବିଧି ପରିଚାଳନା କରୁଥିବା ବେଳେ ପଣ୍ଡିତ ବୃନ୍ଦ, ପୂଜାଦୀ କର୍ମ କାଣ୍ଡ ନିର୍ବାହ କରଥିଲେ । କୁନି କୁନି କଳାକାର ଙ୍କ ନୃତ୍ୟ ପରିବେଷଣ ଓ ଗାୟକରାଜଲକ୍ଷ୍ମୀ ଦଳେଇ ଙ୍କ ପାଲା ବେଶ ଉପଭୋଗ୍ୟ ହୋଇଥିଲା । ଏହି ଯଜ୍ଞ ରେ ଆଜି ବେଦପାଠ, ସୂର୍ଯ୍ୟ, ଗୋ ପୂଜା,ନାମ ସଂକ୍ରିତନ ବେଶ ମନ ମୁଗ୍ଧକର ହୋଇଥିଲା ।ନୀଳକଣ୍ଠେଶର କମିଟି ଓ ଗ୍ରାମବାସୀ ସମସ୍ତେ ମିଶିକି ଯଜ୍ଞ ନିର୍ବାହ କରୁଛନ୍ତି। ଗ୍ରାମ ମୁରବୀ ସଭାପତି ଦୁଃଶାସନ ସାହୁ,ସମ୍ପାଦକ ସରପଞ୍ଚ ଅଶୋକ ମଲ୍ଲିକଙ୍କ ସହ ଗ୍ରାମବାସୀ ମିଶିକି ଯଜ୍ଞ ପରିଚାଳନା କରୁଛନ୍ତି ।

# ଶାନ୍ତି କମିଟି ବୈଠକ

ଯାଜପୁରସଦର ,(ସବ୍ୟୁ): ଯାଜପୁରସଦର ଥାନା ଅଂଚଳରେ ହିନ୍ଦୁ ନବବର୍ଷ ପାଳନ ଓ ଇଦୁଲଫିତର ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଇଦୁଲଫିତର ଆସନ୍ତା ୨୧ତାରିଖରେ ପାଳନ ପାଇଁ ପ୍ରସ୍ତୁତି ହୋଇଥିବା ବେଳେ ଏହାର ୨ଦିନ ପୂର୍ବରୁ ରାଷ୍ଟ୍ରିୟ ହିନ୍ଦୁ ନବବର୍ଷ ୧୯ତାରିଖ ସକାଳ ୧୦ଟାସମୟରେ ସଦରଥାନା ଅନ୍ତର୍ଗତ କବିରପୁର ଦଶହରା ପଡିଆରେ ଥିବା କାଳୀମନ୍ଦିର ନିକଟରୁ ଏକ ବାଇକ୍ ଶୋଭାଯାତ୍ରା ବ୍ରହ୍ମବରଦା ଯିବ ଓ ସେଠାରୁ ସାମନ୍ତରାପୁର ରାସ୍ତାରେ ଯାଇ ମୁଗପାଳ ହାଇସ୍କୁଲ ପଡିଆରେ ପହଁଚିବା ପାଇଁ ପ୍ରସ୍ତୁତି ହୋଇଥିବା ଜଣାପଡିଛି । ସେହିପରି ଇଦୁଲଫିତର ପର୍ବର ପୂର୍ବ ସନ୍ଧ୍ୟାରେ ୪ ଗୋଟି ପଞ୍ଚାୟତର ମୁସଲମାନ୍ ଭାଇଭଉଣୀମାନେ ଶୋଭାଯାତ୍ରାରେ ନିଜନିଜର ପଞ୍ଚାୟତରେ ବୁଲିବାକୁ ସ୍ଥିର ହୋଇଥିବା ଜଣାପଡିଛି । ଏହି ପ୍ରରିପେକ୍ଷିରେ ସମଗ୍ର ଅଂଚଳରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ।

# ଦୁଇଜଣଙ୍କୁ ୪ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କଲା ଷ୍ଟେଟବ୍ୟାଙ୍କ




ନାଉଗାଁ, (ସବ୍ୟୁ): ଷ୍ଟେଟ ବ୍ୟାଙ୍କ ନାଉଗାଁ ଶାଖାରେ ଦୁଇଜଣ ବ୍ୟାଙ୍କ ଖାତାଧାରୀଙ୍କ ନୋମିନି ଙ୍କୁ ୨ଲକ୍ଷ ଲେଖାଏଁ ମୋଟ ୪ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ଉକ୍ତ ଦୁଇଜଣ ପିଏମଜେଜେୱାଇ ଓ ପିଏମଏସବିୱାଇ ଯୋଜନାରେ ଏହି ଅର୍ଥ ରାଶି ପାଇଛନ୍ତି ।

ନାଉଗାଁ ବ୍ଲକ ଅଧୀନ ତିରୁଣା ପଞ୍ଚାୟତ ଅରିଓଦା ଗ୍ରାମର ପବିତ୍ର ନାୟକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ ଏବଂ ନାଉଗାଁ ପଞ୍ଚାୟତ ତିହୁଡା ଗ୍ରାମର ଶୁକମଣି ସ୍ୱାଇଁ ରୋଗରେ ମୃତ୍ୟୁ ବରଣ କରିଥିଲେ। ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଉପରେ ପବିତ୍ର ନାୟକ ୨୦ଟଙ୍କାର ବୀମା କରିଥିଲେ ଯାହା ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ପରେ ବ୍ୟାଙ୍କ ତାଙ୍କ ସ୍ତ୍ରୀଙ୍କୁ ୨ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରିଥିଲା । ସେହିପରି ଶୁକମଣୀ ସ୍ୱାଇଁ ୪୩୬ ଟଙ୍କାର ବୀମା କରିଥିଲେ। ତାଙ୍କର ମୃତ୍ୟୁ ପରେ ନୋମିନି ତାଙ୍କ ପୁଅ ଜ୍ଞାନେଶ୍ୱର ଲେଙ୍କାଙ୍କୁ ମଧ୍ୟ ବ୍ୟାଙ୍କ ୨ଲକ୍ଷ ଟଙ୍କାର ବିମାରାଶି ପ୍ରଦାନ କରିଥିଲା ।

ଏହି ଚେକପ୍ରଦାନ କାର୍ଯ୍ୟକ୍ରମ ବ୍ୟାଙ୍କର ମ୍ୟାନେଜର ଶଶାଙ୍କ ଜେନାଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ରମାକାନ୍ତ ସ୍ୱାଇଁ, ପ୍ରଭାତ ସେଠି, ଅନନ୍ତ ବିଶ୍ୱାଳ,ସିଲୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ୨୦ରୁ ଯଯାତି ମହୋତ୍ସବ
## ଆୟୋଜିତ ହେବ କବି ସମ୍ମିଳନୀ

ଯାଜପୁରସଦର,(ସବ୍ୟୁ): ଆସନ୍ତା ୨୦ ରୁ ୨୪ ତାରିଖ ଯାଏ ଜିଲ୍ଲା ମହୋତ୍ସବ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପ୍ରରିପେକ୍ଷିରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ସାହିତ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟକୁ ନେଇ ଯଯାତୀ ମହୋତ୍ସବ ଅବସରରେ ୨୧ ତାରିଖ ପୂର୍ବାହ୍ନ ୧୦ ଟାରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହେବ । କେବଳ ଯାଜପୁର ଜିଲ୍ଲାର କବିମାନେ ସ୍ୱ ରଚିତ ୨୦ ଧାଡି ଭିତରେ କବିତା ସହିତ ପୂର୍ବାହ୍ନ ୯ଟାରୁ ୧୦ଟା ୩୦ମି. ମଧ୍ୟରେ ଆସି ସେମାନଙ୍କ ପଞ୍ଜିକରଣ କରିପାରିବେ । କବିତା ପାଠ୍ୟ କମିଟିର ଆବାହକ ତଥା ଉପଜିଲାପାଳ ତାପସ ରଂଜନ ଦେଉରୀ ଓ କମିଟିର ସଂଯୋଜକ ପ୍ରଭାତ ମଲିକ ଏ ସମ୍ପର୍କରେ ସୁଚନା ଦେଇଛନ୍ତି ।

# କଣ୍ଟେନର ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ଛକ ନିକଟରେ ତଥା ମହିନ୍ଦ୍ରା ସୋରୁମ ସମ୍ମୁଖରେ ଏକ କଂଟେନର (ଏଚଆର ୫୫ଏ ଏମ ୬୧୭୦)ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଚାଳକ ଆହତ ହୋଇଛି । ଭୁବନେଶ୍ୱରରୁ କଂଟେନର ପାର୍ସଲ ସାମଗ୍ରୀ ନେଇ ବାଲେଶ୍ୱର ଯାଉଥିବା ବେଳେ ହାଟସାହି ଛକ ଦିକଟରେ ବୁଧବାର ଭୋର ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଗଛରେ ପିଟିହୋଇ ଦୁର୍ଘଟଣା ହୋଇଥିଲା । ଫଳରେ ଚାଳକ ଗାଡି ଭିତରେ ଚାପି ହୋଇ ଗୁରୁତର ଆହତ ହୋଇଥିଲା । ଖବର ପାଇ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ, ରାଜପଥ ପେଟ୍ରୋଲିଂଗ ପୁଲିସ , ପାଣିକୋଇଲି ପୁଲିସ ପହଂଚି ଚାଳକୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଗାଡିରୁ ସମସ୍ତ ସାମଗ୍ରୀ ଅନ୍ୟ ଏକ ଗାଡିକୁ ସ୍ଥାନାନ୍ତର କରାଯାଇଛି ।

# ଆଇଜିଏମ ଡ଼ିଗ୍ରୀ କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ବ୍ୟାସନଗର, (ସବ୍ୟୁ) : ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳା, ସ୍ଥିତ ଇନ୍ଦରା ଗାନ୍ଧୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ବିଭାଗୀୟ ସଂଯୋଜିକା ଅଧ୍ୟାପିକା ଝୁନୁମଣୀ ଜେନାଙ୍କ ତ୍ୱାବଧନାରେ ୧୨ଦିନ ଧରି ଅନୁଷ୍ଠିତ ହୋଇଥବା ଶିବିରରେ ମହାବିଦ୍ୟାଳୟର ୧୫୦ଛାତ୍ରୀ ପ୍ରଶିକ୍ଷଣ ନେଇଥିଲା ବେଳେ ତାଲିମପ୍ରାପ୍ତ ପ୍ରଶିକ୍ଷିକା ରୂପଶ୍ରୀ ଲେଙ୍କା ପ୍ରଶିକ୍ଷଣ ଦେଇଥିଲେ ।ଆଜି ଅନୁଷ୍ଠିତ ଉଦଯାପନୀ ସଭା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ହୋଇଥିଲା ବେଳେ ମୁଖ୍ୟ ଅତିଥିଭାବେ କୋରାଇ ଥାନା ଅଧିକାରୀରାକେଶ କୁମାର ତ୍ରିପାଠୀ ଯୋଗଦେଇ ବାଳିକା ଆତ୍ମରକ୍ଷା କୌଶଳ ଲାଗି ୫–ଏ ସୂତ୍ର ଓ ୧୧୨ କଲ ସଂପର୍କରେ ବିଷଦଭାବେ ପିଲାମାନଙ୍କୁ ବୁଝାଇବା ସହ କୌଣସି ଆକ୍ରମଣରଶିକାର ହେବାମାତ୍ରେ ୍ରିତ ପଦକ୍ଷପ କିପରି ନିଆଯିବା ଉଚିତ ସେନେଇ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ଲଳିତା ସାହୁଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ବିପଦକୁ କିପରି ପ୍ରତିହତ କରିପାରିବେ ସେ ନେଇ ଉପାଦେୟ ବକ୍ତବ୍ୟମାନ ପ୍ରଦାନ କରିଥିଲେ । ପ୍ରଶିକ୍ଷିକାରୂପଶ୍ରୀ ଲେଙ୍କା ଆତ୍ମକୌଶଳ ସଂପର୍କରେ ବିଷଦଭାବେ ଛାତ୍ରୀମାନଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ଅରୁଣ କୁମାର ମିଶ୍ର, ମଳୟ କୁମାର ମଲ୍ଲିକ ଓହେମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଛାତ୍ରୀଙ୍କ ଦାରା ସାଗତ ସଂଗୀତ ଓ ନୃତ୍ୟ ପରିବେଶଣ କରାଯାଇଥିଲା । ଅନୁଷ୍ଠିତ ସଭାରେ ଅତିଥିଙ୍କ ଦ୍ୱାରାପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। । ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ଜେନା ଶିବିରର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ପରିଚାଳନାରେ ସହଯୋଗିତା କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## 'ବାଣିକ୍ଷେତ୍ର କପ' ଉଦ୍‌ଘାଟିତ

ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଠଦା ଗ୍ରାମର ଇଚ୍ଛାପୁର ଖେଳ ପଡିଆ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ବାଣିକ୍ଷେତ୍ର କପ' ବୁଧବାର ଦିନ ଭବ୍ୟ ଓ ଉତ୍ସାହମୟ ପରିବେଶରେ ଉଦଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବଛା ବଛା ଆଠ ଗୋଟି ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରୁଛନ୍ତି, ଯାହା ଖେଳପ୍ରେମୀମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଛି। ଉଦଘାଟନୀ ମ୍ୟାଚଟି ଜଗତସିଂହପୁର ସ୍ପୋର୍ଟ୍ସ ଷ୍ଟାଡିୟମ ଦଳ ଏବଂ ନାଉଗାଁର 'ଅଣ୍ଡର ଷ୍ଟ୍ରାଇକର୍ସ' ଦଳ ମଧ୍ୟରେ ଖେଳାଯାଇଥିଲା। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜଗତସିଂହପୁର ଦଳ ନିର୍ଦ୍ଧାରିତ ଓଭରରେ ୧୧୯ ରନ ସଂଗ୍ରହ କରିଥିଲେ। ପରେ ଲକ୍ଷ୍ୟକୁ ଧାଉଥିବା 'ଅଣ୍ଡର ଷ୍ଟ୍ରାଇକର୍ସ' ଦଳ ସୁସଂଘଟିତ ଖେଳ ପ୍ରଦର୍ଶନ କରି ୫ଟି ୱିକେଟ ହାରାଇ ୧୨୦ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଏହି ରୋମାଞ୍ଚକର ମ୍ୟାଚ ଦର୍ଶକମାନଙ୍କୁ ଅନେକ ଉତ୍ସାହ ଓ ଆନନ୍ଦ ଦେଇଥିଲା। ଏହି ଟୁର୍ନାମେଣ୍ଟର ଉଦଘାଟନୀ ଉତ୍ସବରେ ସମାଜସେବୀ ଶ୍ରୀ ତ୍ରିନାଥ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ଖେଳର ଗୁରୁତ୍ୱ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଏପରି କ୍ରୀଡା ଆୟୋଜନ ଯୁବପିଢିଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏହି ଟୁର୍ନାମେଣ୍ଟକୁ ବାଣିକ୍ଷେତ୍ର କ୍ଲବର ସଦସ୍ୟମାନଙ୍କ ଦ୍ୱାରା ସୁଚାରୁ ଭାବେ ପରିଚାଳନା କରାଯାଉଛି। ମାଇଦାନରେ ଦର୍ଶକମାନଙ୍କ ଭିଡ଼ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ଆଗାମୀ ଦିନମାନେ ଏହି ଟୁର୍ନାମେଣ୍ଟରେ ଆହୁରି ରୋମାଞ୍ଚକର ମ୍ୟାଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

# ନୁର୍ତାଙ୍ଗ–ଆନନ୍ଦପୁର ରାସ୍ତା ମରଣଯନ୍ତା : ବଢୁଛି ଦୁର୍ଘଟଣା



କୁଆଁପାଳ, (ସବ୍ୟୁ): ସରକାରଙ୍କ ପକ୍ଷରୁ ଗମନାଗମନର ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଗାଁ ଗହଳିରେ ରାସ୍ତା ନିର୍ମାଣ କରାଯାଉଛି । ତେବେ ପ୍ରଶାସନର ଅଣଦେଖା ଓ ଅବହେଳା ଯୋଗୁ ଅନେକ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଯାହା ଫଳରେ ଯାତାୟତରେ ନାନା ସସମ୍ୟା ଦେଖାଦେବା ସହ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ନୁର୍ତାଙ୍ଗ ହାଇସ୍କୁଲ ଠାରୁ ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ । ଏହି ରାସ୍ତାଟି ନୁର୍ତାଙ୍ଗ ପଂଚାୟତ ଠାରେ ପଚାମଣ୍ଡାଇ କେନାଲ ସଡକକୁ ସଂଯୋଗ କରୁଥିବାବେଳେ ଆନନ୍ଦପୁର ଓ ନୁର୍ତାଙ୍ଗ ପଞ୍ଚାୟତର ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜ ଏବଂ ସାଧାରଣ ଲୋକମାନେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି ।

ବିଶେଷ କରି ମାହାଙ୍ଗା ବ୍ଲକ, ବ୍ୟାଙ୍କ, ଡାକଘର, ସ୍କୁଲ, କଲେଜ, ଡାକ୍ତରଖାନା ସହ ଜରୁରୀକାଳୀନ ସେବା ନିମନ୍ତେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହି ରାସ୍ତାରେ ଏବେ ବଡ ବଡ ମେଂଟାଲ ଗୁଡିକ ବିଛାଡି ହୋଇ ପଡି ରହିଥିବାରୁ ପ୍ରତ୍ୟହ ଯାତାୟତରେ ଲୋକେ ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ଏହି ରାସ୍ତାଟି ମଧ୍ୟ ଖାଲ ଖମାରେ ପରିପୂର୍ଣ୍ଣ । ତେଣୁ ଏହି ରାସ୍ତା ଏବେ ଯାତାୟତ ପାଇଁ ଅନୁପଯୁକ୍ତ ହୋଇପଡିଛି ତେଣୁ ଜନସାଧାରଣଙ୍କ ସୁମହ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବୀ କରିଛନ୍ତି ।

# ଦୁର୍ଘଟଣାରେ ମୃତ ରାଜେନ୍ଦ୍ରଙ୍କୁ ସହାୟତା

ବିଞ୍ଝାରପୁର, (ସବ୍ୟୁ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତର ଗୈଡିଡିହ ଗ୍ରାମର ରାଜେନ୍ଦ୍ର କୁମାର ଦାଶଙ୍କ ଗାଡ଼ି ଦୁର୍ଘଟଣାରେ ଗୁରୁତର ଅବସ୍ଥାରେ ମେଡିକାଲ ରେ ଚିକିତ୍ସିତ ହେଉଥିବାବେଳେ ପରଲୋକ ଘଟିଥିଲା।।ସେ ଥିଲେ ପରିବାରର ଏକମାତ୍ର ରୋଜଗାର ବ୍ୟକ୍ତି ।

ଏଭଳି ଅବସ୍ଥାରେ ସେ ସବୁଦିନ ପାଇଁ ଆଖିବୁଜି ଦେଇ ଚାଲି ଯାଇ ଥିବାରୁ ପରିବାର ଚଳିବାରେ ଅସୁବିଧା ହେଉଥିବାରୁ ଯାଜପୁର ଜିଲ୍ଲାର ଅଗ୍ରଣୀ ସଂଗଠନ ଭୟସ ଅଫ ଶ୍ରମିକ ଫାଉଣ୍ଡେସନ ମହିଳା ଏମ୍ପ୍ଲେମେଣ୍ଟ ଟ୍ରେନିଙ୍ଗ ପ୍ରୋଗ୍ରାମ ପକ୍ଷରୁ ବୁଧବାର ଦିନ ରାଜେନ୍ଦ୍ର କୁମାର ଦାଶଙ୍କ ଏକାଦଶାହ ଉପଲକ୍ଷେ ତାଙ୍କର ବାସଭବନରେ ଭୟସ ଅଫ ଶ୍ରମିକ ଫାଉଣ୍ଡେସନ ତରଫରୁ ଚେୟାରମ୍ୟାନ ବିଷ୍ଣୁ ଦାଶ, ଜିଲ୍ଲା କୋଅଡିନେଟର ସୁଚିସ୍ମିତା ମିଶ୍ର, ବିଂଝାରପୁର ବ୍ଲକ କୋଡିନେଟର ଲିପ୍ସି ଦାଶ, ପଞ୍ଚାୟତ କୋଅଡିନେଟର ଅନୁସୂୟା ବାରିକ,ସିଂହପୁର ପଞ୍ଚାୟତର କୋଡିନେଟର ମନୋଜ କୁମାର ଦାଶ,କଲ୍ୟାଣ ପୁର ପଞ୍ଚାୟତର କୋଡିନେଟର ଶୁଭଲକ୍ଷ୍ମୀ ସାମଲ,ଆଉରି ପଞ୍ଚାୟତର କୋଡିନେଟର ଗାୟତ୍ରୀ ଯେନାଙ୍କ ସମେତ ବାଛୋଳ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଅମର ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକାର ରାସନ ସାମଗ୍ରି ଜିନିଷ ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳରେ ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଥିବା ଜଣାପଡିଛି।

# ହିନ୍ଦୁ ମୁସ୍ଲିମ ଭାଇଚାର ସାଗରସ୍ନାନ ମେଳଣ ଜମାଣ ଉତ୍ସବ

ଗୋପ,(ସବ୍ୟୁ): ହିନ୍ଦୁ ମୁସ୍ଲିମ ଭାଇଚାର ଗୋପାଳଜୀଉ ସାଗରସ୍ନାନ ମେଳଣ ଜମାଣ ଉତ୍ସବ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି । ବ୍ରିଟିଶ ଅମଳରୁ ଅର୍ଥାତ ୧୮୦୬ ମସିହାରୁ ହିନ୍ଦୁ ଓ ମୁସଲମାନ ଭାଇଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନା କରିବା ଉଦ୍ଦେଶ୍ୟରେ ଗୋପ ଅଞ୍ଚଳରେ ପାଳିତ ହୋଇଆସୁଛି ଅତି ପୁରାତନ ଭାଇଚାରା ମେଳଣ ସାଗର ସ୍ନାନ ମେଳଣ । ଏହି ମେଳଣର ଜମାଣ ଉତ୍ସବ ମଙ୍ଗଳବାର ରାତିରେ ରେ ଆରମ୍ଭ ହୋଇଥିଲା । ମେଳଣର ଥାନପତି କୁହାଯାଉଥିବା ଗୋପ ଥାନା ଇନିସିପେକଟର ଦୁର୍ଗାପ୍ରସାଦ ମହାପାତ୍ର ପ୍ରଭୁ ଗୋପାଳଜୀଉଙ୍କୁ ବାଜା ରୋଷଣୀରେ ଫଗୁ ଖେଳି ଆସ୍ଥାନକୁ ବିଜେ କରିବା ପରେ ପରେ ଆଖ ପାଖ ଅଞ୍ଚଳରୁ ଆସିଥିବା ୨୦ରୁ ଉର୍ଦ୍ଧ୍ୱ ସୁସଜିତ ଦୋଳ ବିମାନ ମେଳଣ ପଡିଆକୁ ବିଜେ କରିଥିଲେ । ପରେ ବାହାରେ ଅପେକ୍ଷାରତ ଅନ୍ୟାନ୍ୟ ଠାକୁର ରୀତିନୀତି ଶେଷ ହେବା ପରେ ଆସ୍ଥାନରେ ବସିଥିଲେ । ଏହି ଜମାଣ କାର୍ଯ୍ୟକ୍ରମ ମଙ୍ଗଳବାର ରାତିରୁ ଆରମ୍ଭ ହୋଇ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିବ । ଏହି ମେଳଣ ଦେଖିବା ପାଇଁ ଆଖପାଖ



ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ । ଲୋକକଥା ଅନୁଯାୟୀ , ୧୮୦୬ ମସିହାରେ ଗୋପ ଥାନା ହାଜତରେ ପ୍ରଭୁ ଗୋପାଳଜୀଉ ବନ୍ଦୀ ହୋଇ ରହିଥିଲେ । ସେ ସମୟରେ ଥାନା ଦାୟିରେ ଥିବା ମୁସଲମାନ ସମ୍ପ୍ରଦାୟର ଦାରୁଗା ବାବୁଙ୍କୁ ଗୋପାଳଜୀଉ ସ୍ୱପ୍ନାଦେଶ କରି ମୋତେ ହାଜତରୁ ବାହାର କରି ଗୋପରେ ଭାଇଚାରା ସୃଷ୍ଟି କରି କୁଶଭଦ୍ରା ନଦୀ କୂଳରେ ମେଳଣ କରିବା ପାଇଁ ସୋପ୍ନାଦେଶ ଦେଇଥିଲେ । ଏପରି କି ମୁଁ ଆତସବାଜି ଦେଖିବା ପାଇଁ ଇଚ୍ଛା କରୁଛି ବୋଲି ସଓ୍ୱପ୍ନା ଦେଶ କରିଥିବା କହିବାରୁ ଆତସବାଜି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୁଏ । କିନ୍ତୁ ଏହି ହିନ୍ଦୁ ମୁସଲମାନ ମେଳଣ କୁହାଯାଉଥିବା ଆତସବାଜି ସମୟରେ ପ୍ରଭୁ ଗୋପାଳଜୀଉଙ୍କ ଦୋଳ ବିମାନ ଉପରେ ବାଣ ପଡ଼ି ବିମାନ ଜଳି ଯାଇଥିବା ବେଳେ ପ୍ରଭୁ ଗୋପାଳଜୀଉଙ୍କ ଗୋଟିଏ ଆଖ କଣା ହୋଇଯାଇଥିଲା । ସେହିଦିନଠାରୁ ମଧ୍ୟ ପ୍ରଭୁ ଗୋପାଳଜୀଉଙ୍କୁ କଣା ଗୋପାଳଜୀଉ ବୋଲି ଶ୍ରଦ୍ଧାଳୁମାନେ କୁହନ୍ତି । ପୂର୍ବରୁ ଏହି ମେଳଣରୁ ବିବାହ ବ୍ରତ ସହିତ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଲୋକମାନେ ବର୍ଷକ ଲାଗି ଘରକରଣା ସାମଗ୍ରୀ କିଣିନେଉଥିଲେ । ଏବେ କିନ୍ତୁ ଏହି ମେଳଣ ୭ଦିନ ଧରି ଚାଲୁଛି । ଦୈନ ଦିନ ମେଳଣ ପଡ଼ିଆରେ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବୁଧବାର ସନ୍ଧ୍ୟାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆନୁସଙ୍ଗିକ ଭାବରେ ଗୋପ ଲୋକ ଉତ୍ସବ କୁ ଉଦ୍‌ଘାଟନ କରିଛନ୍ତି ।ଏହି ସଂସ୍କୃତିକ କାର୍ଯ୍ୟକ୍ରମ ରେ ଗୋପ ଲୋକ ଉତ୍ସବର କାର୍ଯ୍ୟକାରୀ ସଭାପତି ବନରଞ୍ଜନ ପଟନାୟକ,ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।ଶାନ୍ତି ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏକ ପ୍ଲାଟୁନ ପୋଲିସ ମୃତୟନ ଥିଲେ ।

# ବିଶନାଥ ଦେବଙ୍କ ଗୀତାଯଜ୍ଞ ପୂର୍ଣ୍ଣାହୁତି

କଣାସ,(ସବ୍ୟୁ): କଣାସ ବ୍ଲକ ବଡାଲ ପଞ୍ଚାୟତ ଖୁଣ୍ଟିଆବାଣପୁର ଗ୍ରାମରେ ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ବିଶନାଥ ଦେବଙ୍କ ୪୨ ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଯାଇଛି । ଏଥିରେ ଗୀତାଯଜ୍ଞ ,ଗୀତା ପଠନ,ଚଣ୍ଡୀପାଠ, ଯଜ୍ଞାହୁତି ପ୍ରଦାନ,ଶ୍ରୀରାମଚରିତ ମାନସ ଓ ସମୂହ ପାରାୟଣ ବିଧିପୂର୍ବକ ଦେଶର ଓ ରାଜ୍ୟର କଲ୍ୟାଣ ସାଧନ ନିମନ୍ତେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶନିବାର ଦିନ ପୂର୍ଣ୍ଣାହୁତି ,ଘାଟ ବିସର୍ଜନ,ନଗର ପରିକ୍ରମା ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଗୋପୀନାଥପୁର ଗ୍ରାମର ଚାଲିଥିବା ମା ଡୋମଣି ଠାକୁରଙ୍କ ବିଶଶାନ୍ତି ମହାଯଜ୍ଞାର ପୂର୍ଣ୍ଣାହୁତି ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ କଣାସ ବ୍ଲକ ୪ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଭୀମସେନ ପାଇକରାୟ, ସମାଜସେବୀ ପ୍ରସନ୍ନ ପଟ୍ଟନାୟକ,ମହେଶର ବୈରିଗଞ୍ଜନ, ଶେଖର ବାରିକ,ଗୁଣ୍ଡିଚା ଜେନା ଓ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା

# ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବିଏଲଓଙ୍କ ସହାୟତା

ନିରାକାରପୁର, (ସବ୍ୟୁ) : ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଓଡ଼ିଶାଙ୍କ ପକ୍ଷରୁ ସାଧାରଣ ଜନତାଙ୍କୁ ସହଯୋଗ ପାଇଁ ନିବେଦନ କରାଯାଇଛି । ଭୋଟର ମ୍ୟାପିଂ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କୁ ସହାୟତା କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି ।ଭୋଟରମାନେ ସେମାନଙ୍କର ନିଜ ନାମ, ପିତା କିମ୍ବା ଜେଜେବାପାଙ୍କ ନାମକୁ ୨୦୦୨ ମସିହା ଭୋଟର ତାଲିକାରେ ଖୋଜିବାକୁ କୁହାଯାଇଛି । ଏଥିପାଇଁ ସିଇଓ ଓଡ଼ିଶାର ଅଫିସିଆଲ ୱେବସାଇଟର ବ୍ୟବହାର କରି ଖୋଜିବା ପରେ ସେହି ସୂଚନା ନିକଟସ୍ଥ ବୁଥ ସ୍ତରୀୟ ଅଧିକାରୀ ଙ୍କୁ ଜଣାଇଲେ, ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ହେଉଥିବା ଜଟିଳ ପ୍ରକ୍ରିୟାକୁ ସହଜରେ ସମାଧାନ କରାଯାଇପାରିବ ।ଅଧିକ ସୂଚନା କିମ୍ବା ସହାୟତା ପାଇଁ ନାଗରିକମାନେ ଭୋଟର ହେଲ୍‌-ଲାଇନ ନମ୍ବର: ୧୯୫୦ କୁ କଲ କରିବା ପାଇଁ କୁହାଯାଇଛି । ଭୋଟର ତାଲିକାକୁ ସଠିକ ଓ ଦ୍ରୁତ ଗତିରେ ସଂଶୋଧନ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଏଥିରେ ସହଯୋଗ କରିବାକୁ କୁହାଯାଇଛି ।ନିରାକାରପୁର ରାଉଳହଜ ପାଇଁ ବିଏଲଓ ପ୍ରଭାତୀ ସାହୁ, ନିରାକାରପୁର ଓ ନରେନ୍ଦ୍ରପୁର ପାଇଁ ପ୍ରଣତୀ ବେହେରା, ନନପଡା, ମଞ୍ଚାରୀଆପାଟଣା ପାଇଁ ସଂଯୁକ୍ତା ପଟ୍ଟନାୟକ ଏବଂ ମଳୟ ମଙ୍ଗରାଜ ପ୍ରମୁଖ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ସହଯୋଗ ନେଇ ସ୍ଥାନୀୟ ଭୋଟର ମାନେ ଉପକୃତ ହୋଇ ପାରିବେ ।

# ଅଳକୁଣ୍ଡ-ସୁଦରଖ ରାସ୍ତା ଶୋଚନୀୟ, ମରାମତି ପାଇଁ ଦାବୀ

ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅଳକୁଣ୍ଡ ଠାରୁ ସୁଦରଖ ଭାୟା ମହାନ୍ତି ସାହି ପର୍ଯ୍ୟନ୍ତ ୩ କି.ମି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗତ ୪ ବର୍ଷ ତଳେ ଉକ୍ତ ରାସ୍ତାରେ ପିଚୁ ଓ ଢଳେଇ କାର୍ଯ୍ୟ ହୋଇଥିଲା। ତେବେ କାମ ହେବାର ମାତ୍ର ବର୍ଷକ ପରେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଗୋଡି ଉଠି ଖାଲ ସାଙ୍ଗକୁ ଢଳେଇ ଫାଟି ଆଁ କରିଛି। ଉକ୍ତ ରାସ୍ତା ଉପରେ ଅଳକୁଣ୍ଡ,ମହାନ୍ତିସାହି ଓ ସୁଦରଖ ଆଦି ଗ୍ରାମବାସୀ ନିର୍ଭର କରିଥାନ୍ତି। ତେବେ ରାସ୍ତାରୁ ପିଚୁ ଓ ଗୋଡି ଉଠି ଛୋଟ ବଡ ଖାଲ ସୃଷ୍ଟି ହେବା ଯୋଗୁଁ ଯାନବାହାନ ଚଳାଚଳ,ସ୍କୁଲ,କଲେଜ ପିଲା,ଆମ୍ବୁଲାନ୍ସ ଯାତାୟତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ବିମ୍ବାଧର ନାୟକ,ବିଭୁତୀ ଭୂଷଣ ମହାନ୍ତି,ପ୍ରକାଶ ନାୟକ,ଆଶିଷ ମହାନ୍ତି,ସୁଧିର ନାୟକ,ପ୍ରମୋଦ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ତୁରନ୍ତ ଉକ୍ତ ରାସ୍ତାଟିକୁ ମରାମତି କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

# ଜଙ୍ଗଲ ନିଆଁର କାରଣ, ନିବାରଣ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ କାରଣ, ନିବାରଣ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ବୁଧବାର ପୂର୍ବାହ୍ନରେ ନୟାଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରୀ, ଖଣ୍ଡପଡ଼ା ନାଞ୍ଚଳ ଅଧିକାରୀ ଓ ସିଭିଲ ସୋସାଇଟି ନୟାଗଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସିଭିଲ ସୋସାଇଟି ନୟାଗଡ଼ର ଉପାଧ୍ୟକ୍ଷ ଭଗବତୀ ଚରଣ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦୋର୍ଜନ ବେହେରା, ଖଣ୍ଡପଡ଼ା ତହସିଲଦାର ବିଶିଶୃତ ତ୍ରିପାଠୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନମୋହନ ପ୍ରଧାନ, କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ସମାଜସେବୀ ଅଖିଳ କୁମାର ମହାରଣା ଯୋଗଦେଇ ଜଙ୍ଗଲ ମଧ୍ୟରେ ବିଭିନ୍ନ କାରଣରୁ ଲାଗୁଥିବା ନିଆଁ ଯୋଗୁଁ ହେଉଥିବା କ୍ଷୟକ୍ଷତି ଓ ଏହାର ନିରାକରଣ ନିମିତ୍ତ ଆବଶ୍ୟକ ସଚେତନତା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବୃକ୍ଷ ରୋପଣ, ଜଙ୍ଗଲ ନିଆଁ ନିରାକରଣ ଓ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ ପାଇଁ ପ୍ରତ୍ୟେକ ସ୍ତରରେ ଚେଷ୍ଟା କରାଯିବା ସହ ଜଙ୍ଗଲ ସଂପଦ ରକ୍ଷା ନିମିତ୍ତ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯିବା ନିମନ୍ତେ ସମସ୍ତ ଅତିଥି ପ୍ରସ୍ତା ପ୍ରଦାନ କରିଥିଲେ । ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା ଓ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିବାବେଳେ ସିଭିଲ ସୋସାଇଟି ପକ୍ଷରୁ ଏ ସଂପର୍କୀତ ଏକ ସଚେତନତା ଧର୍ମୀ ସିନେମା ପରଦାରେ ପ୍ରଦର୍ଶୀତ ହୋଇଥିଲା । ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ୍ୟ ବନ ସୁରକ୍ଷା ସମିତି ଓ ସିଭିଲ ସୋସାଇଟିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସଦର ବନପାଳ ଲୁଲୁ ସାହୁ,ସିଂଘାପଡା ବନପାଳ ଜ୍ୟୋତିରଞ୍ଜନ ମଲ୍ଲିକ ଓ କଣ୍ଟିଲୋ ବନପାଳ ବିଜୟ କୁମାର ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାଯାଇଛି ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ

ନିମାପଡା,(ସବ୍ୟୁ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ରଶିକ୍ଷା ପୁରୀ ପକ୍ଷରୁ ପିଏମଶ୍ରୀ ନିମାପଡା ଉଚ୍ଚ ବିଦ୍ୟାଳୟ ବାରବାଟୀ ପଡିଆ ପରିସରରେ ଦୁଇଦିନ ଧରି ଚାଲିଥିବା ପୁରୀ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉସିବ-୨୦୨୬ ବୁଧବାରଦିନ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉସିବରେ ଅତିଥିଭାବେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧିକାରୀ ସନ୍ତୋଷ କୁମାର ପରିଡା,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ



ଦ୍ୱିତୀକାନ୍ତ ପ୍ରଧାନ,ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍,ଉତଂମ ପ୍ରଧାନ,ନିମାପଡା ତହସିଲଦାର ଡଃ.ମନୋଜ କୁମାର ପ୍ରଧାନ,ପିଏମ୍‌ଶ୍ରୀ ନିମାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନନ୍ଦିତା ସାହୁ ପ୍ରମୁଖ ଯୋଗଦେଇ ପିଏମ୍‌ଶ୍ରୀ ଉସିବ ଆୟୋଜନର ମୂଳ ଲକ୍ଷ ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଉସିବ ସ୍ଥଳରେ ୧୬ଟି ପିଏମ୍‌ଶ୍ରୀ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭା ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପ୍ରତାପ ରାଉତ ଓ ଜ୍ୟୋତି ରଂଜନ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀ ଉସିବ ପରିଚାଳନାରେ ସହଯୋଗ କରିଥିଲେ।

# କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୁରସ୍କାର ବିତରଣ

ଆଠଗଡ ,(ସବ୍ୟୁ): ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କର ବିତରଣ କରାଯାଇଥିଲା । ଅନୁଷ୍ଠାନର ସଭାପତି ଜଗନ୍ନାଥ ରାଉତ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୂଖ୍ୟ ଅତିଥିଭାବେ କଟକ ଜିଲ୍ଲା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବଜେନ୍ଦ୍ର ରାୟ , ମୂଖ୍ୟ ବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସଂସ୍ଥାର ସଭାପତି ଶରତ ଚନ୍ଦ୍ର ସାମନ୍ତ, ସଂମ୍ମାନିତ ଅତିଥି ଭାବେ ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ କଂଗ୍ରସ ବିଧାୟକ ପାର୍ଥି ସୁଦର୍ଶନ ସାହୁ, ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀର ସମାଜ ସେବି ଲକ୍ଷ୍ମୀନାରାୟଣ ଭଞ୍ଜ, ଯୁବ ସମାଜ ସେବି ପିଙ୍କନ ସାହୁ, ବିଦ୍ୟାଳୟ ମୂଖ୍ୟ ପରାମର୍ଶ ଦାତା ତଥା ଆଠଗଡ଼ ସାମ୍ବାଦିକ ସଂଘର ସଂମ୍ପାଦକ ବିଭୁତି ଭୂଷଣ ଖଟୁଆ ଅତିଥି ଭାବେ ଯୋଗ ଦେଇ ଗୁରୁକୁଳର ଗୁରୁ ଶିଷ୍ୟର ସଂମ୍ପର୍କ ଆଉ ଆଧୁନିକ ଯୁଗରେ ମଧ ସଂସ୍କାର ଓ ଶିକ୍ଷା ପାଇଁ ଉତ୍ତମ ଶିକ୍ଷା କେନ୍ଦ୍ର କନ୍ଦରପୁର ସରସଓ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୋଲି ମତ ପ୍ରକାଶ କରିଥିଲେ । ସଂପାଦକ ସୁଶାନ୍ତ କୁମାର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିବେକାନନ୍ଦ ପ୍ରଧାନ ମଂଚ ପରିଚାଳନା କରିଥିଲେ । ଚଳିତ ବର୍ଷ କ୍ରୀଡା , ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ସଂମ୍ମାନ ପୁରସ୍କାର ଅତିଥିମାନେ ପ୍ରଦାନ



କରିଥିଲେ,ଅତିଥିମାନେ, କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୁତିକ କାର୍ଯ୍ୟକ୍ରମ କରାଯିବା ସହିତ ପୁନଃ ପୁରସ୍କାର ବିତରଣ କରାଯାଇଥିଲା ।ଏହି କର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସହିତ ବିଦ୍ୟାଳୟର ଗୁରୁଜୀ ଗୁରୁମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ଦଶପଲ୍ଲାରେ ଜାତୀୟ ମାନବାଧିକାର ଆୟୋଗ ସ୍ୱତନ୍ତ୍ର ନିରୀକ୍ଷକ

ଦଶପଲ୍ଲା,(ସବ୍ୟୁ): ଜାତୀୟ ମାନବିକ ଅଧିକାର ଆୟୋଗଙ୍କ ସ୍ୱତନ୍ତ୍ର ନିରୀକ୍ଷକ (ଅନୁସୂଚିତ ଜନଜାତି) ଆର ହେମନ୍ତ କୁମାର ମଙ୍ଗଳବାର ଦିନ ଦଶପଲ୍ଲା ବ୍ଲକ ପୋଖରିଗୋଛା ଗ୍ରାମପଞ୍ଚାୟତ କୈଆଁଡିହ ଗ୍ରାମ ପରିଦର୍ଶନ କରିଛନ୍ତି । ବନବାସୀଙ୍କୁ ମିଳିଥିବା ଜଙ୍ଗଲ ଅଧିକାର ଆଇନ ଉପଯୋଗୀତା ସମ୍ପର୍କ ରେ ସେ ଅନୁଧ୍ୟାନ କରିଥିଲେ । ଜଙ୍ଗଲ ଅଧିକାର ଆଇନ-୨୦୦୬ ମାଧ୍ୟମରେ କଇଁଆଡିହ ଗ୍ରାମକୁ ପ୍ରଦାନ କରାଯାଇଥିବା ଗୋଷ୍ଠୀ ସମ୍ବଳ ଶିରୋନାମା ଦାରା ଜଂଗଲର ସୁରକ୍ଷା , ସୁ-ପରିଚାଳନା ଏବଂ ଜୀବିକା ନିର୍ବାହରେ ଏହା ଅନୁସୁଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଗ୍ରାମବାସୀ ଏବଂ ସରକାରୀ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ଜୀବନ ଜୀବିକା , ଶିକ୍ଷା, ସଓ୍ୱାସ୍ଥ୍ୟ, ମୋବାଇଲ ନେଟଓ୍ୱାର୍କ, ଜଙ୍ଗଲ ଓ ପରିବେଶ ସୁରକ୍ଷା ସମ୍ପର୍କରେ ମଧ୍ୟ ସେ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ଜଙ୍ଗଲ ଉପରେ ନିର୍ଭର ଶୀଳ ପରିବାର ଗୁଡିକ ର ଜୀବନ ଧାରଣ ର ମାନ ଓ ଅର୍ଥନୀତିକ ବିକାଶ ଉପରେ



ସମୀକ୍ଷା କରିଥିଲେ ।ତାଙ୍କର ଗସ୍ତ ସମୟରେ ଦଶପଲ୍ଲା ତହସିଲିଦାର ସ୍ମୃତି ରଞ୍ଜନ ସଥପତି ,ଦଶପଲ୍ଲା ସହ ବନ ସଂରକ୍ଷକ ଆଇଶା ଅକ୍ତରୀ ନିଶା, ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ,ନୟାଗଡ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତ ରଞ୍ଜନ ବେହେରା ,ନୟାଗଡ଼ ଜିଲ୍ଲା ପୋଲିସ ଉପନିରୀକ୍ଷକ ଡୋମାନ ଟୁଡ୍ଡୁ ,ବସୁନ୍ଧରା ଏନଜିଓର କର୍ମକର୍ତ୍ତା, ଦଶପଲ୍ଲା ବ୍ଲକର ମଂଗଳ ସଂପ୍ରସାରଣ ଅଧିକାରୀ ରଶ୍ମି ରଞ୍ଜନ ବାରିକ ଏବଂ ପୋଖରୀଗୋଛା ସରପଞ୍ଚ ଶ୍ରୀମନ୍ତ ନାୟକ ଏବଂ ନୟାଗଡ ଜିଲ୍ଲା ଜଙ୍ଗଲ ସୁରକ୍ଷା ମହାସଂଘ ସମ୍ପାଦକ କିଶୋର ଚନ୍ଦ୍ର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଏପ୍ରିଲ ୨୦ରୁ ନୀଳମାଧବଙ୍କ ଚନ୍ଦନ ଯାତ୍ରା

କଣ୍ଟିଲୋ,(ସବ୍ୟୁ): ଆସନ୍ତା ଏପ୍ରିଲ ୨୦ ତାରିଖ ଅକ୍ଷୟ ତୃତୀୟା ଠାରୁ ନୀଳମାଧବଙ୍କ ପ୍ରମୁଖ ପର୍ବ ଚନ୍ଦନ ଯାତ୍ରା ୨୧ଦିନ ବ୍ୟାପି ଅନୁଷ୍ଠିତ ହେବ । ଏନେଇ ପ୍ରସ୍ତୁତି ବୈଠକ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଚନ୍ଦନ ଯାତ୍ରାରେ ଶ୍ରୀ ଜୀଉଙ୍କ ନୌକା ବିହାର ସାଙ୍ଗକୁ ଗ୍ରାମ ବିଜେ ଓ ଚାଚେରୀ ଭୋଗଖିଆ ନୀତି ମଧ୍ୟ ଅନୁଷ୍ଠିତ ହେବ । ବିଭିନ୍ନ ନିଯୋଗ, ସେବାୟତଙ୍କ ସହଯୋଗରେ ଚନ୍ଦନ ଯାତ୍ରା କିଭଳି ଶାନ୍ତି, ଶୃଙ୍ଖଳାର ସହ ସମାପନ ହେବ ଏନେଇ ଆଲୋଚନା ହୋଇଥିଲା । ନୀଳମାଧବ ପୂଜକ ସମାଜ ପ୍ରତିନିଧି ଙ୍କ ସମେତ ଆପଟ ସେବକ,କୈବର୍ତ୍ତ ସେବକ,ମଶାଲ, କାହାଳି, ଛତ୍ର, ଛତ୍ରୀ ସେବକ ଆଦି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଯୋଗ ଦେଇ ମତାମତ ରଖିଥିଲେ । ଚଳିତ ବର୍ଷ ସମସ୍ତ ନିଯୋଗ ପାଉଣା ବୃଦ୍ଧି ସମ୍ପର୍କ ରେ ନିଷ୍ପତି ନିଆଯାଇଥିଲା ।ବୈଠକ



ରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ,ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର, ନୀଳମାଧବ ମିଶ୍ର, ମନୋରଞ୍ଜନ ମିଶ୍ର,ଶତ୍ରୁଘ୍ନ ବେହେରା,ଆପଟ ସେବକ ପ୍ରତିନିଧି ଉଦ୍ୟନାଥ ମହାକୁଡ଼,ନୀଳମାଧ ପରିବାର କର୍ମକର୍ତ୍ତା ନବକିଶୋର ବେହେରା, ମାଧବ ମହାରଣା,କୈବର୍ତ୍ତ ସମାଜ ପକ୍ଷରୁ ଉଦ୍ୟନାଥ ବେହେରା, ହରିହର ଦଳେଇ, ହରିହର ନାୟକ, ଏବଂ ଦେବୋତ୍ତର କର୍ମଚାରୀ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

# ଶେଷ ହେଲା ଖଳିସାହି ଦଶଦୋଳ ମହୋତ୍ସବ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି ଗ୍ରାମର ଦଶଦୋଳ ମହୋତ୍ସବ ଉଦଯାପିତ ହୋଇଥିବା ଜଣାଯାଇଛି । ଖଳିସାହି ନେଳିଆ ପୋଖରୀଛକ ପାର୍ଶ୍ୱସ୍ଥ ଦଶଦୋଳ ଯାତ୍ରା ପଡ଼ିଆରେ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଚାରିଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ,ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶିଶୃତ ତ୍ରିପାଠୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନମୋହନ ପ୍ରଧାନ,ନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଫକିର ମୋହନ ଦାସ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ । ମହୋତ୍ସବ କମିଟିର ସଭାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅଶୋକ କୁମାର ଗଁଆ



ସଂଯୋଜନା କରିଥିଲେ ।କଟକ ବଡ ମେଡିକାଲରେ ଘଟିଥିବା ଦୁର୍ଘଟଣାରେ ମୃତାହତ ମାନଙ୍କ ପାଇଁ ଶୋକ ଓ ରାଜ୍ୟସଭା ନିର୍ବାଚନରେ ନିର୍ବାଚିତ ହୋଇଥିବା ସାଂସଦଙ୍କୁ ବିଧାୟକ ଏହି ମଞ୍ଚରେ ଅଭିନନ୍ଦନ ଜଣାଇଥିଲେ ।କମିଟିର ସଂପାଦକ ଧୀରେନ କୁମାର ଗଁଆ ଧନ୍ୟବାଦ ଅର୍ପଣ କରିଥିବାବେଳେ ରାଜ୍ୟର ବିଶିଷ୍ଟ କଣ୍ଠଶିଳ୍ପୀ ମାନଙ୍କୁ ନେଇ ମେଲୋଡି ଓ ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନନ୍ଦନକାନନରେ ଶାଗୁଣା ବଂଶ ବୃଦ୍ଧି

ବାରଙ୍ଗ, (ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସି ଖବର । ଦୀର୍ଘ ଦିନ ବ୍ୟବଧାନ ପରେ ଶାଗୁଣା ପଜନ୍ନନ କେନ୍ଦ୍ରରେ ଗୋଟିଏ ଶାଗୁଣା ଛୁଆ ସଫଳତାର ସହ ଫୁଟି ବାହାରିଛି । ଯାହା ଫଳରେ ଏଇ ପ୍ରଜାତି ଲୋପ ପାଇଯାଉଥିବା ବେଳେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି ।ସୂଚନା ଯୋଗ୍ୟ ଯେ , ଶାଗୁଣା ବଂଶ ସର ବିଶ୍ୱରେ ଲୋପ ପାଇଯାଇଥିବ ବେଳେ ଇଙ୍କଅ ଅନୁମତି କ୍ରମେ ୨୦୧୨ ମସିହା ରେ ଉଦ୍ଭିଦ ଉଦ୍ୟାନରେ ଶାଗୁଣା ପ୍ରଜନନ କେନ୍ଦ୍ର କରାଯାଇଥିଲା । ମୁଖ୍ୟ ଲକ୍ଷ ଏମାନଙ୍କ ବଂଶ ବିସ୍ତାର କରିବା ପାଇଁ ରହିଥିଲା । ଯାହା ସଫଳ ହୋଇଛି । ଏହି କେନ୍ଦ୍ରରେ ଡିସେମ୍ବର ୨୦୨୫ ରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଯୋଡ଼ା କେ ୪୨ (ପୁରୁଷ) ଏବଂ କେ ୪୬ (ମାଇ) ଶାଗୁଣାକୁ ଏକାଠି କରାଯାଇଥିଲା । ଜାନୁଆରୀ ୧୬ ରେ ଲମ୍ବା-ବିଲା ପ୍ରଜାତିର ଶାଗୁଣା ଅଣ୍ଡା ଦେଇଥିଲେ ଏବଂ ଚଳିତ ମାର୍ଚ୍ଚ ୧୧ ରେ ଫୁଟି ବାହାରିଥିଲେ । ଏବେ ଛୁଆ ସୁସ୍ଥ ଥିବା ବେଳେ କର୍ତ୍ତୃପକ୍ଷ ୨୪ ଘଣ୍ଟିଆ ନଜରରେ ରହିଛି । ଏହି ଜନ୍ମ ସହିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଲମ୍ବା-ବିଲା ଶାଗୁଣା ସଂଖ୍ୟା ୧୧ କୁ ବୃଦ୍ଧି ପାଇଛି । ଏମାନଙ୍କ ମଧ୍ୟରୁ ୫ପୁରୁଷ ଥିବା ବେଳେ ୫ ଟି ମାଇ ଓ ଗାଟିଏ ଲିଙ୍ଗ ନିରୂପଣ କରାଯାଇନଥିବା ସୂଚନା ମିଳିଛି ।

# ଏପ୍ରିଲ ୨ରୁ ପ୍ରତାପନଗରୀରେ ଧାକୁଲେଇ ବାଣଯାତ୍ରା

ଫୁଲନଖରା ,(ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଅଞ୍ଚଳର କୁଆଖାଇ ନଦୀକୂଳରେ ଅବସ୍ଥିତ ମା’ ଧାକୁଲେଇ ପୀଠର ପ୍ରସିଦ୍ଧ ବାଣଯାତ୍ରା ଓ ମହୋତ୍ସବ ଚଳିତ ବର୍ଷ ଆସନ୍ତା ଚୈତ୍ର ପୂର୍ଣ୍ଣିମା ଅବସରରେ ଆୟୋଜିତ ହେବାକୁ ଯାଉଛି । ଏହି ଧାର୍ମିକ ଓ ସାମ୍ପ୍ରଦାୟିକ ମହୋତ୍ସବ ଏପ୍ରିଲ ୨ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ସାତ ଦିନ ବ୍ୟାପୀ ଅତ୍ୟନ୍ତ ଆଡମ୍ବର ଓ ଭକ୍ତିମୟ ପରିବେଶରେ ପାଳନ କରାଯିବ ବୋଲି ସ୍ଥାନୀୟ ଆୟୋଜକମାନଙ୍କ ପକ୍ଷରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ପ୍ରତାପନଗରୀ ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ କମିଟି ସଭାପତି ପ୍ରମୋଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ସମ୍ପର୍କିତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାପନା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ସଦରର ବିଧାୟକ ଇଂ. ପ୍ରକାଶଚନ୍ଦ୍ର ସେଠୀ ଯୋଗଦେଇ




ମହୋତ୍ସବକୁ ଆହୁରି ଆକର୍ଷଣୀୟ, ସୁନ୍ଦର ଓ ଶୃଙ୍ଖଳାବଦ୍ଧ ଭାବରେ ପାଳନ କରିବାକୁ ସମସ୍ତ ପ୍ରକାର ସହଯୋଗ ଓ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନ ଦେଇଥିଲେ । ବୈଠକରେ ସମ୍ମାନିତ ଅତିଥି ଭାବେ ପୋଲିସ କମିଶନରେଟ ଅତିରିକ୍ତ ଡିସିପି ରଞ୍ଜିତ କୁମାର ପୃଷ୍ଟି ଓ ଜୋନ୪ ଏସିପି ଅମିତାଭ ମହାପାତ୍ର ଯୋଗଦେଇ ମହୋତ୍ସବ ସମୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପ୍ରଶାସନ ପକ୍ଷରୁ କଠୋର ସୁରକ୍ଷା ବ୍ୟବସ୍ଥା ନିଆଯିବ ବୋଲି କହିଥିଲେ । ମହୋତ୍ସବ ସମୟରେ ପ୍ରତିଦିନ ସନ୍ଧ୍ୟାରେ ରେ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେଥିପାଇଁ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷାବିତ କୃତି ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯିବାର ବ୍ୟବସ୍ଥା ରହିଛି । ଏହି ବର୍ଷର ମହୋତ୍ସବରେ ପ୍ରାୟ ୫୦୦ରୁ ଅଧିକ ଛୋଟବଡ଼ ବ୍ୟବସାୟିକ ଦୋକାନ ଖୋଲାଯିବା ସହ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଓ ଧାକୁଲେଇ ଯାତ୍ରା ମହୋତ୍ସବ କମିଟି ମଧ୍ୟରେ ସମନ୍ୱୟ ସହ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଯାତ୍ରା ସମୟରେ ଯାତାୟାତ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଆପତ୍କାଳୀନ ସେବା ପାଇଁ ବିଶେଷ ପ୍ରସ୍ତୁତି ନିଆଯିବ । ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ନିହାର ରଞ୍ଜନ ପଣ୍ଡା, ସାଧୀନଚେତା ମହାନ୍ତି, କୌଶିକଜେନା, ନିମାଇଁ ଚରଣ ଲେଙ୍କା, ବିକ୍ରମ ଶତପଥୀ, ବିଶେଶ୍ୱର ବେଉରା, ମହନ୍ତ ବନମାଳୀ ଦାସ ଓଦିଲ୍ଲୀପ ସାଇଁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ମା’ ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ପ୍ରମୋଦ କୁମାର ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ କରି ମହୋତ୍ସବର ଇତିହାସ, ଗୁରୁତ୍ୱ ଓ ଆୟୋଜନ ନେଇ ବିସ୍ତୃତ ସୂଚନା ଦେଇଥିଲେ । ବୈଠକରେ ବାଦଲ କୁମାର ଜେନା, ବାଦଲ କୁମାର ସଓ୍ୱାଇ, ଶ୍ରୀଚରଣ ରାଉତ, ନିରଞ୍ଜନ ରାଉତ ସହ ଗ୍ରାମ ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦାମାନଙ୍କ ସକ୍ରିୟ ଉପସ୍ଥିତି ଦେଖାଯାଇଥିଲା ।

# ତବଲା ବାଦକଙ୍କ ପରଲୋକ

ବୋଲଗଡ଼, (ସବ୍ୟୁ): ବୋଲଗଡ଼ ଅଞ୍ଚଳର ବିଶିଷ୍ଟ ତବଲା ବାଦକ , ନାଟ୍ୟ କଳାକାର , ନିର୍ଦ୍ଦେଶକ କଳାଙ୍ଗ ଗ୍ରାମର ଶୈଳେନ୍ଦ୍ର ସାମନ୍ତ ରାୟ (୭୨)ଙ୍କର ବୁଧବାର ଅପରାହ୍ନ ଗୋଟାଏରେ ପରଲୋକ ଘଟିଛି । କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।ତାଙ୍କ ମରଶରୀରକୁ ସଂଧ୍ୟାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମଶଶ୍ମାନରେ ସଂସ୍କାରକରାଯାଇଥିଲା । ଏକମାତ୍ର ପୁତ୍ର ତାରାପ୍ରସାଦସାମନ୍ତରାୟ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ କଳାଙ୍ଗ ଗ୍ରାମପଞ୍ଚାୟତର ସମିତି ସଭ୍ୟ ରଶ୍ମିରଞ୍ଜନ ପ୍ରଧାନ , ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ କୁମାର ହୋତା , ଦୁର୍ଗା କ୍ଲବରବିଶିଷ୍ଟ କଳାକାର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ସମେତ କଳାଙ୍ଗ ପଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ ।

**(ଶ୍ରୀମଭଗବଦ୍ ଗୀତା ୨/୬୧)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ତାନି ସବାଣି ସଂଯମ୍ୟ ଯୁକ୍ତ ଅସୀତ ମତ୍ପରଃ ।**
**ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୬୧ ॥**

ଯୋଗୀ ବ୍ୟକ୍ତି ସେହି ଇନ୍ଦ୍ରିୟମାନଙ୍କୁ ସମ୍ପୂର୍ଣ୍ଣ ରୂପରେ ଦମନ କରି ମୋଠାରେ ଭକ୍ତିଭାବରେ ରହନ୍ତି । କାହିଁକିନା ଇନ୍ଦ୍ରିୟମାନେ ଯାହାଙ୍କର ବଶୀଭୂତ, ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତା ( ସେ ସ୍ଥିରବୁଦ୍ଧି ଅଟନ୍ତି) ॥୬୧॥



# ଭାରତର ସର୍ବୋଚ୍ଚ ବହୁମୁଖୀ ତେହେରି ନଦୀବନ୍ଧ ପ୍ରକଳ୍ପ

ଉତ୍ତରାଖଣ୍ଡ ରାଜ୍ୟ ଅଧୀନରେ ଥିବା ଟି.ଏଚ୍.ଡି.ସି ଇଣ୍ଡିଆ ଲିମିଟେଡ ଭାରତର ସର୍ବୋଚ୍ଚ ବହୁମୁଖୀ ନଦୀବନ୍ଧ (ଡ୍ୟାମ) ପ୍ରକଳ୍ପ । ତେହେରି ନଦୀବନ୍ଧର ଉଚ୍ଚତା ହେଉଛି ୨୬୦ ଦଶମିକ ୫ ଲିଟର (୮୫୫ ଫୁଟ) । ଭାରତରେ ଏହା ହେଉଛି ସର୍ବୋଚ୍ଚ ସ୍ଥାନରେ ଥିବା ପ୍ରଥମ ନଦୀବନ୍ଧ ପ୍ରକଳ୍ପ । ସମଗ୍ର ବିଶ୍ୱରେ ଏହାକୁ ତ୍ରୟୋଦଶତମ ସର୍ବୋଚ୍ଚ ଡ୍ୟାମ ବୋଲି କୁହାଯାଇ ପାରିବ । ୧୯୭୮ରୁ ଏହି ନଦୀବନ୍ଧର ନିର୍ମାଣ କାର୍ଯ୍ୟାରମ୍ଭ ହୋଇ ୨୦୦୬ରେ ସମ୍ପନ୍ନ ହୋଇଥିଲା । ଏହାର ଦୈର୍ଘ୍ୟ ହେଉଛି ୫୭୫ ମିଟର (୧, ୮୮୬ ଫୁଟ ) । ଭୂକମ୍ପପ୍ରବଣ ଅଞ୍ଚଳ ହୋଇଥିବାରୁ କାଦୁଅ ଓ ହାଲକା ପଥରରେ ନିର୍ମିତ ଏହି ନଦୀବନ୍ଧଟି ଭାଗିରଥୀ ନଦୀ ଉପରେ ନିଉ ତେହେରିଠାରେ ଉତ୍ତରାଖଣ୍ଡର ଗରୱାଲ ଜିଲ୍ଲାରେ ଅବସ୍ଥିତ । ଏହା ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ନଦୀବନ୍ଧ ଯୋଜନା ଭାବେ ପରିଚିତ । ବିଶ୍ୱରେ ଏବେ ଏହାର ସ୍ଥାନକୁ ତୃତୀୟରେ ରଖାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି ।

ଭାରତ ସରକାରଙ୍କ ପତ୍ର ସୂଚନା ବିଭାଗର ଓଡ଼ିଶା ଶାଖା ଆନୁକୂଲ୍ୟରେ ପି.ଆଇ.ବିର ଉପ-ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଓ ସୂଚନା ଅଧିକାରୀ ବିକାଶ ରଞ୍ଜନ ଦଳାଇଙ୍କ ମାର୍ଗ ଦର୍ଶନରେ ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରର ନଅଜଣ ସାମ୍ବାଦିକ ଗତ ମାର୍ଚ୍ଚ ୧୩ (୨୦୨୬)ରେ ପାର୍ବତ୍ୟାଞ୍ଚଳର ଉପର ଭାଗରେ ଏହି ନଦୀବନ୍ଧ ଯୋଜନା ପରିଦର୍ଶନ କରିଥିଲେ ।



ଟି.ଏଚ୍.ଡି.ସି ନଦୀବନ୍ଧ ଯୋଜନାର ମୁଖ୍ୟ ଜେନେରାଲ ମ୍ୟାନେଜର ଅମରନାଥ ତ୍ରିପାଠୀ ଜଣେ ଓଡ଼ିଆ । ତାଙ୍କ ଘର ଗଞ୍ଜାମ ଜିଲ୍ଲାରେ । ସେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ ଏହି ପ୍ରକାଣ୍ଡ ପ୍ରକଳ୍ପ ପାଇଁ ନୂତନ ତେହେରି ସହରଟି ଗଢା ହୋଇଛି । ୨୫ ଗୋଟି ଗାଁକୁ ବିସ୍ତାରିତ ହୋଇଛି ଏହି ପ୍ରକଳ୍ପ । ପ୍ରାୟ ୫୦ ହଜାର ଗ୍ରାମବାସୀଙ୍କୁ ଥଇଥାନ କରାଯାଇଛି ନୂତନ ସହରରେ । ପମ୍ପ ଷ୍ଟୋରେଜ ପଦ୍ଧତିରେ ଏହି ପ୍ରକଳ୍ପରେ ଆବଶ୍ୟକତା ଅନୁଯାୟୀ ଏକ ହଜାର ମେଗା ୱାଟ୍ ବିଦ୍ୟୁତ ପର୍ଯ୍ୟାୟ କ୍ରମେ ଉତ୍ପାଦିତ ହେଉଛି । ଭାରତରେ ଏପରି ବ୍ୟବସ୍ଥା ପ୍ରଥମ । ୧୯୮୬ରେ ରୁଷ ଦେଶ ଓ ୧୯୮୮ରେ ଉତ୍ତର ପ୍ରଦେଶ ସରକାର ଏଥିପାଇଁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାରୁ ଏହି ପ୍ରକଳ୍ପଟି ପ୍ରକୃତରେ ସକ୍ରିୟ ହୋଇ ପାରିଥିଲା ।

ଏହି ଟି.ଏଚ୍.ଡି.ସି ଇଣ୍ଡିଆ ଲିମିଟେଡ କମ୍ପାନୀ ଜାତୀୟ ଥର୍ମାଲ ପାୱାର କର୍ପୋରେସନ ଲିମିଟେଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଶକ୍ତି ବା ଉର୍ଜା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରି ଆସୁଛି । ଟି.ଏଚ୍.ଡି.ସି ଇଣ୍ଡିଆ ଲିମିଟେଡକୁ ଗତ ୨୦୦୯ ଅକ୍ଟୋବର ମାସରେ 'ମିନି ରତ୍ନ' ଶ୍ରେଣୀଭୁକ୍ତ ଏବଂ 'କ' ଶ୍ରେଣୀୟ ସରକାରୀ ଉଦ୍ୟୋଗର ମାନ୍ୟତା ଭାରତ ସରକାର ଦେଇଥିଲେ । ଜଳ ବିଦ୍ୟୁତ ସମେତ ସୂର୍ଯ୍ୟ ତାପରୁ ବିଦ୍ୟୁତ ତଥା ବାଷ୍ପରୁ ବିଦ୍ୟୁତ ଉତ୍ପାଦନ ଏହି ପ୍ରକଳ୍ପ ଜରିଆରେ ଏବେ କରାଯାଇ ପାରୁଛି । ଏହି ପବନ ପ୍ରକଳ୍ପ ଜରିଆରେ ବିଦ୍ୟୁତ ଉତ୍ପାଦନ ପାଇଁ ମଧ୍ୟ କାଇନେଟିକ ଶକ୍ତିକୁ ମେକାନିକାଲ ଶକ୍ତିରେ ରୂପାନ୍ତରିତ କରାଯାଇ ପାରୁଛି ।

ଏହି ପ୍ରକଳ୍ପଟି ଏବେ ତେହେରି ହାଇଡ୍ରୋ ଡେଭଲପ୍‌ମେଣ୍ଟ କର୍ପୋରେସନ ନିମିଟେଡ (THDCIL) ଭାବେ ପ୍ରତିଷ୍ଠିତ । ୧୯୮୮ରୁ ଏହି ପ୍ରକଳ୍ପ ଆରମ୍ଭ କରାଯାଇ ଜଳ ବିଦ୍ୟୁତ ଶକ୍ତି ସମେତ ଅନ୍ୟାନ୍ୟ ଶକ୍ତି ଉତ୍ପାଦନ ପାଇଁ ଏହା ଉଦ୍ଦିଷ୍ଟ ଥିଲା । କେବଳ ଏତିକି ନୁହେଁ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୁଜରାଟ ଓ କେରଳ ପ୍ରଭୃତିରେ ଅନେକଗୁଡ଼ିଏ ଶକ୍ତି ପ୍ରକଳ୍ପ ଏହା ଅଧୀନରେ ଚାଲିଛି । ସେହିପରି ଅରୁଣାଚଳ ପ୍ରଦେଶ ସମେତ ମହାରାଷ୍ଟ୍ରରେ ୬ଟି ପ୍ରକଳ୍ପ ଓ ଛତିଶଗଡ଼ରେ ଆହୁରି ଗୋଟିଏ ଶକ୍ତି ପ୍ରକଳ୍ପର ପ୍ରସ୍ତୁତି ଆରମ୍ଭ ହୋଇଛି ।

ଅତ୍ୟୁଚ୍ଚ ପାର୍ବତ୍ୟାଞ୍ଚଳରେ ଯେଉଁ ନଦୀର ଜଳକୁ ସଂରକ୍ଷିତ କରାଯାଇ ବିରାଟ ଜଳାଶୟର ନିର୍ମାଣ କରାଯାଇଛି, ସେଠାରେ ମଧ୍ୟ ଜଳ କ୍ରୀଡା ପାଇଁ ପାୱାର ବୋଟ ପ୍ରଭୃତି ରହିଛି, ଯାହା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ପାରୁଛି ।

**ଗୁରୁକଲ୍ୟାଣ ମହାପାତ୍ର**
**(ମୁଖ୍ୟ ସମ୍ପାଦକ)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଭ୍ରମ ସଂଶୋଧନ

ତା ୧୮/୦୩/୨୦୨୬ ସମୟରେ ପ୍ରକାଶିତ ସମ୍ପାଦକୀୟ 'ଗୌଣ ସାହିତ୍ୟର ବିଚାର'ରେ କବି ଗିରିଜା କୁମାର ବଳିଆର ସିଂଙ୍କ 'ପାଦପୂରଣ' କବିତା ପୁସ୍ତକ ୨୦୨୬ ପାଇଁ ପୁରସ୍କାର ଲାଭ କରିଛି ବୋଲି ପ୍ରକାଶ ପାଇଛି । କିନ୍ତୁ ଉକ୍ତ କବିତା ପୁସ୍ତକ ୨୦୨୫ ପାଇଁ ପୁରସ୍କାର ଲାଭ କରିଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

(ମୁଖ୍ୟ ସମ୍ପାଦକ)

# ସୁପ୍ରିମକୋର୍ଟରେ ପରୋକ୍ଷ ଇଚ୍ଛାମୃତ୍ୟୁ



**ବିଜନ କୁମାର ମହାପାତ୍ର**

ଦୀର୍ଘ ୧୩ ବର୍ଷ ଧରି 'ଜୀବନ୍ତ ଶବ'ରେ ପରିଣତ ହୋଇଥିଲେ ୩୧ ବର୍ଷୀୟ ଗାଜିଆବାଦର ଯୁବକ ହରିଶ ରାଣା । ତାଙ୍କ ଇଚ୍ଛାମୃତ୍ୟୁ ଆବେଦନ ମାମଲାରେ ଐତିହାସିକ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ହରିଶଙ୍କଠାରୁ ଲାଇଫ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି । ଦେଶରେ ପ୍ରଥମ ଥର ପାଇଁ କୌଣସି କୋର୍ଟ କୋମାରେ ଥିବା ଜଣେ ରୋଗୀଙ୍କୁ ପରୋକ୍ଷ ଇଚ୍ଛାମୃତ୍ୟୁ ବା ପାସିଭ ୟୁଥେନେସିଆ ପାଇଁ ଅନୁମତି ଦେଇଛନ୍ତି । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେ.ବି ପାର୍ଦ୍ଦିୱାଲା ଓ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ବେଶ୍ ଆବେଗପୂର୍ଣ୍ଣ ଭାବେ ହରିଶ ରାଣାଙ୍କଠାରୁ ଲାଇଫ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା କି ସମ୍ମାନର ସହ ତାଙ୍କ ମୃତ୍ୟୁ ହୋଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତରେ ପ୍ରତ୍ୟକ୍ଷ ବା ସକ୍ରିୟ ଇଚ୍ଛାମୃତ୍ୟୁ ( ଆକ୍ଟିଭ ୟୁଥେନେସିଆ )କୁ ଅନୁମତି ମିଳିନାହିଁ । ପରୋକ୍ଷ ଇଚ୍ଛାମୃତ୍ୟୁ ( ପାସିଭ ୟୁଥେନେସିଆ )କୁ ମଧ୍ୟ କେତେକ କଡା ସର୍ତ୍ତସହ ହିଁ ଅନୁମତି ମିଳିଛି ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରୋକ୍ଷ ଇଚ୍ଛାମୃତ୍ୟୁକୁ ଅନୁମତି ପ୍ରଦାନ ସଂପର୍କିତ କୌଣସି ଆଇନ୍ ବି ପ୍ରଣୟନ ହୋଇନାହିଁ । ଏ ବାବଦରେ ୨୦୧୮ରେ ସୁପ୍ରିମକୋର୍ଟ ପ୍ରସ୍ତୁତ କରିଥିବା ମାର୍ଗଦର୍ଶିକାକୁ ହିଁ ଅନୁସରଣ କରାଯାଉଛି । କେଉଁ ପରିସ୍ଥିତିରେ ପରୋକ୍ଷ ଇଚ୍ଛାମୃତ୍ୟୁ ଅନୁମତି ସାପେକ୍ଷ, ତାହା ହରିଶ ରାଣା ମାମଲାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ସୁପ୍ରିମକୋର୍ଟ ।

କୋମାରେ ଥିବା ହରିଶ ରାଣା ଆଉ ବଞ୍ଚିବେ ନାହିଁ ବୋଲି ଉଭୟ ପ୍ରାଥମିକ ଓ ସେକେଣ୍ଡାରୀ ମେଡିକାଲ ବୋର୍ଡ ରିପୋର୍ଟ ଦେଇଥିଲେ । କିନ୍ତୁ ଅବଚେତନ ହରିଶଙ୍କୁ ମେଡିକାଲ ଟ୍ୟୁବ ଜରିଆରେ ଖାଦ୍ୟ ଯୋଗାଣ ଜାରି ରହିଥିଲା । ଏହା ହିଁ ଥିଲା ବଡ ଦ୍ୱନ୍ଦ୍ୱ । ସୁପ୍ରିମକୋର୍ଟଙ୍କ ୨୦୧୮ ଗାଇଡଲାଇନରେ ରୋଗୀଙ୍କଠାରୁ ଫିଡିଂ ଟ୍ୟୁବ୍ ବା ଖାଦ୍ୟ ନଳୀ ପ୍ରତ୍ୟାହାର ସଂପର୍କରେ ଉଲ୍ଲେଖ ନଥିଲା । ଏବେ କିନ୍ତୁ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଡାକ୍ତରଙ୍କ ତତ୍ତ୍ୱାବଧାନରେ ରୋଗୀକୁ ଦିଆଯାଉଥିବା ପୋଷଣ ମଧ୍ୟ ଚିକିତ୍ସା ଭାବେ ଗ୍ରହଣ କରାଯିବ । ମେଡିକାଲ ବୋର୍ଡଙ୍କ ସୁପାରିଶରେ ରୋଗୀଙ୍କଠାରୁ ଏହି ବ୍ୟବସ୍ଥା ପ୍ରତ୍ୟାହାର କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେ.ବି ପାର୍ଦ୍ଦିୱାଲା ଓ ଜଷ୍ଟିସ କେ.ଭି ବିଶ୍ୱନାଥନ ସେମାନଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ତେବେ, ଏଭଳି ଚିକିତ୍ସା ଜାରି ରଖିବା ବେଳେ ରୋଗୀଙ୍କ ହିତ ସାଧନ ହେଉଛି କି ନାହିଁ, ତାହା ଜାଣିବା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ ଜେ.ବି ପାର୍ଦ୍ଦିୱାଲା ଓ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଦୋହରାଇଛନ୍ତି । ଏଥସହ ପରୋକ୍ଷ ଇଚ୍ଛାମୃତ୍ୟୁ ବାବଦରେ ଆଇନ ପ୍ରଣୟନ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି ସୁପ୍ରିମକୋର୍ଟ ।

**୨୦୧୩ ମସିହାରେ ଏକ କୋଠାର ଚତୁର୍ଥ ମହଲାରୁ ଖସିପଡିବା ପରେ ହରିଶଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ଚିକିତ୍ସା ପରେ ବି ସେ ସୁସ୍ଥ ହୋଇନଥିଲେ । ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା । ଏଭଳି କରୁଣ ସ୍ଥିତି ଦୃଷ୍ଟିରୁ ପରୋକ୍ଷ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ହରିଶଙ୍କ ପିତାମାତା । ପରୋକ୍ଷ ଇଚ୍ଛାମୃତ୍ୟୁ ବା ପାସିଭ୍ ୟୁଥେନେସିଆ ପ୍ରକ୍ରିୟାରେ ସଂପୂର୍ଣ୍ଣ ଅଚେତ ଅବସ୍ଥାରେ ଥିବା ଓ ବଞ୍ଚିବା ସମ୍ଭାବନା ନଥିବା ରୋଗୀଙ୍କଠାରୁ ଲାଇଫ୍ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରାଯାଇ ଚିକିତ୍ସା ବନ୍ଦ କରିଦିଆଯାଏ ।**

୨୦୧୩ ମସିହାରେ ଏକ କୋଠାର ଚତୁର୍ଥ ମହଲାରୁ ଖସିପଡିବା ପରେ ହରିଶଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ଚିକିତ୍ସା ପରେ ବି ସେ ସୁସ୍ଥ ହୋଇନଥିଲେ । ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା । ଏଭଳି କରୁଣ ସ୍ଥିତି ଦୃଷ୍ଟିରୁ ପରୋକ୍ଷ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ହରିଶଙ୍କ ପିତାମାତା । ପରୋକ୍ଷ ଇଚ୍ଛାମୃତ୍ୟୁ ବା ପାସିଭ୍ ୟୁଥେନେସିଆ ପ୍ରକ୍ରିୟାରେ ସଂପୂର୍ଣ୍ଣ ଅଚେତ ଅବସ୍ଥାରେ ଥିବା ଓ ବଞ୍ଚିବା ସମ୍ଭାବନା ନଥିବା ରୋଗୀଙ୍କଠାରୁ ଲାଇଫ୍ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରାଯାଇ ଚିକିତ୍ସା ବନ୍ଦ କରିଦିଆଯାଏ ।

ଅସାଧ୍ୟ ରୋଗରେ ପୀଡିତ ରୋଗୀଙ୍କୁ ଅସହ୍ୟ ପୀଡାରୁ ମୁକ୍ତି ଦେବା ପାଇଁ ଇଚ୍ଛାମୃତ୍ୟୁ ( ୟୁଥେନେସିଆ)କୁ ଅନୁମତି ଦିଆଯିବା ଉଚିତ କି ନୁହେଁ, ସେ ନେଇ ଦେଶରେ ଗତ କିଛି ବର୍ଷ ହେବ ବିତର୍କ ଚାଲିଆସିଛି । ଭାରତରେ କେବଳ 'ପାସିଭ' ବା ପରୋକ୍ଷ ଇଚ୍ଛାମୃତ୍ୟୁକୁ ହିଁ ଅନୁମତି ଦିଆଯାଇଛି । ଆକ୍ଟିଭ ବା ପ୍ରତ୍ୟକ୍ଷ ଇଚ୍ଛାମୃତ୍ୟୁକୁ ଆମଦେଶରେ ବେଆଇନ । ଇଚ୍ଛାମୃତ୍ୟୁ ସଂପର୍କିତ କୌଣସି ଆଇନ ଆମଦେଶରେ ପ୍ରଣୟନ ହୋଇନାହିଁ । ୨୦୧୯ରେ ଏକ ବିଧେୟକ ସଂସଦରେ ଆଗତ ହୋଇଥିଲେ ମଧ୍ୟ ତାହା ଗୃହୀତ ନ ହୋଇ ପଡିରହିଛି ।

ଚଳିତ ଶତାବ୍ଦୀ ପ୍ରାରମ୍ଭରେ ଭାରତରେ ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ବ୍ୟାପକ ଚର୍ଚ୍ଚା ହେବାକୁ ଲାଗିଲା । ୨୦୦୬ରେ ନିଜର ୧୯୬ତମ ରିପୋର୍ଟରେ ପ୍ରଥମ ଥର ପାଇଁ ଇଚ୍ଛାମୃତ୍ୟୁ ବାବଦରେ ଉଲ୍ଲେଖ କରିଥିଲେ ବିଧି ଆୟୋଗ । ଅସାଧ ରୋଗରେ ପୀଡିତ ରୋଗୀଙ୍କ ପାଇଁ ପରୋକ୍ଷ ଇଚ୍ଛାମୃତ୍ୟୁ ସଂପର୍କିତ ଆଇନ ପ୍ରଣୟନ ପାଇଁ ସୁପାରିଶ କରିଥିଲେ ଆୟୋଗ । ସହମତି ଓ କଡା ନିୟମ ପାଳନପୂର୍ବକ ରୋଗୀଙ୍କ ଗରିମାପୂର୍ଣ୍ଣ ମୃତ୍ୟୁ ସପକ୍ଷରେ ମତ ଦେଇଥିଲେ ଆୟୋଗ ।

୧୯୭୩ ମସିହାରେ ମୁମ୍ବାଇର ଏକ ହସପିଟାଲରେ ଜଣେ ୱାର୍ଡ ବୟ ଦ୍ୱାରା ଦୁଷ୍କର୍ମ ଓ ଆକ୍ରମଣର ଶିକାର ହେଲା ପରେ କୋମାକୁ ଚାଲିଯାଇଥିଲେ ନର୍ସ ଅରୁଣା ଶାନବାଗ । ଦୀର୍ଘ ଚାରିଦଶକରୁ ଅଧିକ ସମୟ ଧରି କୋମାରେ ରହିଥିବା ଅରୁଣାଙ୍କ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଲୋଡି ୨୦୦୯ରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ ସାମ୍ବାଦିକା ପିଙ୍କି ବିରାନି । ଇଚ୍ଛାମୃତ୍ୟୁ ଆବେଦନ ଖାରଜ କରିଦେଇଥିଲେ ସୁପ୍ରିମକୋର୍ଟ । କିନ୍ତୁ କିଛି କଡା ସର୍ତ୍ତ ସହ ପରୋକ୍ଷ ଇଚ୍ଛାମୃତ୍ୟୁ ସପକ୍ଷରେ ମତ ଦେଇଥିଲେ ସର୍ବୋଚ୍ଚ ଅଦାଲତ । ୨୦୧୨ରେ ବିଧି ଆୟୋଗ ୨୪୧ତମ ରିପୋର୍ଟରେ ପରୋକ୍ଷ ଇଚ୍ଛାମୃତ୍ୟୁ ସଂପର୍କିତ ପୂର୍ବ ସୁପାରିଶକୁ ଦୋହରାଇଥିଲେ ।

୨୦୧୮ରେ ଏନଜିଓ କମନ କଜ୍ ବନାମ ଭାରତ ସରକାରଙ୍କ ମାମଲାରେ ଇଚ୍ଛାମୃତ୍ୟୁ ସଂପର୍କିତ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ରାୟ ଦେଇଥିଲେ ସୁପ୍ରିମକୋର୍ଟ । ଅସାଧ ରୋଗରେ ପୀଡିତ ରୋଗୀଙ୍କ 'ଲିଭିଂ ୱିଲ୍' ବା ଇଚ୍ଛାପତ୍ରକୁ ଅନୁମତି ଦେଇଥିଲେ ସୁପ୍ରିମକୋର୍ଟ । ରୋଗୀଙ୍କୁ ଯଦି ୧୮ ବର୍ଷ ବୟସ ହୋଇଥିବ ଓ ସେ ସଚେତନ ଅବସ୍ଥାରେ ଥିବେ, ତାହା ହେଲେ ସେ କିଭଳି ଚିକିତ୍ସା ଆବଶ୍ୟକ କରନ୍ତି, ନିଜର ଇଚ୍ଛାପତ୍ର ଜରିଆରେ ଜଣାଇପାରିବେ । ଉଦାହରଣ ସ୍ୱରୂପ ତାଙ୍କୁ ଲାଇଫ ସପୋର୍ଟ ମେସିନରେ ରଖାଯିବ କି ନାହିଁ ସେ ଇଚ୍ଛାପତ୍ର ଜରିଆରେ ଜଣାଇ ପାରିବେ । ସୁପ୍ରିମକୋର୍ଟଙ୍କ ମାନ୍ୟତା ସତ୍ତ୍ୱେ ଆମ ଦେଶରେ 'ଲିଭିଂ ୱିଲ' ଜରିଆରେ ପରୋକ୍ଷ ଇଚ୍ଛାମୃତ୍ୟୁର ଗ୍ରହଣୀୟତା ବହୁତ କମ୍ । କାରଣ ଭାରତୀୟ ସମାଜରେ ଲୋକେ ଜୀବନ ଓ ମୃତ୍ୟୁକୁ ଆଧ୍ୟାତ୍ମିକ ଭାବନା ସହ ଯୋଡି ଦେଖନ୍ତି । ଅବଶ୍ୟ ଏହି ମାନସିକତାରେ ପରିବର୍ତ୍ତନ ଲାଗି ଉଦ୍ୟମ ଆରମ୍ଭ ହୋଇଛି ।

**ଉମା ନଗର, ଚତୁର୍ଥ ଗଳି**
**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର- ୮**
**ମୋ -୮୮୪୭୮୪୨୪୨୪**

# ଚୈତ୍ର ଶୁକ୍ଳ ପ୍ରତିପଦାରୁ ନୂତନ ବର୍ଷର ଶୁଭାରମ୍ଭ



**ଡ. ସନ୍ତୋଷ କୁମାର ପଣ୍ଡା**

ଭାରତୀୟ କାଳ ଗଣନା ବିଶ୍ୱର ସବୁଠାରୁ ପ୍ରାଚୀନ, ବୈଜ୍ଞାନିକ ଏବଂ ସୂକ୍ଷ୍ମ ଗଣନା ପଦ୍ଧତି ମଧ୍ୟରୁ ଅନ୍ୟତମ । ଏହା କେବଳ ପାଞ୍ଜି ବା ତିଥି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସୃଷ୍ଟିର ଆରମ୍ଭରୁ ଅନ୍ତ ପର୍ଯ୍ୟନ୍ତ ଏକ ଗଭୀର ଗାଣିତିକ ଆଧାର ।

୧) ଭାରତୀୟ କାଳ ଗଣନାର ଆରମ୍ଭ ଓ ସଂରଚନା-

ଭାରତୀୟ ପରମ୍ପରାରେ ସମୟକୁ ଏକ ଚକ୍ର ଭାବେ ଗ୍ରହଣ କରାଯାଏ । ଏହାର ସର୍ବନିମ୍ନ ଏକକ 'ତ୍ରୁଟି' (ସେକେଣ୍ଡର ଏକ କ୍ଷୁଦ୍ର ଅଂଶ) ରୁ ଆରମ୍ଭ ହୋଇ 'କଳ୍ପ' (ବ୍ରହ୍ମାଙ୍କ ଏକ ଦିନ) ପର୍ଯ୍ୟନ୍ତ ବ୍ୟାପିଛି ।

ଚତୁର୍ଯୁଗ: ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗ । ଏହି ୪ଟି ଯୁଗକୁ ମିଶାଇ ଏକ 'ମହାଯୁଗ' ହୁଏ ।

ମନ୍ୱନ୍ତର ଓ କଳ୍ପ: ୭୧ ମହାଯୁଗରେ ଏକ 'ମନ୍ୱନ୍ତର' ଏବଂ ୧୪ ମନ୍ୱନ୍ତରରେ ଏକ 'କଳ୍ପ' ହୋଇଥାଏ ।

ବର୍ତ୍ତମାନର ସ୍ଥିତି: ବୈଜ୍ଞାନିକ ଦୃଷ୍ଟିକୋଣରୁ ଭାରତୀୟ ଗଣନା ଅନୁସାରେ ବର୍ତ୍ତମାନ 'ଶ୍ୱେତବାରାହ କଳ୍ପ'ର 'ବୈବସ୍ୱତ ମନ୍ୱନ୍ତର' ଅନ୍ତର୍ଗତ ୨୮ତମ କଳିଯୁଗ ଚାଲିଛି ।

୨) ବିଶେଷତ୍ୱ ଓ ବୈଜ୍ଞାନିକତା- ଭାରତୀୟ କାଳ ଗଣନା ସଂପୂର୍ଣ୍ଣ ରୂପେ ଜ୍ୟୋର୍ତିବିଜ୍ଞାନ ଉପରେ ଆଧାରିତ: ସୂର୍ଯ୍ୟ ଓ ଚନ୍ଦ୍ରର ସମନ୍ୱୟ: ଭାରତୀୟ ପାଞ୍ଜି ସୂର୍ଯ୍ୟଙ୍କ ଗତି (ସଂକ୍ରାନ୍ତି) ଏବଂ ଚନ୍ଦ୍ରଙ୍କ ଗତି (ତିଥି) ଉଭୟକୁ ଗୁରୁତ୍ୱ ଦିଏ । ଏଣୁ ଏହା ପ୍ରକୃତି ଓ ଋତୁଚକ୍ର ସହ ସଂପୂର୍ଣ୍ଣ ସମାନ ରହେ ।

ଅଧିମାସ : ପାଶ୍ଚାତ୍ୟ କ୍ୟାଲେଣ୍ଡରରେ ଯେପରି ୪ ବର୍ଷରେ ଥରେ 'ଲିପ୍ ଇଅର' ଆସେ, ଭାରତୀୟ ଗଣନାରେ ପ୍ରତି ୩ ବର୍ଷରେ 'ଅଧିମାସ' ବା 'ମଳମାସ' ଆସି ସମୟକୁ ସୂର୍ଯ୍ୟଙ୍କ ଗତି ସହ ସନ୍ତୁଳିତ କରେ ।

ବିଶ୍ୱବ୍ରହ୍ମାଣ୍ଡର ଆୟୁଷ: ଆଧୁନିକ ବିଜ୍ଞାନ ପୃଥିବୀର ଆୟୁଷ ପ୍ରାୟ ୪.୫୪ ବିଲିୟନ ବର୍ଷ ବୋଲି କହୁଥିବା ବେଳେ, ଭାରତୀୟ 'କଳ୍ପ' ଗଣନା ଏହାର ବହୁତ ନିକଟବର୍ତ୍ତୀ (୪.୩୨ ବିଲିୟନ ବର୍ଷ) ।

୩) ଅନ୍ୟାନ୍ୟ ଦିଗ: ସଂସ୍କୃତି ଓ ଜୀବନଶୈଳୀ-

ଭାରତୀୟ କାଳ ଗଣନା କେବଳ ତାରିଖ ନୁହେଁ, ଏହା ଆମର ପର୍ବପର୍ବାଣି, ଚାଷକାର୍ଯ୍ୟ ଏବଂ ଶରୀରର ଜୈବିକ ଘଣ୍ଟାକୁ ନିୟନ୍ତ୍ରଣ କରେ ।

ମୁହୂର୍ତ୍ତ: କେଉଁ ସମୟରେ କେଉଁ କାର୍ଯ୍ୟ କଲେ ତାହାର ପ୍ରଭାବ ମନ ଓ ଶରୀର ଉପରେ କିପରି ପଡ଼ିବ, ତାହା 'ମୁହୂର୍ତ୍ତ' ବିଜ୍ଞାନ ଦର୍ଶାଏ ।

ଆଧ୍ୟାତ୍ମିକତା: ଏହା ମନୁଷ୍ୟକୁ ମନେ ପକାଇଦିଏ ଯେ ସେ ଏହି ଅନନ୍ତ କାଳଚକ୍ରର ଏକ କ୍ଷୁଦ୍ର ଅଂଶ ମାତ୍ର ।

ସାରାଂଶ: ପାଶ୍ଚାତ୍ୟ ଗଣନା ବ୍ୟବହାରିକ କ୍ଷେତ୍ରରେ ସହଜ ହୋଇପାରେ, କିନ୍ତୁ ଭାରତୀୟ କାଳ ଗଣନା ଗାଣିତିକ, ଜୈବିକ ଏବଂ ମହାଜାଗତିକ ଦୃଷ୍ଟିକୋଣରୁ ଅଧିକ ଠିକ୍ ଓ ବୈଜ୍ଞାନିକ ସମ୍ମତ ।

ଚୈତ୍ର ଶୁକ୍ଳ ପ୍ରତିପଦ ହେଉଛି ଭାରତୀୟ କାଳ ଗଣନା ଏବଂ ସଂସ୍କୃତିର ଏକ ଅତି ପବିତ୍ର ତଥା ମୁଖ୍ୟ ଦିବସ ।

ସମୟ ଏକ ଅନନ୍ତ ସ୍ରୋତଛ କିନ୍ତୁ ସେହି ସ୍ରୋତକୁ ଗଣନା କରିବା ପାଇଁ ଭାରତୀୟ ମନୀଷୀମାନେ ଯେଉଁ ବୈଜ୍ଞାନିକ ଆଧାର ପ୍ରସ୍ତୁତ କରିଛନ୍ତି, ତାହାର ଶୀର୍ଷ ବିନ୍ଦୁ ହେଉଛି 'ଚୈତ୍ର ଶୁକ୍ଳ ପ୍ରତିପଦ' । ଏହି ଦିନଟି କେବଳ ଏକ ତିଥି ନୁହେଁ, ବରଂ ଏହା ଆମର ପରମ୍ପରା, ଜ୍ୟୋର୍ତିବିଜ୍ଞାନ ଏବଂ ସୃଷ୍ଟିର ସଂରଚନା ସହ ଜଡ଼ିତ ଏକ ମହାନ୍ ସନ୍ଧିକ୍ଷଣ । ଯେତେବେଳେ ସମଗ୍ର ବିଶ୍ୱ ଜାନୁଆରୀ ୧ ତାରିଖକୁ ନବବର୍ଷ ଭାବେ ପାଳନ କରେ, ସେତେବେଳେ ଭାରତୀୟ କାଳ ଗଣନା ପ୍ରକୃତିର ପରିବର୍ତ୍ତନକୁ ଆଧାର କରି ଏକ ଅର୍ଥପୂର୍ଣ୍ଣ ନୂତନ ବର୍ଷର ବାର୍ତ୍ତା ଦିଏ ।

ଏହାକୁ 'ଭାରତୀୟ ନବବର୍ଷ' ବା 'ନବ ସମ୍ବତ୍ସର' ଭାବରେ ପାଳନ କରାଯାଏ । ନିମ୍ନରେ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଗଲା:

ପୌରାଣିକ ଓ ଐତିହାସିକ ଗୁରୁତ୍ୱ-

ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ସହିତ ଅନେକ ପୌରାଣିକ, ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱପୂର୍ଣ୍ଣ ଘଟଣା ଜଡ଼ିତ । ଭାରତୀୟ ମାନ୍ୟତା ଅନୁସାରେ ଏହି ଦିନ ଘଟିଥିବା କିଛି ବିଶେଷ ଘଟଣାଗୁଡ଼ିକ ହେଲା:

୧) ପୌରାଣିକ ଘଟଣାବଳୀ: ସୃଷ୍ଟିର ଆରମ୍ଭ: ପୁରାଣ ଅନୁସାରେ, ଭଗବାନ ବ୍ରହ୍ମା ଏହି ଦିନରୁ ହିଁ ସୃଷ୍ଟି ରଚନା ଆରମ୍ଭ କରିଥିଲେ । ସେଥିପାଇଁ ଏହାକୁ 'ସୃଷ୍ଟି ସମ୍ବତ୍'ର ପ୍ରଥମ ଦିନ ବୋଲି କୁହାଯାଏ ।

ଭଗବାନ ବିଷ୍ଣୁଙ୍କ ମତ୍ସ୍ୟ ଅବତାର: ମାନ୍ୟତା ଅଛି ଯେ ଭଗବାନ ବିଷ୍ଣୁ ସୃଷ୍ଟିର ରକ୍ଷା ପାଇଁ ଏହି ଦିନ 'ମତ୍ସ୍ୟ ଅବତାର' ଗ୍ରହଣ କରିଥିଲେ ।

ଭଗବାନ ରାମଙ୍କ ରାଜ୍ୟାଭିଷେକ: ବନବାସରୁ ଫେରିବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଶୁଭ ରାଜ୍ୟାଭିଷେକ ଏହି ପବିତ୍ର ତିଥିରେ ହୋଇଥିଲା । ଏହି ଦିନଠାରୁ 'ରାମ-ରାଜ୍ୟ'ର ଆନୁଷ୍ଠାନିକ ପ୍ରତିଷ୍ଠା ହୋଇଥିଲା ।

୨) ଐତିହାସିକ ଘଟଣାବଳୀ: ବିକ୍ରମ ସମ୍ବତ୍ ପ୍ରଚଳନ: ସମ୍ରାଟ ବିକ୍ରମାଦିତ୍ୟ ବିଦେଶୀ ଶକ ଶାସକମାନଙ୍କୁ ପରାସ୍ତ କରି ଭାରତରେ ଏକ ଶକ୍ତିଶାଳୀ ଶାସନ ପ୍ରତିଷ୍ଠା କରିଥିଲେ । ଏହି ବିଜୟର ସ୍ମୃତିରେ ସେ ଏହି ଦିନଠାରୁ 'ବିକ୍ରମ ସମ୍ବତ୍' ଆରମ୍ଭ କରିଥିଲେ ।

ଶାଳିବାହନ ଶକ ସମ୍ବତ୍: ଦକ୍ଷିଣ ଭାରତର ସମ୍ରାଟ ଶାଳିବାହନ ମଧ୍ୟ ଶକମାନଙ୍କୁ ପରାଜିତ କରି ଏହି ଦିନ ନୂତନ ଗଣନାର ପ୍ରାରମ୍ଭ କରିଥିଲେ ।

୩) ଧାର୍ମିକ ଓ ସାଂସ୍କୃତିକ ଦିଗ: ବାସନ୍ତୀୟ ନବରାତ୍ରିର ପ୍ରାରମ୍ଭ: ଶକ୍ତି ଉପାସନାର ପର୍ବ ନବରାତ୍ରି (ଚୈତ୍ର ନବରାତ୍ରି) ଏହି ଦିନଠାରୁ ଆରମ୍ଭ ହୁଏ । ପରବର୍ତ୍ତୀ ୯ ଦିନ ଧରି ମା' ଦୁର୍ଗାଙ୍କର ବିଭିନ୍ନ ରୂପକୁ ପୂଜା କରାଯାଏ ।

ବରୁଣ ଅବତାର (ଝୁଲେଲାଲ୍ ଜୟନ୍ତୀ): ସିନ୍ଧି ସମ୍ପ୍ରଦାୟର ଆରାଧ୍ୟ ଦେବତା ଭଗବାନ ଝୁଲେଲାଲ୍ (ବରୁଣ ଦେବଙ୍କ ଅବତାର) ଏହି ଦିନ ଜନ୍ମଗ୍ରହଣ କରିଥିଲେ । ଏହାକୁ 'ଚେଟି ଚାନ୍ଦ' ଭାବେ ପାଳନ କରାଯାଏ ।

ଡାକ୍ତର ହେଡଗେୱାରଙ୍କ ଜନ୍ମଦିନ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡାକ୍ତର କେଶବ ବଳିରାମ ହେଡଗେୱାରଙ୍କ ଜନ୍ମ ଏହି ପବିତ୍ର ଦିନରେ ହୋଇଥିଲା ।

ଶୁଭାରମ୍ଭର ତିଥି: ଚୈତ୍ର ଶୁକ୍ଳ ପ୍ରତିପଦା ଦିନ ହିଁ ମହର୍ଷି ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟ ସମାଜ' ପ୍ରତିଷ୍ଠା କରିଥିଲେ ।

ସଂଖ୍ୟାତତ୍ତ୍ୱ : ଭାରତୀୟ ଗଣନା ଅନୁସାରେ ଏହା କଳିଯୁଗର ପ୍ରାୟ ୫୧୨୭ତମ ବର୍ଷ (ବର୍ତ୍ତମାନର ସ୍ଥିତି ଅନୁସାରେ) ।

ପାଞ୍ଜି ଗଣନା: ଓଡ଼ିଶାର ପାରମ୍ପରିକ ଜ୍ୟୋତିଷମାନେ ଏହି ଦିନ ନୂତନ ବର୍ଷର 'ଶୁଭାଶୁଭ ଫଳ' ଗ୍ରହଣ କରିଥାନ୍ତି ।

ଖାଦ୍ୟ ଓ ପରମ୍ପରା: ଅନେକ ସ୍ଥାନରେ ଏହି ଦିନ ନିମ୍ବ ପତ୍ର ଓ ମିଶ୍ରି ଖାଇବାର ପରମ୍ପରା ରହିଛି, ଯାହା ଆଗାମୀ ଗ୍ରୀଷ୍ମ ଋତୁ ପାଇଁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ସଂକ୍ଷେପରେ କହିଲେ:

ଏହି ଦିନଟି ଜୟ, ସୃଷ୍ଟି ଏବଂ ଆଧ୍ୟାତ୍ମିକ ଚେତନାର ପ୍ରତୀକ । ଏହା କେବଳ ଏକ ତିଥି ନୁହେଁ, ବରଂ ଭାରତୀୟ ସଂସ୍କୃତିର ପୁନରୁତ୍ଥାନର ଦିବସ ।

ପ୍ରାକୃତିକ ଓ ବୈଜ୍ଞାନିକ ଦିଗ- ଚୈତ୍ର ଶୁକ୍ଳ ପ୍ରତିପଦ ସମୟରେ ପ୍ରକୃତିରେ ଏକ ବଡ଼ ପରିବର୍ତ୍ତନ ଦେଖାଦିଏ, ଯାହା ଏହାକୁ ପ୍ରକୃତ ନବବର୍ଷର ମାନ୍ୟତା ଦିଏ:

ଋତୁରାଜ ବସନ୍ତ: ଏହି ସମୟରେ ବସନ୍ତ ଋତୁର ପୂର୍ଣ୍ଣ ପ୍ରଭାବ ଥାଏ । ଗଛଲତାରେ ନୂଆ ପତ୍ର ଓ ଫୁଲ ଆସେ । ଧରଣୀ ଶସ୍ୟଶ୍ୟାମଳା ହୋଇ ଉଠେ ।

ଜୈବିକ ଚକ୍ର: ଶୀତଋତୁ ପରେ ପ୍ରକୃତି ଏକ ନୂଆ ଚେତନା ନେଇ ଜାଗ୍ରତ ହୁଏ । ପାଶ୍ଚାତ୍ୟ ନବବର୍ଷ (ଜାନୁଆରୀ ୧) ଶୀତର ଶେଷରେ ପାଳନ ହେଉଥିବା ବେଳେ, ଚୈତ୍ର ପ୍ରତିପଦ ପ୍ରକୃତିର ସଜଳତା ସହ ଆରମ୍ଭ ହୁଏ ।

ପରିବେଶ ସନ୍ତୁଳନ: ଦିନ ଏବଂ ରାତି ପ୍ରାୟ ସମାନ ରହେ, ଯାହା ଜୈବିକ ସନ୍ତୁଳନ ପାଇଁ ଅନୁକୂଳ ।

ଭିନ୍ନ ଭିନ୍ନ ପ୍ରାନ୍ତରେ ଏହାର ରୂପ-

ଭାରତର ବିଭିନ୍ନ ରାଜ୍ୟରେ ଏହି ଦିନକୁ ଭିନ୍ନ ଭିନ୍ନ ନାମରେ ଓ ଶ୍ରଦ୍ଧାରେ ପାଳନ କରାଯାଏ: ଗୁଡ଼ି ପାଡ଼ୱା (ମହାରାଷ୍ଟ୍ର): ଏଠାରେ ଘର ସାମ୍ନାରେ 'ଗୁଡ଼ି' ବା ବିଜୟ ପତାକା ଉଡ଼ାଯାଏ ।

ଉଗାଦି (କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା): ଏଠାରେ ପିତା, ମିଠା, ଖଟା ଓ କଷା ସ୍ୱାଦ ବିଶିଷ୍ଟ 'ଉଗାଦି ପଚାଡି' ପ୍ରସ୍ତୁତ କରାଯାଏ, ଯାହା ଜୀବନର ସୁଖ-ଦୁଃଖକୁ ସମାନ ଭାବେ ଗ୍ରହଣ କରିବାକୁ ଶିକ୍ଷା ଦିଏ ।

ଚେଟି ଚାନ୍ଦ (ସିନ୍ଧି ସମ୍ପ୍ରଦାୟ): ସିନ୍ଧି ସମ୍ପ୍ରଦାୟର ଲୋକେ ଏହାକୁ ନବବର୍ଷ ଭାବେ ପାଳନ କରନ୍ତି ।

ଶିକ୍ଷାଦର୍ଶ ଓ ସମାଜ- ଚୈତ୍ର ଶୁକ୍ଳ ପ୍ରତିପଦ ଆମକୁ 'ନୂତନତ୍ୱ' ଏବଂ 'ଆତ୍ମନିରୀକ୍ଷଣ'ର ଶିକ୍ଷା ଦିଏ । ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ନିଜର ସଂସ୍କୃତି ଓ ଜ୍ୟୋର୍ତିବିଜ୍ଞାନ ସହ ଯୋଡ଼ି ହେବାର ଏକ ମାଧ୍ୟମ । ବିଶେଷ କରି ନୂଆ ପିଢ଼ି ପାଇଁ ଏହା ଭାରତୀୟ ଜ୍ଞାନ ପରମ୍ପରାର ଏକ ଅନନ୍ୟ ଉଦାହରଣ ।

ଓଡ଼ିଶାରେ ସାଧାରଣତଃ 'ମହାବିଷୁବ ସଂକ୍ରାନ୍ତି' (ପଣା ସଂକ୍ରାନ୍ତି)କୁ 'ସୌର ନବବର୍ଷ' ଭାବେ ଗ୍ରହଣ କରାଯାଏ, କିନ୍ତୁ ଶାସ୍ତ୍ରୀୟ 'ଚାନ୍ଦ୍ରମାନ' ଗଣନା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦ ହିଁ ବ୍ରହ୍ମାଣ୍ଡ ସୃଷ୍ଟିର ପ୍ରଥମ ଦିବସ ।

ଆଜିର ଯୁବପିଢ଼ି ପାଇଁ ଚୈତ୍ର ଶୁକ୍ଳ ପ୍ରତିପଦର ଗୁରୁତ୍ୱ ବୁଝିବା ଅତ୍ୟନ୍ତ ଜରୁରୀ । ଏହା କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ, ବରଂ ଏହା ଏକ ପୂର୍ଣ୍ଣାଙ୍ଗ ବିଜ୍ଞାନ । ଆମର ଜୈବିକ ଘଣ୍ଟା ଏବଂ ପ୍ରକୃତିର ପରିବର୍ତ୍ତନ ମଧ୍ୟରେ ସମନ୍ୱୟ ରକ୍ଷା କରି ନିଜର ଜୀବନଶୈଳୀକୁ ଗଢ଼ିବା ପାଇଁ ଏହି ନବବର୍ଷ ଆମକୁ ପ୍ରେରଣା ଦିଏ ।

ଚୈତ୍ର ଶୁକ୍ଳ ପ୍ରତିପଦ ହେଉଛି ଆମର ଆତ୍ମ ପରିଚୟର ଦିନ । ଏହା ଆମକୁ ଶିଖାଏ ଯେ ସମୟ ସହ ବଦଳିବା ସ୍ୱାଭାବିକ, କିନ୍ତୁ ନିଜର ମୂଳ ସଂସ୍କୃତି ସହ ଯୋଡ଼ି ହୋଇ ରହିବା ହିଁ ପ୍ରକୃତ ପ୍ରଗତି । ଏହି ନବ ସମ୍ବତ୍ସରରେ ଆସନ୍ତୁ ଆମେ ଆମର ଐତିହ୍ୟକୁ ସମ୍ମାନ ଦେବା ଏବଂ ପ୍ରକୃତି ସହ ଏକାତ୍ମ ହୋଇ ଏକ ସମୃଦ୍ଧ ସମାଜ ଗଠନ ପାଇଁ ସଙ୍କଳ୍ପ ନେବା ।

ଓଡ଼ିଶା ପ୍ରେକ୍ଷାପଟ୍ଟରେ ଚୈତ୍ର ପ୍ରତିପଦ- ଓଡ଼ିଶାରେ ସାଧାରଣତଃ ସୌର ଗଣନା ଅନୁସାରେ 'ମହାବିଷୁବ ସଂକ୍ରାନ୍ତି'କୁ ନବବର୍ଷ ଭାବେ ଗ୍ରହଣ କରାଯାଉଥିଲେ ହେଁ, ଶାସ୍ତ୍ରୀୟ ଓ ଚାନ୍ଦ୍ରମାନ ଗଣନା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦର ଗୁରୁତ୍ୱ ଅନନ୍ୟ । ଓଡ଼ିଶାର ଅନେକ ଶକ୍ତିପୀଠରେ ଏହି ଦିନଠାରୁ 'ବାସନ୍ତୀୟ ଦୁର୍ଗାପୂଜା' ବା 'ଚୈତ୍ର ନବରାତ୍ରି'ର ଶୁଭାରମ୍ଭ ହୋଇଥାଏ । ଓଡ଼ିଆ ପାଞ୍ଜି ଅନୁସାରେ ଏହି ଦିନଠାରୁ ହିଁ ନୂତନ 'ସମ୍ବତ୍ସର'ର ଫଳାଫଳ ଗଣନା କରାଯାଇଥାଏ । ଉତ୍କଳୀୟ ପରମ୍ପରାରେ ଚୈତ୍ର ମାସଟି କୃଷି ଓ ସଂସ୍କୃତିର ଏକ ସନ୍ଧିକ୍ଷଣ । ଗ୍ରାମାଞ୍ଚଳରେ ଚୈତ୍ର ପର୍ବ ଓ ଦଣ୍ଡନାଚର ପ୍ରସ୍ତୁତି ଏହି ସମୟରୁ ହିଁ ଉତ୍ସାହିତ ହୋଇଥାଏ । ବିଶେଷକରି ଓଡ଼ିଶାର ଜ୍ଞାନୀ ଓ ପଣ୍ଡିତ ସମାଜରେ ଏହି ଦିନଟିକୁ 'ଶାସ୍ତ୍ରୀୟ ନବବର୍ଷ' ଭାବେ ମାନ୍ୟତା ଦିଆଯାଇ ନୂତନ ପାଞ୍ଜି ପଠନର ପରମ୍ପରା ମଧ୍ୟ ଦେଖିବାକୁ ମିଳେ ।

ଜଣେ ଶିକ୍ଷାବିତ୍ ଭାବେ ଏ ଲେଖକ ଅନୁଭବ କରେ ଯେ, ଆମର ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଭାରତୀୟ କାଳ ଗଣନା ଏବଂ ଏହାର ଜ୍ୟୋର୍ତିବିଜ୍ଞାନ ସମ୍ମତ ଆଧାର ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଜଣାଇବା ନିହାତି ଜରୁରୀ । ଏହା କେବଳ ଏକ ଧାର୍ମିକ ବିଷୟ ନୁହେଁ, ବରଂ ଏହା ଆମର ପୂର୍ବଜମାନଙ୍କର ଗଭୀର ଗାଣିତିକ ଜ୍ଞାନର ପରିଚୟ । ନୂତନ ଜାତୀୟ ଶିକ୍ଷା ନୀତିରେ ଭାରତୀୟ ଜ୍ଞାନ ପରମ୍ପରାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ, ଚୈତ୍ର ପ୍ରତିପଦ ଭଳି ଦିବସଗୁଡ଼ିକର ବୈଜ୍ଞାନିକତା ବିଷୟରେ ଚର୍ଚ୍ଚା ହେବା ପ୍ରାସଙ୍ଗିକ ମନେହୁଏ ।

**ଭାରତୀୟ କାଳ ଗଣନା ଅନୁସାରେ ବିକ୍ରମ ସମ୍ବତ୍ ୨୦୮୩ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଚୈତ୍ର ଶୁକ୍ଳ ପ୍ରତିପଦା (ମାର୍ଚ୍ଚ ୧୯, ୨୦୨୬) ଠାରୁ ଏହି ନୂତନ ସମ୍ବତ୍ସରର ଶୁଭାରମ୍ଭ ହେଉଛି ।**

ବିକ୍ରମ ସମ୍ବତ୍ ୨୦୮୩: ଏକ ନଜରରେ- ଭାରତୀୟ ଜ୍ୟୋର୍ତିବିଜ୍ଞାନ ଅନୁସାରେ ପ୍ରତି ବର୍ଷର ଏକ ସ୍ୱତନ୍ତ୍ର ନାମ ଓ ଚରିତ୍ର ରହିଥାଏ । ସେହି ଅନୁସାରେ ସମ୍ବତ୍ ୨୦୮୩ର ବିଶେଷତ୍ୱ ଗୁଡ଼ିକ ହେଲା: ସମ୍ବତ୍ସରର ନାମ: ଚଳିତ ବର୍ଷ ଆମେ ବିକ୍ରମ ସମ୍ବତ୍ ୨୦୮୩ରେ ପଦାର୍ପଣ କରୁଛୁ, ଏହି ବର୍ଷକୁ 'ପ୍ରମାଦୀ' ସମ୍ବତ୍ସର କୁହାଯାଏ । ଷାଠିଏ ବର୍ଷିଆ ଚକ୍ରରେ ଏହା ଏକ ନିର୍ଦ୍ଦିଷ୍ଟ କ୍ରମରେ ଆସିଥାଏ ।

ରାଜା ଓ ମନ୍ତ୍ରୀ: ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ନୂତନ ବର୍ଷର ରାଜା ହେଉଛନ୍ତି ଶନିଦେବ ଏବଂ ମନ୍ତ୍ରୀ ହେଉଛନ୍ତି ଗୁରୁ (ବୃହସ୍ପତି) । ରାଜା ଓ ମନ୍ତ୍ରୀଙ୍କ ଏହି ସମୀକରଣ ସମାଜରେ ଶୃଙ୍ଖଳା, ନ୍ୟାୟ ଏବଂ ଜ୍ଞାନର ସମନ୍ୱୟକୁ ସୂଚାଏ ।

ଆରମ୍ଭ ତାରିଖ: ଏହି ନୂତନ ସମ୍ବତ୍ସର ୨୦୨୬ ମସିହା ମାର୍ଚ୍ଚ ୧୯ ତାରିଖ, ଗୁରୁବାର ଦିନ ଆରମ୍ଭ ହେଉଛି ।

ପ୍ରଭାବ: ଶାସ୍ତ୍ର ଅନୁସାରେ 'ପ୍ରମାଦୀ' ସମ୍ବତ୍ସରରେ କୃଷି କ୍ଷେତ୍ରରେ ମଧ୍ୟମ ଧରଣର ସଫଳତା ଏବଂ ବୈଜ୍ଞାନିକ କ୍ଷେତ୍ରରେ ନୂତନ ଉଦ୍‌ଭାବନର ସମ୍ଭାବନା ଥାଏ । ଶନି ରାଜା ହୋଇଥିବାରୁ ଶାସନ ବ୍ୟବସ୍ଥାରେ କଠୋରତା ଓ ସ୍ୱଚ୍ଛତା ଦେଖିବାକୁ ମିଳିପାରେ ।

**ପ୍ରଧାନାଚାର୍ଯ୍ୟ**
**ସରସ୍ୱତୀ ବିଦ୍ୟା ମନ୍ଦିର, (ଆବାସିକ)**
**କେଶବଧାମ, ଗଡିରାଉତପାଟଣା, କଟକ**
**ମୋ-୮୨୪୯୦୨୧୪୨୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସବୁ...

କାର୍ଯ୍ୟକ୍ରମରେ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ପାରିବେ । ଏହି ଗୃହ ଗଣନା ଏବଂ ଗୃହ ତାଲିକା ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ସକାଶେ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ୬୭ ଜଣ ମାଷ୍ଟର ଟ୍ରେନର ତାଲିମ ଗ୍ରହଣ କରିଛନ୍ତି । ଏହି ତାଲିମ ପ୍ରାପ୍ତ ମାଷ୍ଟର ଟ୍ରେନରମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୫୫୨ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଏହି କ୍ଷେତ୍ର ପ୍ରଶିକ୍ଷକମାନେ ସମସ୍ତ ଜିଲ୍ଲାରେ ୯୧ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୪୮ ଟି ପୌରପାଳିକା, ୫ଟି ମହାନଗର ନିଗମ ଓ ୨ଟି ଇନଡ଼ଷ୍ଟ୍ରିଆଲ ଟାଉନର ୧୦୦୮୭୫ ଗଣନାକାରୀ ୧୭୨୮୨ ସୁପରଭାଇଜାରଙ୍କୁ ଏହି ମାସର ୧୫ ତାରିଖରୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି, ଯେଉଁମାନଙ୍କ ଦ୍ୱାରା ମୋବାଇଲ ଆପ ମାଧ୍ୟମରେ ଗୃହଗଣନା ଏବଂ ଗୃହତାଲିକା କାର୍ଯ୍ୟକ୍ରମ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଅନୁଷ୍ଠିତ ହେବ ।

ଜନଗଣନାର ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ସକାଶେ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବ୍ରାଣ୍ଡ ଆମ୍ବାସାଡର ଭାବରେ କାର୍ଯ୍ୟ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ମହାନଗର ନିଗମର କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ରହିଥିବା ସ୍ଥଳେ ଅତିରିକ୍ତ ଜିଲ୍ଲାପାଳମାନେ ଜିଲ୍ଲା ଜନଗଣନା ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି । ଏଥିସହ ଜିଲ୍ଲାପାଳଙ୍କ ଅଧିନରେ ପ୍ରତ୍ୟେକ ତହସିଲର ତହସିଲଦାର ଏବଂ ବୈଧାନିକ ସହରଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଚାର୍ଜ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି । ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନୋଡାଲ ବିଭାଗ ଭାବରେ କାର୍ଯ୍ୟ କରୁଛି । ରାଜ୍ୟର ଗଣଶିକ୍ଷା ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ଗଣନାକାରୀ ଭାବରେ ନିଯୁକ୍ତ କରାଯିବାର କାର୍ଯ୍ୟକ୍ରମ ରହିଛି ଏବଂ ହାଇସ୍କୁଲର ଶିକ୍ଷକମାନେ ସୁପରଭାଇଜର ଭାବରେ କାର୍ଯ୍ୟ କରିବେ । ଭାରତୀୟ ଜନଗଣନାରେ ଏହା ହେଉଛି ପ୍ରଥମ ଡିଜିଟାଲ ଜନଗଣନା ଏବଂ ପ୍ରଥମ ଥର ପାଇଁ ଭାରତୀୟ ଜନଗଣନାରେ ସ୍ୱ-ଗଣନାର ପ୍ରାବଧାନ ରହିଛି, ଏବଂ ସ୍ୱ-ଗଣନାର ତଥ୍ୟକୁ ଗଣନାକାରୀଙ୍କ ଦ୍ୱାରା ପୁନରାୟ ଯାଞ୍ଚ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ଜନଗଣନାରେ ସିଏମଏମ ପାର୍ଟାଲର ବ୍ୟବହାର ରହିବା ସହିତ ହାଉସ୍ ଲିଷ୍ଟିଙ୍ଗ ବ୍ଲକ ସୃଷ୍ଟି କରିବା ପାଇଁ ଡିଜିଟାଲ ମାଧ୍ୟମର ଉପଯୋଗ କରାଯାଇଛି । ଏହି କାର୍ଯ୍ୟକ୍ରମ ଏପ୍ରିଲ ୧ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଏପ୍ରିଲ ୧୬ରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ବୋଲି ଜନ ଗଣନା ନିର୍ଦ୍ଦେଶାଳୟ ପବନ କଲ୍ୟାଣ ସୂଚନା ଦେଇଛନ୍ତି ।

## ବିଜେବି...

ହୋଇ ଆମ୍ବେଦକର ହଷ୍ଟେଲ ଅନ୍ତେବାସୀଙ୍କୁ ଆକ୍ରମଣ କରିବା ଆରମ୍ଭ କରିଥିଲେ ।

ଦୁଇ ହଷ୍ଟେଲ ଅନ୍ତେବାସୀଙ୍କ ଆକ୍ରମଣ ପ୍ରତିଆକ୍ରମଣରେ ହଷ୍ଟେଲ ପାଖାପାଖି ପଡିଆ ଟେକାପଥର ଓ କାଚ ବୋତଲରେ ଛାଇ ହୋଇଯାଇଥିଲା । ରକ୍ତ ଜୁଡୁବୁଡୁ ଛାତ୍ରମାନେ ପୋଲିସକୁ ଜଣାଇବା ପରେ ଘଟଣାସ୍ଥଳକୁ ୧୦ ପିସିଆର୍, ୩ ପ୍ଲାଟୁନ୍ ଫୋର୍ସ, ଅତିରିକ୍ତ ଡିସିପି, ଏସିପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଆହତ ଛାତ୍ରମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯିବା ପରେ ଅନ୍ୟମାନଙ୍କୁ ବୁଝାସୁଝା କରୁ କରୁ ସକାଳ ହୋଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯିବା ସହ ଫୋର୍ସ ମୁତୟନ ଅଛନ୍ତି । କାଚ ବୋତଲ ମାଡରେ କେତେକ ଛାତ୍ର ଏଭଳି ରକ୍ତ ଜୁଡୁବୁଡୁ ହୋଇଥିଲେ ଯେ, ଦେଖିଲେ ଧୈର୍ଯ୍ୟହରା ହୋଇଯିବେ । ହୋଡିଂ ଓ ତାର ବାଡ ପ୍ରଭୃତି ଛାତ୍ରମାନେ ଭାଙ୍ଗି ଦେଇଥିଲେ । ଆହତ ଛାତ୍ରଙ୍କୁ ନେଇ ପରିସ୍ଥିତି ଉତ୍ତେଜନାପ୍ରବଣ ରହିଛି ।

ଦୁଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଧରି ଆକ୍ରମଣ ପ୍ରତିଆକ୍ରମଣ ଲାଗି ରହିଥିଲା । ଏପରିକି ପୋଲିସ ଉପସ୍ଥିତିରେ ମଧ୍ୟ କାଚ ଓ ଟେକାପଥର ମାଡ ହୋଇଥିଲା । ଭୋର୍ ସମୟରେ ପରିସ୍ଥିତି ଆୟତ୍ତ ହୋଇଥିଲେ ମଧ୍ୟ ହଷ୍ଟେଲ ପାଖରେ ପୋଲିସ ଅସ୍ଥାୟୀ କ୍ୟାମ୍ପରେ ଜଗି ରହିଛି । ଫୋର୍ସ ମଧ୍ୟ ହଷ୍ଟେଲ ପାଖରେ ପଇଁତରା ମାରୁଛନ୍ତି ।

## ଟ୍ରଷ୍ଟ...

ଟ୍ରଷ୍ଟ ପାର୍ଟିରେ ବିଜେଡି କିମ୍ବା ଅନ୍ୟ କୌଣସି ପାର୍ଟି ନାହିଁ । ଗଣମାଧ୍ୟମରେ ଏହାକୁ ନେଇ ନକରାତ୍ମ ପ୍ରଚାର କରାଯାଉଛି ବୋଲି ନବୀନ କହିଛନ୍ତି । ବିଜେଡି କିମ୍ବା ଅନ୍ୟ ଦଳ ସହ ଏହାର କିଛି ସମ୍ପର୍କ ନାହିଁ । ନବୀନ କହିଛନ୍ତି ଯେ, କଟକ ଏସସିବି ହସ୍ପିଟାଲକୁ ଯାଉଥିଲି । ମୋ ସରକାର ସମୟରେ ଘରୋଇ ହସ୍ପିଟାଲରେ ନିଆଁ ଲାଗିଥିଲା । ସେତେବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ । ସରକାରୀ ହସ୍ପିଟାଲରେ ନିଆଁ ଲାଗିଲା । ବିଜେପି ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା କରାଇ ଦେଲେ ନି । ଏହା ଚିନ୍ତାଜନକ । ରାଜ୍ୟର ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ଲାଗି ପଦକ୍ଷେପ ନେବା ଆବଶ୍ୟକ ।

## ଏସସିବିରେ...

ବାହିନୀ ତୁରନ୍ତ ସମୟ ମଧ୍ୟରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହେବାରୁ ଏକ ବଡ଼ ଧରଣର ବିପଦକୁ ଏଡ଼ାଇ ଦିଆଯାଇଛି । କୌଣସି ପ୍ରାଣହାନି ଘଟି ନ ଥିଲେ ହେଁ, ବାରମ୍ବାର ଘଟୁଥିବା ଏହି ଅଘଟଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସୁରକ୍ଷିତ ମନୋଭାବ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ ଯେ, ଗତ ରବିବାର ଟ୍ରମା ଆଇସିୟୁର ପ୍ରଥମ ମହଲାରେ ରାତି ପ୍ରାୟ ୨ଟା ୪୦ରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ଏବେ ୧୨ରେ ପହଞ୍ଚିଛି । ସେହି ସମୟରେ ଆଇସିୟୁରେ ଗୁରୁତର ଥିବା ରୋଗୀମାନେ ଶୋଇଥିବା ବେଳେ ହଠାତ୍ ନିଆଁ ଓ କଳା ଧୂଆଁ ସାରା ୱାର୍ଡକୁ ଆଚ୍ଛାଦିତ କରିଦେଇଥିଲା, ଯାହାଫଳରେ ରୋଗୀମାନେ ନିଜ ଜୀବନ ବଞ୍ଚାଇବାକୁ ସୁଯୋଗ ପାଇ ନ ଥିଲେ । ଏହି ହୃଦୟବିଦାରକ ଘଟଣା ପରେ ମଧ୍ୟ ମେଡିକାଲର ବୈଦ୍ୟୁତିକ ସୁରକ୍ଷା ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ କୌଣସି ସ୍ଥାୟୀ ପରିବର୍ତ୍ତନ ନ ଆସିବା ଏବେ ପ୍ରଶାସନିକ ଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷକରି ସମ୍ବେଦନଶୀଳ ୟୁନିଟଗୁଡ଼ିକରେ ବାରମ୍ବାର ସର୍ଟ ସର୍କିଟ୍ ହେବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ଦର୍ଶାଉଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆଜିର ଅଗ୍ନିକାଣ୍ଡ ସମ୍ପର୍କରେ ସ୍ଥାନୀୟ ପୁଲିସ କିମ୍ବା ଏସସିବି କର୍ତ୍ତୃପକ୍ଷ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହାନ୍ତି । ତେବେ ଏସସିବି ପରିସରରେ ରହିଥିବା ବୈଦ୍ୟୁତିକ ଭିତ୍ତିଭୂମିର ତୁରନ୍ତ ଅଡିଟ୍ ଓ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।

- **ଟ୍ରମା ପରେ ଏବେ 'ନନ୍-ଟ୍ରମା ୟୁନିଟରେ**
- **ଅଳ୍ପକେ ବର୍ତ୍ତିଲେ ଶହ ଶହ ରୋଗୀ**
- **ପ୍ରଶାସନିକ ଅବହେଳାକୁ ନେଇ ବଢୁଛି ଅସନ୍ତୋଷ**

## ବିଧାନସଭାରେ...

ସ୍ୱାସ୍ଥ୍ୟ ବିଭାଗର ମୃତ୍ୟୁ ହୋଇଛି ବୋଲି ଦର୍ଶାଇ ଗୃହ ମଧ୍ୟରେ 'ରାମ ନାମ୍ ସତ୍ୟ ହେ 'ସ୍ଲୋଗାନ ଦେଇଥିଲେ । ତେବେ ବାଚସ୍ପତି ଆଲୋଚନା ଜାରି ରଖିବାରୁ ପ୍ରତିବାଦରେ ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ । ବିନା ବିରୋଧୀଙ୍କ ଉପସ୍ଥିତିରେ ବିଭାଗୀୟ ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା ।

ଆଜି ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡ ଓ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି 'ରାମ ନାମ୍ ସତ୍ୟ ହେ ହରି ନାମ ସତ୍ୟ ହେ' ସ୍ଲୋଗାନ ଦେଇଥିଲେ । ନିଜ ସାଥୀରେ ଆଣିଥିବା ଏକ ଟାଉଲକୁ ବିଜେଡି ବିଧାୟକ ଏକ ପ୍ରତିକାତ୍ମକ ଶବ ସଜାଇ ରିପୋର୍ଟର୍ସଙ୍କ ଟେବୁଲ ଉପରେ ରଖିଥିଲେ । ବିଜେଡିର ଅନ୍ୟ ସଦସ୍ୟମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସ୍ଲୋଗାନ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ମୃତ କହି ସରକାରଙ୍କୁ ଟାର୍ଗେଟ କରିଥିଲେ । ତେବେ ହୋ ହାଲ୍ଲା ମଧ୍ୟରେ ବିଧାୟକ ଦଳ ବେହେରାଙ୍କ ପ୍ରଶ୍ନର ଉତ୍ତର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ରଖିଥିଲେ । ହଟଗୋଳ ତୀବ୍ର ହେବାରୁ ୧୦.୩୮ ରୁ ଗୃହକୁ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ କରିଥିଲେ । ମୁଲତବୀ ପରେ ବିରୋଧୀ ଦଳ ସଭ୍ୟମାନେ ଏକ ପ୍ରତିକାତ୍ମକ ଶୋଭାଯାତ୍ରା କରିଥିଲେ । ବିଧାନସଭା ପରିସରରେ ଏହାକୁ ଧରି ବୁଲିଥିଲେ । ବିଧାୟକ ଧ୍ରୁବ ସାହୁ ଗାମୁଛାରେ କଇ ଧରି ଶୋଭାଯାତ୍ରାରେ ବିଞ୍ଚି ବିଞ୍ଚି ଯାଉଥିଲେ । ଓ ଅରୁଣ ସାହୁ ଆଟିକା ଧରି ଖଇ କଉଡି ବିଞ୍ଚୁଥିଲେ । ଉଭୟ ବିଜେଡି କଂଗ୍ରେସ ବିଧାୟକ 'ରାମ ନାମ ସତ୍ୟ ହେ' ସ୍ଲୋଗାନ ଦେଇ ବିଧାନସଭା ପରିସରରେ ବୁଲିଥିଲେ । ସେହିଭଳି ପୂର୍ବାହ୍ନ ୧୧.୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ଅନୁରୂପ ଦୃଶ୍ୟ କ୍ରୀଡା ଦେଖିବାକୁ ମିଳିଥିଲା । ବିରୋଧୀ ସଦସ୍ୟଙ୍କ ଏହି ଆଚରଣକୁ ବିଜେପି ବିଧାୟକମାନେ ନିନ୍ଦା କରିବା ସହ ଗୃହପ୍ରତି ଅପମାନ ବୋଲି କହିଥିଲେ । ବିଜେପି ବିଧାୟକମାନେ କହିଥିଲେ ଯେ, ଏସିବି ଅଗ୍ନୀକାଣ୍ଡ ଘଟଣା ଏକ ସମ୍ବେଦନଶୀଳ ଘଟଣା । ବିରୋଧୀ ମାନବିକତା ଦେଖନ୍ତୁ । ଏହି ସମସ୍ୟା ସମାଧାନ ପାଇଁ ସୁଚିନ୍ତିତ ପରାମର୍ଶ ଦିଅନ୍ତୁ । ସରକାର ଘଟିବା ପରେ ତୁରନ୍ତ ପଦକ୍ଷେପ ନେଇଥିଲେ । ତଦନ୍ତ ରିପୋର୍ଟ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ହେଲେ ବିରୋଧୀ ଅଯଥା ରାଜନୀତି କରୁଛନ୍ତି । ବିଜେପି ବିଧାୟକ ସନ୍ତୋଷ ଘଟୁଆ, ବାବୁ ସିଂ, ସିର୍ଦ୍ଧାନ୍ତ ମହାପାତ୍ର ପ୍ରମୁଖ କହିଥିଲେ ସମ୍ବେଦନଶୀଳ ଘଟଣାକୁ ନେଇ ବିରୋଧୀ ରାଜନୈତିକ ରୁଟି ସେକିବା ଉଚିତ ନୁହେଁ । ବିଜେଡି ଓ କଂଗ୍ରେସ ରାଜ୍ୟସଭା ନିର୍ବାଚନ ଫଳାଫଳ ଓ ସେମାନଙ୍କ ବିଧାୟକମାନେ ନମାନିବା ପ୍ରସଙ୍ଗକୁ ଏଡାଇବା ପାଇଁ ଏଭଳି ନାଟକ କରୁଛନ୍ତି । ଏସିବି ଦୁର୍ଘଟଣାରେ କିଏ ଦୋଷୀ ତାକୁ ଦଣ୍ଡ ମିଳିବ । ଲୋକଙ୍କୁ ନ୍ୟାୟ ମିଳିବାରେ ତାଙ୍କୁ ଆବଶ୍ୟକତା ରହିଛି ।

# ବସ୍ତା ନିର୍ବାଚନ ମଣ୍ଡଳୀ :ପୁଣି ବିଜେଡିରେ ଲୋଡ଼ା ପଡିଲେ ନିତ୍ୟାନନ୍ଦ

ବାଲେଶ୍ୱର,(ସବ୍ୟୁ): ବସ୍ତା ବିଜେଡି ବିଧାୟିକା ସୁବାଷିନୀ ଜେନା ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟ ଙ୍କ ସପକ୍ଷ ରେ ଭୋଟ ଦେବା ପରେ ଦଳ ତାଙ୍କୁ ଅଲୋଡ଼ା କରିବା ପାଇଁ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି । ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ବୁଧବାର ଦିନ ବାଲେଶ୍ୱର ସର୍କିଟ ହାଉସ ରେ ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଦଳର ଜିଲ୍ଲା ସ୍ତରୀୟ ନେତୃମଣ୍ଡଳୀର ଏକ କବାଟ କିଳା ବୈଠକ ଦୀର୍ଘ ୪ ଘଣ୍ଟା ଧରି ଜିଲ୍ଲାର ଦଳୀୟ ସ୍ଥିତି, ବସ୍ତା ନିର୍ବାଚନମଣ୍ଡଳୀ ର ପରବର୍ତ୍ତୀ ଦଳୀୟ ନେତା ଚୟନ ଉପରେ ଆଲୋଚନା କରାଯାଇଥିଲା । ଇଂ. ରବୀନ୍ଦ୍ର ଜେନା ଦଳରୁ ଇସ୍ତଫା ଦେବା ପରେ ଦଳର ନେତା ଓ କର୍ମୀ ମାନଙ୍କୁ ଦଳରେ ଏକ ଜୁଟ କରି କେମିତି ରଖାଯାଇପାରିବ ସେ ନେଇ ସରଗରମ ଆଲୋଚନା ହୋଇଥିଲା । ପରେ ଅପରାହ୍ନରେ ଶ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳୀୟ ଟିମ ବସ୍ତା ଗସ୍ତ କରି ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ସାକ୍ଷାତ କରି ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳ ର ସ୍ଥିତି, କର୍ମୀଙ୍କ ମନୋଭାବ ଓ ଆଗାମୀ ତ୍ରି ସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ କାହା ନେତୃତ୍ୱ ରେ ନିର୍ବାଚନ ଲଢ଼ିବ ସେ ସମ୍ପର୍କରେ ଶ୍ରୀ ସାହୁଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ଶ୍ରୀ ସାହୁ ମାତ୍ରାଧିକ ବୟସ ଓ ରୋଗାକ୍ରାନ୍ତ ହୋଇଥିବାରୁ ସେ ଏ ସମ୍ପର୍କରେ ଦଳର କର୍ମୀ ଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଶ୍ରୀ ସାହୁଙ୍କ ପୁଅଙ୍କୁ ଦଳ ବସ୍ତା ନିର୍ବାଚନମଣ୍ଡଳୀ ର ଦାୟିତ୍ୱ ଦେବ ନା ଆଉ କେହି ଯୁବ ନେତା ଙ୍କୁ ଦାୟିତ୍ୱ ଦିଆଯିବ ସେ ନେଇ ପରବର୍ତ୍ତୀ ସମୟ ରେ ଦଳ ନିଷ୍ପତ୍ତି ନେବ । ତେବେ ବସ୍ତା ଓ ବାଲିଆପାଳ ବ୍ଲକର ଦଳୀୟ ନେତାଙ୍କୁ ଦାୟିତ୍ୱ ଦେବା ଲାଗି ଉପସ୍ଥିତ ଦଳୀୟ କର୍ମୀମାନେ ମତ ପ୍ରକାଶ କରିଛନ୍ତି । ଉଭୟ ବ୍ଲକ ବାହାରୁ ନେତା ଆମଦାନୀ କରାଗଲେ ସେ ଗ୍ରହଣୀୟ ହେବେ ନାହିଁ ବୋଲି କର୍ମୀମାନେ କହିଛନ୍ତି ।ତେବେ ଜିଲ୍ଲା ସଭାପତି ଓ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁ ଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ । ଆଜି ର ମାରାଥନ ଆଲୋଚନା ଓ କବାଟ କିଳା ବୈଠକରେ ଲେଖା ଶ୍ରୀ ସାମନ୍ତସିଂହାର, ନୀଳଗିରି ର ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ, ସଦର ଆସନ ର ପୂର୍ବତନ ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦେବଗିରି ପାହାଡ଼ ଉପରୁ ଗଳିତ ଶବ ଉଦ୍ଧାର

ନୀଳଗିରି, (ସବ୍ୟୁ): ପଞ୍ଚଲିଙ୍ଗେଶ୍ୱର ଦେବ ଗିରି ପାହାଡ଼ରୁ ଏକ ଅଚିହ୍ନା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମୃତକର ପରିଚୟ ମିଳୁ ନଥିବା ବେଳେ କିଏ ମାରିଲା, କଣ ପାଇଁ ମାରିଲା ଜଣା ପଡିନାହିଁ । ସୂଚନା ଅନୁସାରେ ନିଳଗିରି କୁଲଡ଼ିହା ସୀମାନ୍ତ ପଞ୍ଚଲିଙ୍ଗେଶ୍ୱର ଦେବ ଗିରି ପାହାଡ଼ ଉପରେ ଏକ ଗଳିତ ଶବର ଦୁର୍ଗନ୍ଧ ବାସ୍ନା ହେବାରୁ କିଛି ଲୋକ ସେଠାକୁ ଯାଇ ଗଳିତ ମୃତ ଦେହ କୁ ଦେଖିବାକୁ ପାଇଥିଲେ । ପରେ ନିଳଗିରି ପୋଲିସ କୁ ଖବର ଦେବା ପରେ ନିଳଗିରି ଥାନାର ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ଗଳିତ ମୃତ ଦେହ କୁ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି ।

# ସ୍ୱିଗି "ସି ଦ ଚେଞ୍ଜ' ୨୦୨୬ କାର୍ଯ୍ୟକ୍ରମ: ଲିପ୍ସା,ତମସା ସମ୍ମାନିତ

ନୂଆଦିଲ୍ଲୀ: ସ୍ୱିଗି ପକ୍ଷରୁ ନୂଆଦିଲ୍ଲୀଠାରେ "ସି ଦ ଚେଞ୍ଜ'ର ୨୦୨୬ ସଂସ୍କରଣର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱରର ଲିଂ। ଶତପଥୀ ଓ ତମସା ମିଶ୍ର ଅନ୍ତର୍ଭୁକ୍ତ ଅଛନ୍ତି । "ଫ୍ରମ ଭିଜନ ଟୁ ଭେଞ୍ଚର' ଟ୍ୟାଗଲାଇନ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଜେନ୍ଦ୍ର ସିଂହ ଶେଖାଓ୍ୱତ ଓ ସ୍ୱିଗିର ସହ-ପ୍ରତିଷ୍ଠାତା, ଏମଡି ଓ ଗ୍ରୁପ ସିଇଓ ଶ୍ରୀହର୍ଷା ମାଜେଟି ଦୁଇଟି ବର୍ଗ ଯଥା ଏଣ୍ଟରପ୍ରିନିୟର ଅଫ୍ ଦ ଇୟର ଓ ସେଫ୍ ଅଫ୍ ଦ ଇୟରରେ ଏଫଆଣ୍ଡବି ଇଣ୍ଡଷ୍ଟ୍ରୀର ୨୮ ଜଣ ମହିଳାଙ୍କୁ ସମ୍ମାନିତ କରିଛନ୍ତି । ଏହି ସମ୍ମାନଗୁଡିକ ରନ୍ଧନ କଳା କ୍ଷେତ୍ରରେ ଉଦ୍ଭାବନ ଓ ବ୍ୟବସାୟିକ ସଫଳତା ପ୍ରତି ସେମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି । ଲିଂ। ଓ ତମସା ଏକ ହୋମ୍ କିଚେନ ଭାବେ ଡିଡମ୍ପଲିଙ୍ଗ ଡାଇନାଷ୍ଟିର ଆରମ୍ଭ କରିଥିଲେ । ଏହି ସମ୍ମାନ ପାଇବା ପରେ ଲିଂ। କହିଛନ୍ତି, ମୁଁ ଭାରତୀୟ ଖାଦ୍ୟ ଥାଳିରେ କିଛି ସ୍ୱତନ୍ତ୍ରତା ଆଣିବାକୁ ଚାହୁଁଥିଲି । ଡମ୍ପଲିଙ୍ଗ ଅନେକ ସାଂସ୍କୃତିକ ପରମ୍ପରାର ଅଂଶ ଅଟେ, କିନ୍ତୁ ତାହାକୁ ମୁଖ୍ୟଧାରାର ଭାରତୀୟ କ୍ୟୁଏସଆରଗୁଡିକରେ ଖୁବ୍ କମ୍ ସାମିଲ କରାଯାଇଛି ।

# ଲିଭାଇସର ନୂଆ କ୍ୟାମ୍ପେନରେ ଆଲିଆ ଭଟ୍ଟ

ମୁମ୍ବାଇ : ଲିଭାଇସ ବ୍ରାଣ୍ଡ ଭାରତକୁ ଏହାର ୨୦୨୬ ଗ୍ଲୋବାଲ କ୍ୟାମ୍ପେନ "ବିହାଇଣ୍ଡ ଏଭ୍ରି ଓରିଜିନାଲ' ଆଣିଛି, ଯେଉଁଥିରେ ଏହାର ଆନ୍ତର୍ଜାତୀୟ ବ୍ରାଣ୍ଡ ଆମ୍ବାସାଡର ଆଲିଆ ଭଟ୍ଟ ଅଭିନୟ କରିଛନ୍ତି । ସଙ୍ଗୀତ ଓ କ୍ରୀଡାଠାରୁ ଆରମ୍ଭ କରି ଫ୍ୟାଶନ ଓ କଳା କ୍ଷେତ୍ର ପର୍ଯ୍ୟନ୍ତ ଲିଭାଇସ ଜିନ୍ସ ପରିବର୍ତ୍ତନର ମୁହୂର୍ତ୍ତରେ ଏକ ସ୍ଥାୟୀ ପସନ୍ଦରେ ପରିଣତ ହୋଇଛି ଯାହାକୁ ପ୍ରଗତିର ଅନୁସରଣ କରୁଥିବା ଓ ଭବିଷ୍ୟତକୁ ରୂପ ଦେଉଥିବା ବ୍ୟକ୍ତିମାନେ ପରିଧାନ କରୁଛନ୍ତି । ବିହାଇଣ୍ଡ ଏଭ୍ରି ଓରିଜିନାଲ କ୍ୟାମ୍ପେନ ସେହି ବିରାସତ ଉପରେ ନିର୍ମିତ ହୋଇଛି । ଏହା ପ୍ରଗତିକୁ ଆଗକୁ ବଢାଉଥିବା ଆଚରଣ ଓ ଉଦ୍ଦେଶ୍ୟକୁ ସ୍ପଟଲାଇଟକୁ ଆଣୁଛି । ଏହି ସ୍ପଟଲାଇଟ ଆଲିଆ ଭଟ୍ଟଙ୍କ ଉପରେ ରହିଛ ।ଏସମ୍ପର୍କରେ ଲିଭାଇସ ଷ୍ଟ୍ରାଉସ୍ ଆଣ୍ଡ କୋ.ର ସାଉଥ ଏସିଆ, ମିଡିଲ ଇଷ୍ଟ ଓ ଆଫ୍ରିକାର ପରିଚାଳନା ନିର୍ଦ୍ଦେଶକ ହିରେନ ଗୋର କହିଛନ୍ତି, ୧୫୦ ବର୍ଷରୁ ଅଧିକ ସମୟ ହେବ ଲିଭାଇସକୁ ସଂସ୍କୃତିକୁ ଆଗକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିମାନେ ପରିଧାନ କରିଆସୁଛନ୍ତି ଏବଂ ବିହାଇଣ୍ଡ ଏଭ୍ରି ଓରିଜିନାଲ କ୍ୟାମ୍ପେନ ସେହି ବେଗରେ କେନ୍ଦ୍ରରେ ରହିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛି ।

# ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱରର ଭାଷା ବିକାଶ ଆନ୍ଦୋଳନ, ସଂସ୍କାର, ପ୍ରାପ୍ତି ଓ ଆର୍ଯ୍ୟସମାଜ ଆଦି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ରଷ୍ଟା କାର୍ଯ୍ୟାଳୟରେ ଆଜି ପ୍ରବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ ଶ୍ରୋତାମାନଙ୍କୁ ଉଦ୍‌ବୋଧ ଦେଇ ସେ କହିଥିଲେ ଯେ ଶୁଦ୍ଧ ବିଚାରଧାରା, ନମ୍ରତା, ଅହଂବୋଧର ପରିତ୍ୟାଗ, ସ୍ୱାଭିମାନ ହିଁ ପ୍ରକୃତ ଆଧ୍ୟାତ୍ମିକତା । ଭାରତୀୟ ସଂସ୍କୃତିର ମହନୀୟ ଆଧ୍ୟାତ୍ମିକତାକୁ ଆଜିର ସମାଜ ବୁଝିନାହିଁ । ଯେଉଁଦିନ ତା'ର ଗୂଢ଼ ଅର୍ଥକୁ ବୁଝି ନିଜକୁ ବଦଳେଇ ଦେଇପାରିବ, ସେଦିନ ଦେଶ ବଦଳିଯିବ । ଭାଷା ବିକାଶ ଆନ୍ଦୋଳନର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସଂଗଠନ ସମ୍ପାଦକ ତପନ ରାୟ, ବିଶିଷ୍ଟ ସାହିତ୍ୟିକ ଡା. କୁମାର ଗୋପାଳ, ସାହିତ୍ୟିକ ତାରାପଦ ମହାନ୍ତି ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
13001/687/2526
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୨୬ **ବିଜ୍ଞାପନ** ତା : ୧୦.୦୩.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ରବୀନ୍ଦ୍ର ନାଥ ପରିଡ଼ା<br>ସ୍ୱାମୀ- ସ୍ୱର୍ଗତ ସୁଦାମ ଚରଣ ପରିଡ଼ା<br>ସା-ପାଳସାହି<br>ପୋ- ବେଲଦାଣ୍ଡିଆ<br>ଥାନା- ସିଙ୍ଗଲା<br>ଜିଲ୍ଲା-ବାଲେଶ୍ୱର | ଏମ୍ଆଇଜି-୨୨<br>(MIG-22)<br>ନନ୍ଦନ ଏନ୍‌କ୍ଲେଭ<br>କଳାରାହାଙ୍ଗ<br>ଭୁବନେଶ୍ୱର | ୧. ସନ୍ଧ୍ୟା ପ୍ରଧାନ (ସ୍ତ୍ରୀ)<br>୨. ଗୌରବ ପରିଡ଼ା (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/25-26/0109

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
CDA
13001/688/2526
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ବୀମା ବିହାର ଠାରେ Duplex House No-28/Bଟିକୁ ମହମ୍ମଦ ଗୋଲାମ ମଦାନୀ, ପିତା- ମହମ୍ମଦ ଅବଦୁଲ କୟୁମ, ସା-Duplex House No-28/B ବୀମା ବିହାର, ସେକ୍ଟର-୬, ପୋ-ମର୍କତ ନଗର, ଥା-ମର୍କତ ନଗର, ଜି-କଟକ, ପିନ୍-୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ମହମ୍ମଦ ଗୋଲାମ ମଦାନୀ ଉକ୍ତ ବୀମା ବିହାର ସ୍ଥିତ ଡ୍ୟୁପ୍ଲେକ୍ସ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଚାନ୍ଦ, ସ୍ୱାମୀ- ଶ୍ରୀ ସତ୍ୟେନ୍ଦ୍ରନାରାୟଣ ଚାନ୍ଦ, ସା-ପ୍ଲଟ ନଂ-୨୦୯୦/୨୯୦୮, ମହାଦେବ ନଗର, ଝାରପଡ଼ା, ଭାୟା-ବୁଧେଶ୍ୱରୀ କଲୋନୀ, ପୋ/ଥା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍-୭୫୧୦୦୬, ରାଜ୍ୟ-ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ବୀମା ବିହାର ସ୍ଥିତ ଡ୍ୟୁପ୍ଲେକ୍ସ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR : 13001/13037/1/25-26/0081 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

[redacted]

**LOST**

By virtue of an affidavit sworn before the Notary public Ranpur, Dist.-Nayagarh, dtd 13.03.2026, I, Binapani Sahoo, Resident of Vill. Patia, Po. Patia, Ps. Chandpur, Dist. Nayagarh, declare that I have lost my registered sale deed and ROR, of my land situated at Mouza, Ranpurgarh Nuagaon vide RSD No. 11411601123 dtd. 08.08.2016 and ROR of Mouza Ranpurgarh, Khata No. 1479/622 while traveling from my village Ranpur Nuagaon to Ranpur market. In spite of my best efforts to trace them I am unable to trace them. I am swearing this affidavit to lodge an FIR regarding the loss of my original documents.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Shotpeening-25-26-32
କାର୍ଯ୍ୟର ନାମ : 48 (ଅଠଚାଳିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର SS-I, SS-II ଓ SS-III ସମୟରେ LHB ବଗି କଏଲ ସ୍ପ୍ରିଙ୍ଗଗୁଡ଼ିକର ଶଟ୍ ପିନିଙ୍ଗ୍ ଏବଂ ଫସ୍ଫେଟାଇଜିଙ୍ଗ୍ (Phosphatising) ।
ବିଜ୍ଞାପିତ ମୂଲ୍ୟ : ₹ 9,69,32,082.00, EMD : ₹ 6,34,700/-, ଶେଷ ହେବା ଅବଧି : 48 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.19.03.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.04.2026ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH), CRW/ମଞ୍ଚେଶ୍ୱର
PR-1239/Q/25-26

**ଦ.ପୂ. ରେଳପଥ ଟେଣ୍ଡର**

**ଟେଣ୍ଡର ନୋଟିସ୍ ନଂ ସିକେପି-ଡି-୬୨୭-ଅପରେସନ-ଏମସିଏଲ** । ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ ନିମ୍ନ ଉଲ୍ଲିଖିତ ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ଏମସିଏଲ ସର୍ଡେଗା ସାଇଡିଂ(ଆରଏଲଏସ)ରେ ଏକ ବର୍ଷ ପାଇଁ ଜମା ଅବଧିରେ ଆଇସୋଲେଟରଗୁଡ଼ିକର ପରିଚାଳନା । **ଟେଣ୍ଡର ମୂଲ୍ୟ:**ଟ. ୩୪,୫୬,୩୩୦.୦୧ । **ଇଏମଡି** : ଟ. ୬୯,୧୦୦/- । **ସମାପ୍ତି ଅବଧି** : ୧୨ ମାସ । **ଇ-ଟେଣ୍ଡର ଖୋଲିବାର ସ୍ଥାନ:** ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର /ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। **ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୦୮.୦୪.୨୦୨୬ ତାରିଖ ୧୫.୦୦ ଘଣ୍ଟା । **ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ:** ୦୮.୦୪.୨୦୨୬ ତାରିଖ ୧୫:୩୦ ଘଣ୍ଟା । ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ।କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ । (PR-1326)

To
**Ms. Mamata Dash Qtr.No. IR-38, Road - 7 Bhoi Nagar, Bhubaneswar-22.**

**TAKE NOTICE**

You have booked a flat 718 in Tulasi Vihar, Puri in Dt. 10.08.2017. Then we have sent several letters for balance deposit which are returned 'left the addressee'. You have taken a bank loan from Vijay Bank now known as Bank of Baroda sent notice about registration of flat and send notice to our office. Hence we give a 15 days' notice by this odia daily failing which we will be constraint to cancel your flat and transfer your loan amount to bank after necessary deductions.
Managing Director Mahodadhi Developers Pvt. Ltd.
Bhubaneswar.

**ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ଉନ୍ନୟନ ନିଗମ ଲିମିଟେଡ**
(ଭାରତ ସରକାରଙ୍କ ଏକ ଉଦ୍ୟମ - ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ)
NHIDCL — BHARATMALA
୧ ଏବଂ ୨ ମହଲା, ଟାୱାର-ଏ, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନୌରୋଜୀ ନଗର, ନୂଆଦିଲ୍ଲୀ ୧୧୦ ୦୨୯
ୱେବସାଇଟ୍: www.nhidcl.com ଇମେଲ୍: recruit.nontech1nhidcl.com

**ନିଯୁକ୍ତି ନୋଟିସ ନଂ ୦୩/୨୦୨୬**

ଏନଏଚଆଇଡିସିଏଲ କେନ୍ଦ୍ର/ରାଜ୍ୟ ସରକାର, କିମ୍ବା କେନ୍ଦ୍ରଶାସିତ ପ୍ରଦେଶ, ମନ୍ତ୍ରଣାଳୟ/ବିଭାଗ,ପିଏସୟୁ , ସ୍ୱାୟତ୍ତ/ସାମ୍ବିଧାନିକ ସଂସ୍ଥାର ଯୋଗ୍ୟ ଅଧିକାରୀମାନଙ୍କଠାରୁ ନିମ୍ନଲିଖିତ ପଦବୀ ପାଇଁ ୩ ବର୍ଷ ନିମନ୍ତେ ଡେପୁଟେସନରେ ଆବେଦନପତ୍ର ଆହ୍ୱାନ କରୁଛି (୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ):

| କ୍ର. ନଂ. | ପଦବୀର ନାମ | କ୍ୟାଡର | ଆଇଡିଏ ସ୍ତର | ବେତନ ହାର | ପଦବୀ ସଂଖ୍ୟା |
|---|---|---|---|---|---|
| ୧ | ନିର୍ବାହୀ ନିର୍ଦ୍ଦେଶକ | ଅର୍ଥ ଓ ହିସାବ | ଇ୮ | ଟ. ୧,୨୦,୦୦୦- ୩% - ୨,୮୦,୦୦୦ | ୦୧ |
| ୨ | ବରିଷ୍ଠ ସାଧାରଣ ପରିଚାଳକ | ଅର୍ଥ ଓ ହିସାମ | ଇ୭ | ଟ. ୧,୦୦,୦୦୦- ୩% - ୨,୬୦,୦୦୦ | ୦୧ |
| ୩ | ସାଧାରଣ ପରିଚାଳନ | ଅର୍ଥ ଓ ହିସାବ | ଇ୬ | ଟ. ୯୦,୦୦୦- ୩% - ୨,୪୦,୦୦୦ | ୦୧ |
| ୪ | ଉପସାଧାରଣ ପରିଚାଳକ | ଅର୍ଥ ଓ ହିସାବ | ଇ୫ | ଟ. ୮୦,୦୦୦- ୩% - ୨,୨୦,୦୦୦ | ୦୫ |
| ୫ | ସାଧାରଣ ପରିଚାଳକ | ଭୂମି ଅଧିଗ୍ରହଣ | ଇ୬ | ଟ. ୯୦,୦୦୦- ୩% - ୨,୪୦,୦୦୦ | ୦୨ |
| ୬ | ଉପସାଧାରଣ ପରିଚାଳକ | ଭୂମି ଅଧିଗ୍ରହଣ | ଇ୫ | ଟ. ୮୦,୦୦୦- ୩% - ୨,୨୦,୦୦୦ | ୦୩ |
| ୭ | ସାଧାରଣ ପରିଚାଳକ | ଆଇନ | ଇ୬ | ଟ. ୯୦,୦୦୦- ୩% - ୨,୪୦,୦୦୦ | ୦୧ |
| ୮ | ଉପସାଧାରଣ ପରିଚାଳକ | ଆଇନ | ଇ୫ | ଟ. ୮୦,୦୦୦- ୩% - ୨,୨୦,୦୦୦ | ୦୧ |
| ୯ | ସାଧାରଣ ପରିଚାଳକ | ସୂଚନା ପ୍ରଯୁକ୍ତି | ଇ୬ | ଟ. ୯୦,୦୦୦- ୩% - ୨,୪୦,୦୦୦ | ୦୧ |
| ୧୦ | ଉପସାଧାରଣ ପରିଚାଳକ | ସୂଚନା ପ୍ରଯୁକ୍ତ | ଇ୫ | ଟ. ୮୦,୦୦୦- ୩% - ୨,୨୦,୦୦୦ | ୦୧ |
| ୧୧ | ପ୍ରମୁଖ ଷ୍ଟାଫ୍ ଅଧିକାରୀ | ସଚିବାଳୟ | ଇ୬ | ଟ. ୯୦,୦୦୦- ୩% - ୨,୪୦,୦୦୦ | ୦୧ |
| ୧୨ | ପ୍ରମୁଖ ବ୍ୟକ୍ତିଗତ ସଚିବ | ସଚିବାଳୟ | ଇ୫ | ଟ. ୮୦,୦୦୦- ୩% - ୨,୨୦,୦୦୦ | ୦୧ |
| ୧୩ | ବରିଷ୍ଠ ବ୍ୟକ୍ତିଗତ ସଚିବ | ସଚିବାଳୟ | ଇ୪ | ଟ. ୭୦,୦୦୦- ୩% - ୨,୦୦,୦୦୦ | ୦୧ |
| ୧୪ | ସହକାରୀ ନିର୍ଦ୍ଦେଶକ | ସରକାରୀ ଭାଷା | ଇ୪ | ଟ. ୭୦,୦୦୦- ୩% - ୨,୦୦,୦୦୦ | ୦୧ |

**ଦରମା ଏବଂ ଭତ୍ତା:** ଡିପିଇ ନିର୍ଦ୍ଦେଶାବଳୀ ଅନୁଯାୟୀ ।
**ସର୍ବୋଚ୍ଚ ବୟସ ସୀମା:** ୫୬ ବର୍ଷ (ଆବେଦନର ଶେଷ ତାରିଖ ଅନୁଯାୟୀ) ।
**ଆବେଦନ ଗ୍ରହଣର ଶେଷ ତାରିଖ:** ୩୦.୦୪.୨୦୨୬
ବିସ୍ତୃତ ଯୋଗ୍ୟତା, ଅତ୍ୟାବଶ୍ୟକ ଯୋଗ୍ୟତା ଏବଂ ଅଭିଜ୍ଞତା, କିପରି ଆବେଦନ କରିବେ, ଆବେଦନ ଫର୍ମ, ଚୟନ ପ୍ରକ୍ରିୟା, ଇତ୍ୟାଦି ପାଇଁ, ଦୟାକରି ୨୧.୦୩.୨୦୨୬ ତାରିଖରେ ନିଯୁକ୍ତି ସମାଚାରରେ ପ୍ରକାଶିତ ବିସ୍ତୃତ ବିଜ୍ଞାପନ କିମ୍ବା ଏନଏଚଆଇଡିସିଏଲ ୱେବସାଇଟ୍: www.nhidcl.com - କ୍ୟାରିୟର କିମ୍ବା ବର୍ତ୍ତମାନର ଖାଲି ପଦବୀ ଦେଖନ୍ତୁ ।

CBC 37112/15/0015/2526 ନିର୍ବାହୀ ନିର୍ଦ୍ଦେଶକ (ଏଚଆର)

ନିର୍ମାଣ ଭିତ୍ତିଭୂମି, ରାଷ୍ଟ୍ର ନିର୍ମାଣ

**MAHILA VIKAS SAMABAYA NIGAM**
(Govt, of Odisha Undertaking)
W&CD Complex, Plot No.483(Pt), Unit-VI, Ganganagar, Bhubaneswar- 751001
33001/21/2526
Ph.No.2533223/2533214
Ref. 316 / MVSN E-mail-mvsn_bbsr@yahoo.com
Dt. 17/03/2026

**CANCELLATION OF TENDER NOTICE**

Sub: Cancellation of Tender Notice No-61/MVSN dt. 19.01.2026 due to Insufficient Number of Qualified Bids".

This is to inform all concerned that the bid invited vide Tender Notice No-61/MVSN Dt.19.01.2026 for procurement of "Laminated Takeaway & Home Visit Register. " has been cancelled.

The cancellation has been necessitated due to receipt of insufficient number of qualified bids as per requirement prescribed in the Tender Notice and applicable procurement guidelines.

This is issued for information of all concerned.

Sd/- MANAGING DIRECTOR
OIPR : 33001/33003/1/25-26/0002 MAHILA VIKAS SAMABAYA NIGAM

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
ଜିଲ୍ଲା - ସୁବର୍ଣ୍ଣପୁର
13001/675/2526
**NOTIFIED AREA COUNCIL, TARBHA**
Djst. - Subarnapur, Odisha 767016
nactarbha@gmail.com
No. 492 / Date : 17.03.2026

**QUOTATION CALL NOTICE**

Sealed Quotations/ Tenders in Double Covers are invited by the Executive Officer, NAC Tarbha from the Registered Firms / Entrepreneurs / Agency / Dealers of Agricultural Trailer [Tractor) of different reputed companies such as Mahindra, John Deere, Eicher, Sonalika, Swaraj etc. for Supply of Tractor with Trailer to NAC Tarbha as per specification given in DTCN. All Quotations/ Tenders should reach before the undersigned by Dt. 23.03.2026 within 5.00 PM through Speed Post / Regd. Post / Courier / by hand (Box Drop) accompanied wtth Registration Certificate, PAN, GSTIN Certificate, ITR Statements of last 3 Years, Company Dealership Certificate/ Authorization etc. as specified In the DTCN along with Tender Paper Cost of Rs.6000/- and EMD of Rs. 10000.00 in shape of Demand Draft drawn in favor of Executive Officer, NAC Tarbha which will be opened on Dt. 24.03.2026 at 11.30 AM in the Office of Executive Officer, NAC, Tarbha in the presence of Quotationers/ Bidders or their authorized representative. Quotations received after the stipulated period shall not be entertained. The undersigned reserves the right to accept or reject any or all the quotations without assigning any reason thereof.

Sd/- Executive Officer
N.A.C., Tarbha
OIPR : 13001/13199/1/25-26/0039

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ୪୩ତମ ବାର୍ଷିକ ମେଟାଲିଫେରସ୍ ମାଇନ୍ସ ସୁରକ୍ଷା ପକ୍ଷ

# ଏଏମ୍ / ଏନ୍ଏସ୍ ଇଣ୍ଡିଆ ସାତଟି ପୁରସ୍କାରରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ର ଘୋରାବୁର୍ହାଣି-ସାଗାସାହି ଏବଂ ଠାକୁରାଣୀ ଲୁହାପଥର ଖଣି ୪୩ତମ ବାର୍ଷିକ ମେଟାଲିଫେରସ୍ ମାଇନ୍ସ ସେଫ୍ଟି ଫୋର୍ଟନାଇଟ୍ ୨୦୨୫ରେ ଏକାଧିକ ବର୍ଗରେ ଅସାଧାରଣ ନିରାପତ୍ତା, ଦୀର୍ଘସ୍ଥାୟି ଏବଂ ଦକ୍ଷତାର ପ୍ରଦର୍ଶନ ପାଇଁ ସାତୋଟି ପୁରସ୍କାର ହାସଲ କରିଛି । ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍ଏସ୍), ଭୁବନେଶ୍ୱର କ୍ଷେତ୍ର ୧ ଏବଂ କ୍ଷେତ୍ର ୨ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୪ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଠାକୁରାଣୀ ଖଣି ଚାରିଟି ପୁରସ୍କାର ହାସଲ କରିଛି, ଯେଉଁଥିରେ ନିରାପତ୍ତା ଏବଂ ଉତ୍କର୍ଷତା ପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ, ସୁରକ୍ଷା ପରିଚାଳନା ଯୋଜନା, ନିରାପତ୍ତା ଏବଂ ବୈଧାନିକ ଅନୁପାଳନ ବର୍ଗରେ ପ୍ରଥମ ପୁରସ୍କାର, ଲିଡ୍ ଇଣ୍ଡିକେଟର, ଜରୁରୀକାଳୀନ ପ୍ରସ୍ତୁତି, ମକ୍ ଡ୍ରିଲ୍ ଏବଂ ଦୁର୍ଘଟଣା ପରିସଂଖ୍ୟାନ ବର୍ଗରେ ଦ୍ୱିତୀୟ ପୁରସ୍କାର, ନବସୃଜନ ଏବଂ ଡିଜିଟାଇଜେସନ୍ ବର୍ଗରେ ଦ୍ୱିତୀୟ ପୁରସ୍କାର ଏବଂ ମେକାନିକାଲ୍ ରକ୍ଷଣାବେକ୍ଷଣ ବର୍ଗରେ ତୃତୀୟ ପୁରସ୍କାର ଅନ୍ତର୍ଭୁକ୍ତ । ଘୋରାବୁର୍ହାଣି-




ସାଗାସାହି ଖଣି ତିନୋଟି ପୁରସ୍କାର ପାଇଛି, ଯେଉଁଥିରେ ମେକାନିକାଲ୍ ରକ୍ଷଣାବେକ୍ଷଣ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ବର୍ଗରେ ପ୍ରଥମ ପୁରସ୍କାର ସହିତ ସାଧାରଣ କାର୍ଯ୍ୟ ବର୍ଗରେ ଦ୍ୱିତୀୟ ପୁରସ୍କାର ଅନ୍ତର୍ଭୁକ୍ତ । ଡିଜିଏମଏସ ଅଧୀନରେ ଗଠିତ ଏକ ବିଶେଷଜ୍ଞ ଦଳ ଦ୍ୱାରା ବିସ୍ତୃତ ଯାଞ୍ଚ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ଧାନବାଦ ଡିଜିଏମଏସର ମହାନିର୍ଦ୍ଦେଶକ ଉଜ୍ୱଳ ତାହଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା । ଏହି ଅବସରରେ, ଏଏମ୍ / ଏନ୍ଏସ୍ ଇଣ୍ଡିଆର ଏକ ଆକର୍ଷଣୀୟ ଷ୍ଟଲ୍, ଏହାର ଖଣିରେ ସର୍ବୋତ୍ତମ ସୁରକ୍ଷା ଅଭ୍ୟାସଗୁଡ଼ିକୁ ପ୍ରଦର୍ଶିତ କରିଥିଲା । ଖଣିରେ ନିରାପଦ କାର୍ଯ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଖଣି ଦୁର୍ଘଟଣାକୁ ଅନେକ ମାତ୍ରାରେ ହ୍ରାସ କରିବା ପାଇଁ ପ୍ରତିବର୍ଷ ଦେଶର ବିଭିନ୍ନ ଅଞ୍ଚଳରେ ଖଣି ସୁରକ୍ଷା ସପ୍ତାହ ଆୟୋଜନ କରାଯାଇଥାଏ ।

## ଆଜିଠୁ ଗଡଚଣ୍ଡି ମନ୍ଦିରରେ ନବରାତ୍ର ପୂଜା

କଟକ, (ସବ୍ୟୁ): ଆସନ୍ତା କାଲିଠାରୁ ପ୍ରସିଦ୍ଧ ଗଡ ଚଣ୍ଡି ମନ୍ଦିରରେ ମା ଙ୍କ ନବରାତ୍ର ପୂଜା ଆରମ୍ଭ ହେବ । ଗୁରୁବାର ସୁନାବେଶ, ଶୁକ୍ରବାର ରାଜରାଜେଶ୍ୱର ବେଶ, ଶନିବାର ଅର୍ଦ୍ଧ ପୂର୍ଣ୍ଣ । ବେଶ,ରବିବାର ଗାୟତ୍ରୀ ବେଶ, ସୋମବାର ନାରାୟଣୀ, ମଙ୍ଗଳବାର ମହାଲକ୍ଷ୍ମୀ , ବୁଧବାର ମହାସରସ୍ୱତି ବେଶ, ଗୁରୁବାର ମହାକାଳୀ, ଶୁକ୍ରବାର ମହିଷା ମର୍ଦ୍ଦିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ପୂଜାକମିଟି ପକ୍ଷରୁ ସୂଚନା ମିଳିଛି ।

# ଆଦିବାସୀ ନାବାଳିକାଙ୍କ ଉପରେ ହୋଇଥିବା ଅସଦାଚରଣ

## ପୋଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୪ ବର୍ଷୀୟା ଜଣେ ଆଦିବାସୀ ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ନେଇ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୟୂରଭଞ୍ଜ-୨ ସଂଗଠନ ଜିଲ୍ଲାର ସଭାପତି ଡ଼ ଦେବାଶିଷ ମାରାଣ୍ଡି ଓ ଦଳର ଗଣମାଧ୍ୟମ ସଂଯୋଜକ ତଥା ପ୍ରବକ୍ତା ଡ଼ ପ୍ରିୟବ୍ରତ ମାଝୀ ଓଡ଼ିଶାରେ ଆଦିବାସୀ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାରକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ ।

ଡ଼ ମାରାଣ୍ଡି କହିଥିଲେ ଯେ, ଗତ ୧୨ ମାର୍ଚ୍ଚ ୨୦୨୬ରେ ଟିଙ୍ଗ ଥାନା ଅଧୀନ ବିଂଝୁଆ ଗ୍ରାମ, ବହଳଦା ଛକ ନିକଟରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ସହ ହୋଇଥିବା ଅସଦାଚରଣ ଘଟଣାକୁ ନେଇ ଏକ ଅପ୍ରୀତିକର ଘଟଣା ଘଟିଥିଲା । ଅସଦାଚରଣ ଘଟାଇଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ସ୍ଥାନୀୟ ଲୋକମାନେ ଥାନା ଘେରାଉ କରି ପ୍ରତିବାଦ କରୁଥିବା ବେଳେ, ସାଧାରଣ ଜନତାଙ୍କ ଉପରେ ବର୍ବରୋଚିତ ଭାବେ ପୋଲିସ ଆକ୍ରମଣ କରିଥିଲା । ଏହି ଘଟଣାକୁ ନେଇ ବିଜୁ ଜନତା ଦଳ ମିଳିତ ଆଦିବାସୀ ମଞ୍ଚ ଦ୍ୱାରା ଚାଲୁଥିବା ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛି । ଡ଼ ପ୍ରିୟବ୍ରତ ମାଝୀ କହିଥିଲେ, ପୋଲିସର ନିଷ୍କ୍ରିୟତାକୁ ଆମେ ଦୃଢ଼ ଭାବେ ନିନ୍ଦା କରୁଛୁ । ବିଶେଷକରି ୧୪ ବର୍ଷୀୟା ଆଦିବାସୀ ବାଳିକାଙ୍କ ସହ ହୋଇଥିବା ଗୁରୁତର ଅପରାଧ ମାମଲାରେ ପୋଲିସର ବ୍ୟାପକ ଅବହେଳା ପାଇଁ ସାଧାରଣ ଜନତାଙ୍କ ଭରସା ପୋଲିସ୍ ଉପରୁ ଉଠିଯାଉଛି । ଏହି ଘଟଣାରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବିଜୁ ଜନତା ଦଳ ଦାବି କରୁଛି ।

## ସୋନୋଲଜିଷ୍ଟ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

କଟକ, (ସବ୍ୟୁ) : ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସୋନୋଲୋଜି କ୍ଷେତ୍ରରେ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ, ଯିଏ ଓଡ଼ିଶା ଏବଂ ସମଗ୍ର ଭାରତରେ ଚିକିତ୍ସା ନିର୍ଣ୍ଣୟକୁ ଆଗକୁ ବଢ଼ାଇବା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ । ଅଲଟ୍ରାସାଉଣ୍ଡରେ ତାଙ୍କର ଗଭୀର ଜ୍ଞାନ ଏବଂ ରୋଗୀ ସେବା ପ୍ରତି ଅଟଳ ପ୍ରତିବଦ୍ଧତା ସହିତ, ସେ ଚିକିତ୍ସା ସମାଜର ଅନେକଙ୍କ ପାଇଁ ଏକ ମାର୍ଗଦର୍ଶକ ପାଲଟିଥିଲେ । ଯେତେବେଳେ ସୋନୋଲୋଜି ବା ଅଲଟ୍ରାସାଉଣ୍ଡ ବିକଶିତ ହେଉଥିଲା, ସେ ଏହାର ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆଧୁନିକ ରୋଗ ନିର୍ଣ୍ଣୟ ପଦ୍ଧତିକୁ ଲୋକଙ୍କ ନିକଟତର କରିବା ଏବଂ ଏହି ପଥରେ ଅଗଣିତ ବୃତ୍ତିଗତମାନଙ୍କୁ ପରାମର୍ଶ ଦେଉଥିଲେ । ତାଙ୍କର ଅବଦାନ କେବଳ ସ୍ୱାସ୍ଥ୍ୟସେବାର ମାନକୁ ଉନ୍ନତ କରିନଥିଲା ବରଂ ଏକ ପିଢ଼ିକୁ କରୁଣା ଏବଂ ସାଧୁତାର ସହିତ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଦେଇଥିଲା । ୯ ମାର୍ଚ୍ଚ ୨୦୨୬ ରେ ତାଙ୍କର ଦେହାନ୍ତ ଜଣେ ଅଗ୍ରଣୀ, ଜଣେ ପରାମର୍ଶଦାତା ଏବଂ ଜଣେ ମହାନ ଆତ୍ମାର କ୍ଷତି । ଯଦିଓ ସେ ଆଉ ଆମ ମଧ୍ୟରେ ନାହାଁନ୍ତି, ତାଙ୍କର ଐତିହ୍ୟ ସେ ସ୍ପର୍ଶ କରିଥିବା ପ୍ରତ୍ୟେକ ଜୀବନରେ ଏବଂ ସେ ଯେଉଁ ପ୍ରତ୍ୟେକ ପଥ ଗଠନ କରିବାରେ ସାହାଯ୍ୟ କରିଥିଲେ ସେଥିରେ ବଞ୍ଚି ରହିବ ବୋଲି ତାଙ୍କର ବହୁ ଶୁଭେଚ୍ଛୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି ।

# ମାଟିତୋଟା ମୌଜାରେ ଥିବା ଭୁସମ୍ପତ୍ତି ଜବର ଦଖଲରେ

## ୨ ଜଣଙ୍କ ନାମରେ ଏତଲା

ପୁରୀ, (ସବ୍ୟୁ) : ପୁରୀ ସଦର ତହସିଲ ଅଧିନ ମାଟିତୋଟା ମୌଜାରେ ରହିଛି ବହୁ ମୂଲ୍ୟବାନ ଭୂସମ୍ପତ୍ତି । ଯାହାର ସରକାରୀ ରେକର୍ଡ ମୁତାବକ ଖାତା ନମ୍ବର ୩୮ ରେ ମାଲିକାନା ସତ୍ବ ରହିଛି ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀ କ୍ଷେତ୍ର ମାର୍ଫତ ପରିଚାଳନା କମିଟି ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀ । ଉକ୍ତ ଖାତାରେ ରହିଛି ମୋଟ ୧୦୯ ଗୋଟି ପ୍ଲଟ ଓ ୬୪ ଏକର ୮୮୪୦ ଡିସିମିଲ ପରିମାଣ ଭୂସମ୍ପତ୍ତି । ସେଠାରେ ରହିଛି ମହାବୀର ଜନ ସେବା ସଂଘ ନାମରେ ଏକ କ୍ଲବ୍ । ଯାହାକୁ ବେଆଇନ ଭାବେ ଦଖଲ କରି ବିଭିନ୍ନ ଲୋକଙ୍କୁ ଶାଗ ମାଛ ଦରରେ ବିକ୍ରୟ କରି ମୋଟା ଅଙ୍କର ଅର୍ଥ ହଡପ କରିଛନ୍ତି କ୍ଲବର କର୍ମକର୍ତ୍ତା ତଥା ସଭାପତି । ଯାହା ଫଳରେ ସେଠାରେ ବେଆଇନ ଭାବରେ ଜବର ଦଖଲ ଗଢି ଉଠିଛି ଶହ ଶହ ଆବାସିକ କୋଠା ଗୃହ । ଦୀର୍ଘ ଦିନ ଧରି ଗୃହ କରି ନିଜ ପରିବାର ଧରି ରହି ଆସୁଛନ୍ତି ଶହ ଶହ ବ୍ୟକ୍ତି । ପୁରୀ ବିଦ୍ୟୁତ୍ ବିଭାଗ ଓ ୱାଟକୋ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୃହ ନିର୍ମାଣ କରିଥିବା ଲୋକଙ୍କୁ ଯୋଗାଇ ଦିଆ ଯାଇଛି ବିଦ୍ୟୁତ୍ ଆଲୋକ ଓ ପାନୀୟ ଜଳ ସଂଯୋଗ । ତେବେ ଗତ କିଛି ଦିନ ତଳେ ଶ୍ରୀ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ନିଦ ଭାଙ୍ଗିଛି । ଆଇନକୁ ଆଖି ଠାର ମାରିବା ପାଇଁ ସେଠାରେ ଘର କରି ରହୁ ଥିବା ୪ /୫ ଜଣ ଲୋକଙ୍କ ଘରକୁ ସଂଯୋଗ ହୋଇ ଥିବା



ବିଦ୍ୟୁତ୍ ଓ ପାନୀୟ ଜଳକୁ ବିଚ୍ଛିନ୍ନ କରା ଯାଇଛି । କେବଳ ସେତିକି ନୁହେଁ ଶହ ଶହ ଲୋକ ଉକ୍ତ ଭୁ ସମ୍ପତି ଉପରେ ବେଆଇନ ଭାବେ କବଜା କରି ଗୃହ ନିର୍ମାଣ କରି ରହୁ ଥିବା ବେଳେ ୨/୩ ତିନି ଜଣଙ୍କ ନାମରେ ବାସେଲୀ ସାହି ଥାନାରେ ଶ୍ରୀ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ଏତଲା ଦାଏର କରା ଯାଇଛି । ସେମାନଙ୍କୁ ଉକ୍ତ ଭୁ ସମ୍ପତ୍ତିରୁ ଉଚ୍ଛେଦ କରିବା ପାଇଁ ପୁରୀ ତହସିଲଦାରଙ୍କୁ ଆଇନ ଅନୁଯାୟୀ ଏନକ୍ରୋଚ୍‌ମେଣ୍ଟ କେଶ ରୁଜୁ କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପତ୍ର ଲେଖା ଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଉକ୍ତ ଭୂସମ୍ପତ୍ତି ଉପରେ ଶହ ଶହ ଲୋକ ବେଆଇନ ଭାବେ ଗୃହ ନିର୍ମାଣ କରିଛନ୍ତି । ତେବେ ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ସେମାନଙ୍କ ଜଳ ଓ ବିଦ୍ୟୁତ ସଂଯୋଗ କାହିଁକି ବିଚ୍ଛିନ୍ନ କରା ଯାଇ ନାହିଁ । ସେମାନଙ୍କ ବିରୋଧରେ କାହିଁକି ଏତଲା ଦାୟର କରା ଯାଇ ନାହିଁ । କେବଳ ନିର୍ଦ୍ଦିଷ୍ଟ ଚାରି ପାଞ୍ଚ ଜଣ ବ୍ୟକ୍ତିଙ୍କ ପାନୀୟ ଜଳ ସଂଯୋଗ ଓ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରା ଯାଇଛି । ସମସ୍ତ ବେଆଇନ ଭାବେ ଦଖଲ କରି ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହୋଇ ଥିବା ବେଳେ ନିର୍ଦ୍ଦିଷ୍ଟ କିଛି ଲୋକଙ୍କୁ କାହିଁକି ଟାର୍ଗେଟ କରା ଯାଇଛି ବୋଲି ବିଭିନ୍ନ ବୁଦ୍ଧି ଜୀବି ମହଲରେ ଦାବୀ ହୋଇଛି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇ ମହାପ୍ରଭୁଙ୍କ ଭୂସମ୍ପତ୍ତିକୁ ଦଖଲ କରି ଗୃହ ନିର୍ମାଣ କରି ଥିବା ସମସ୍ତ ଜବର ଦଖଲକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉ । ସମସ୍ତ ବେଆଇନ ଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଉଚ୍ଛେଦ କରାଯାଉ ବୋଲି ମଧ୍ୟ ଦାବି ହୋଇଛି ।

## ଏସିଆନ ପେଣ୍ଟସ୍‌ର ଡାମ୍ପ ପ୍ରୁଫ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ବାସଗୃହଗୁଡିକ ଦୁଇଟି କଷ୍ଟକର ଋତୁକୁ ପ୍ରତିବର୍ଷ ସାମନା କରନ୍ତି, ତାହା ହେଉଛି ଜୋରଦାର ମୌସୁମୀ ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ଉତ୍ତାପ । ତଥାପି ଅନେକ ବାସଗୃହମାଲିକ ସାମୟିକ ସମାଧାନ ଏବଂ ଭରସାଯୋଗ ହୋଇନଥିବା ୱାଟରପ୍ରୁଫିଙ୍ଗ ସମାଧାନଗୁଡିକ ଉପରେ ସେମାନଙ୍କ ଟେରାସ ଏବଂ ଛାତକୁ ସୁରକ୍ଷା ଦେବା ନିମନ୍ତେ ଭରସା କରିଥାନ୍ତି । ଏହାର ଅଧୁନାତମ ପ୍ରଚାର ଅଭିଯାନ ସହିତ ଏସିଆନ ପେଣ୍ଟସ୍ ଡାମ୍ପ ପ୍ରୁଫ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଦୃଷ୍ଟିନିବଦ୍ଧ କରୁଛି: ତାହା ହେଉଛି ସମସ୍ତ ୱାଟରପ୍ରଫିଙ୍ଗ ସମାନ ନୁହେଁ । ୧୩ବର୍ଷରୁ ଅଧିକ କାଳ ଧରି ଏସିଆନ ପେଣ୍ଟସ୍ ଡାମ୍ପ ପ୍ରୁଫ ବାସଗୃହ ମାଲିକମାନଙ୍କୁ ସେମାନଙ୍କ ବାସଗୃହଗୁଡ଼ିକୁ ପାଣି ଝରିବା ଏବଂ ପ୍ରତିକୂଳ ପାଗ ପରିସ୍ଥିତିରେ ସୁରକ୍ଷା ଦେବାରେ ସହାୟତା କରିଆସୁଛି । ଏହି ସମାଧାନ ଏକ ମୋଟା ୱାଟର ପ୍ରୁଫିଙ୍ଗ ଆସ୍ତରଣ ସୃଷ୍ଟି କରିଥାଏ ଯାହା କାନ୍ଥରେ ଭେଦ କରିବାକୁ ରୋକିଥାଏ ଏବଂ ଭାରତର ପ୍ରତିକୂଳ ଜଳବାୟୁରେ ଦୀର୍ଘସ୍ଥାୟୀ ସୁରକ୍ଷା ପ୍ରଦାନ କରିଥାଏ । ବ୍ରାଣ୍ଡର ସଦ୍ୟତମ ଚଳଚ୍ଚିତ୍ରରେ ରଣବୀର କପୁର ଏବଂ ସୌରଭ ଶୁକ୍ଳା ସ୍ଥାନ ପାଇଥିବାବେଳେ ଏହା ବୁଦ୍ଧିମାନ, ମଜାଦାର ତଥା ତୀବ୍ର ବାକ ବିନିମୟ ହେଉଥିବା ଜୀବନ୍ତ କାହାଣୀ ବର୍ଣ୍ଣନା କରୁଛି ।

## "ଲୀଳାବତୀଙ୍କ ଶତେକ କନ୍ୟା' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ବିଜ୍ଞାନ ଏକାଡେମି, ବେଙ୍ଗାଲୁରୁ ଦ୍ୱାରା ପ୍ରକାଶିତ "ଲୀଳାବତୀଙ୍କ ଶତେକ କନ୍ୟା ଭାରତର ମହିଳା ବୈଜ୍ଞାନିକ' ପୁସ୍ତକ ବୁଧବାର



ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ପ୍ରଖ୍ୟାତ ବୈଜ୍ଞାନିକ ପଦ୍ମଶ୍ରୀ ରୋହିଣୀ ଗଡବୋଲେ ଓ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ସଂପାଦିତ ଇଂରାଜୀ ପୁସ୍ତକ ଲୀଳାବତୀଜ ଡଟର୍ସ (ଏଲ୍‌ଡି) ର ପୁସ୍ତକକୁ ଓଡିଆରେ ଅନୁବାଦ କରିଛନ୍ତି ସୋଆରେ କାର୍ଯ୍ୟରତ ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ଡ. ଦୀପକ କୁମାର ପଟ୍ଟନାୟକ । ଉନ୍ମୋଚନ ସମୟରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଫେସର ଶର୍ମା ପୁସ୍ତକ ବିଷୟରେ ଟିପ୍ପଣୀ ଦେଇ କହିଥିଲେ ଯେ ଏହି ପୁସ୍ତକରେ ଶହେ ଜଣ ଭାରତୀୟ ନାରୀ ବିଜ୍ଞାନୀମାନଙ୍କ ଜୀବନୀକୁ ସତ୍ୟନିଷ୍ଠ ଭାବେ ସ୍ଥାନୀତ କରାଯାଇଛି । ଏହି ଶହେଟି ପ୍ରବନ୍ଧ (କିଛି ଜୀବନୀ ଆଧାରିତ)ରେ ଭାରତରେ ଜଣେ ନାରୀ ବିଜ୍ଞାନୀ ହେବା ପାଇଁ କିପରି ସମର୍ପଣ ଓ ଶକ୍ତି ଆବଶ୍ୟକ କରେ ତାହା ଦର୍ଶାଇଛି ।

## କୋକ୍ ଷ୍ଟୁଡ଼ିଓ ଚତୁର୍ଥ ସିଜିନ କଳାକାର ତାଲିକା ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ଷ୍ଟ୍ରିମିଙ୍ଗ ଦୃଶ୍ୟମାନତାକୁ ନୂଆ ରୂପ ଦେବାର ତିନୋଟି ସଫଳ ସିଜିନ ପରେ, କୋକ୍ ଷ୍ଟୁଡ଼ିଓ ଭାରତ ଏହାର ସିଜିନ ୪ ସହିତ ଫେରିଛି । ଆଞ୍ଚଳିକ ଧ୍ୱନୀ ଏବଂ ପରମ୍ପରାକୁ ନୂତନ ରୂପ ଦେବା ପାଇଁ ସମଗ୍ର ଭାରତ ବର୍ଷର କଳାକାର ମାନଙ୍କୁ ଏକାଠି କରିବା ନିମନ୍ତେ ପରିଚିତ ଏହି ସ୍ଥାନୀୟ ମାଟିର ଆହୁରି ଗଭୀରକୁ ନେଇଯାଉଛି । ଚଳିତ ବର୍ଷ କଳାକାର ତାଲିକାରେ ଆଦିତ୍ୟ ରିଖାରୀ, କୁଲଟେ ଖାନ୍, ରାଭାଟୋର, ଫହିମ ଅବଦୁଲା, ଅର୍ସଲାନ ନିଜାମୀ, ମଧୁର ଶର୍ମା, ଅଶୋକ ମସ୍ତୀମ, ବୈଭବ ପାଣି, ମହୀଦ ଫୈଜ, ମାମେ ଖାନ, ଖ୍ୱାବ, ଉପିଲ ଉଦିତ ଏବଂ ରେଖା ଭରଦ୍ୱାଜ



ମଞ୍ଚ, ଚଳିତ ବର୍ଷ ଭାଗ ନେବାକୁ ଥିବା କଳାକାର ମାନଙ୍କ ନାମ ପ୍ରକାଶ କରି ଦି ଲିଷ୍ଟ ସହିତ ନୂତନ ସିରିଜ ଆରମ୍ଭ କରୁଛି । ଯଦି ସିଜିନ ୩ ଦର୍ଶକଙ୍କୁ ଅର୍ଜ କିୟା ହେଁ, ଏକ ଭାରତ କବିତା ସଂସ୍କୃତିର ଆଧୁନିକ ବ୍ୟାଖ୍ୟା ଯାହାକି ଭାରତୀୟ ସଙ୍ଗୀତର ଚାଟରେ ଶୀର୍ଷରେ ଥିଲା ଏବଂ ହୋଲି ଆୟୀରେ ପରି ପାର୍ବଣ ପାଇଁ ପ୍ରସ୍ତୁତ ଗୀତ ଭେଟି ଦେଇଥିଲା, ତେବେ ସିଜିନ ୪ ଏହି ଆଲୋଚନା ଏବଂ ସଙ୍ଗୀତମୟ ଯାତ୍ରାକୁ ଭାରତର ସାମିଲ ଅଛନ୍ତି । ଏହି ସିଜିନର ମୁଖ୍ୟ ବିଶେଷତ୍ୱ ହେଉଛି ଏହାର ପରିସର ଏବଂ ବିବିଧତା । ଏହା ଭାରତର ଜୀବନ୍ତ ସାଂସ୍କୃତିକ ପରମ୍ପରା ଏବଂ ସାଙ୍ଗୀତିକ ଅଭ୍ୟାସରୁ ଗଭୀର ପ୍ରେରିତ ହୋଇଛି ଯେଉଁଥିରେ ରାଜସ୍ଥାନୀ ଲୋକ ପରମ୍ପରା, କାଶ୍ମୀରର କଥନ ଶୈଳୀ, ବନାରସ ମାଟିର କାହାଣୀ, ପଞ୍ଜାବର ସୁଫୀ ପରମ୍ପରା ଏବଂ ଆଧୁନିକ ପ୍ରେମ ଉପରେ ଏକ ସମସାମୟିକ ଦୃଷ୍ଟିକୋଣ ସାମିଲ କରିଛି ।

## ଜୟଦେବରେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ

ବାଲିପାଟଣା ,(ସବ୍ୟୁ): ରାଜ୍ୟସଭା ନିର୍ବାଚନକୁ କେନ୍ଦ୍ର କରି ଜୟଦେବ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉତ୍ତେଜନା ଦେଖାଦେଇ ବିଜେଡି କର୍ମୀ ମାନେ କ୍ରସ ଭୋଟିଂ କରିଥିବା ଜୟଦେବ ବିଧାୟକ ନବକିଶୋର ମଲ୍ଲିକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି । ପୂର୍ବତନ ବ୍ଲକ ସଭାପତି ପ୍ରତାପ କେଶରୀ ନାୟକ,ପୂର୍ବତନ ଚେୟାରମେନ ତ୍ରିବିକ୍ରମ ଦାଶ,ପୂର୍ବତନ ସରପଞ୍ଚ ବିନୋଦ ନାୟକ,ଯୁବନେତା ସଂଦିପ୍ତ ସେନାପତି,ସୋଲାର ମିଶ୍ର ଙ୍କ ନେତୃତ୍ୱରେ ବାଲିପାଟଣା ଛକ ଠାରେ କୁଶ ପୁତ୍ତଳିକା ଦାହ ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଘଟଣା ନେଇ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ଚାଲିଛି । ତେବେ, ଏହି ଅଭିଯୋଗ ସମ୍ପର୍କରେ ନବକିଶୋର ମଲ୍ଲିକଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ । ଆଗାମୀ ଦିନରେ ଦଳ ନେତୃତ୍ୱ କଣ ପଦକ୍ଷେପ ନେବେ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିଛି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଦଳୀୟ ନେତା ଶିବ ପ୍ରସାଦ ଦାସ,ମାନସ ପଣ୍ଡା,ଜାକିର ହୁସେନ,ସତ୍ୟପ୍ରିୟ ସେଠୀ,ଜଗନ୍ନାଥ ପଣ୍ଡା,ବ୍ରହ୍ମାନନ୍ଦ ପ୍ରଧାନ, ସତ୍ୟଜି ରାୟ,ଶରତ ଲେଙ୍କା,ଅଲେଖ ପ୍ରଧାନ ପ୍ରମୁଖ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ ।

## ହୋଣ୍ଡା କାରର୍ସ ଇଣ୍ଡିଆ ପକ୍ଷରୁ ସର୍ବଭାରତୀୟ ଟେଷ୍ଟ ରନ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ପ୍ରିମିୟମ କାର୍‌ର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ), ଏହାର ଆଗାମୀ ବ୍ୟାଟେରୀ ଇଲେକ୍ଟ୍ରିକ ଭେଇକିଲ (ବିଇଭି) ଏସୟୁଭିର ପ୍ରଥମ ସର୍ବଭାରତୀୟ ଉନ୍ମୋଚନ କରାଯାଇଥିଲା । ଏହି ଟେଷ୍ଟିଙ୍ଗ ପ୍ରୋଗ୍ରାମ ଜାତୀୟ ରାଜପଥ, ସହରାଂଚଳ ରାସ୍ତା ଓ ଆହ୍ୱାନପୂର୍ଣ୍ଣ ଭୂଭାଗ ସମେତ ଭାରତୀୟ ଚାଳନା ସ୍ଥିତିର ଏକ ବିସ୍ତୃତ ଶୃଙ୍ଖଳାରେ ଏହି ଯାନକୁ ମୂଲ୍ୟାୟନ କରିବ ।




ସ୍ତରୀୟ ଟେଷ୍ଟ ରନ୍‌ର ଆରମ୍ଭ କରିଛି । ଏହା ହୋଣ୍ଡାର ଇଲେକ୍ଟ୍ରିକ ମୋବିଲିଟି ଯାତ୍ରାରେ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ନୂଆ ଇଲେକ୍ଟ୍ରିକ ଏସୟୁଭିର ଭବିଷ୍ୟତ ଉନ୍ମୋଚନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବିଶ୍ୱବ୍ୟାପୀ ହୋଣ୍ଡା ଜିରୋ ଆଲଫା ଭାବେ ପରିଚିତ ଏହି ମଡେଲର ପ୍ରୋଟୋଟାଇପକୁ ଜାପାନ ମୋବିଲିଟି ଶୋ ୨୦୨୫ରେ ସ୍ଥାୟିତ୍ୱ, ପରିଚାଳନା, ଚାଳନା ଆରାମ, ଦକ୍ଷତା ଓ ସାମଗ୍ରିକ ନିର୍ଭରଯୋଗ୍ୟତା ଭଳି କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି । ଏହି ଯାନ ଅତ୍ୟଧିକ ଉତାପ ଓ ମୌସୁମୀ ଋତୁ ସ୍ଥିତିରେ ମଧ୍ୟ ପରୀକ୍ଷଣର ସମ୍ମୁଖୀନ ହେବ ଏବଂ ଦୈନନ୍ଦିନ ଉପଯୋଗିତା ନିଶ୍ଚିତ କରିବା ପାଇଁ ବିଭିନ୍ନ ପ୍ରକାରର ଚାର୍ଜିଙ୍ଗ ଭିତିଭୂମିରେ ଏହାର ଚାର୍ଜିଙ୍ଗ ପ୍ରଦର୍ଶନକୁ ମୂଲ୍ୟାୟନ କରାଯିବ ।

## ଦୁର୍ଘଟଣା : ଜଣେ ମୃତ , ଜଣେ ଆହତ

ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ସାତଶଂଖ ଫାଣ୍ଡି ଅନ୍ତର୍ଗତ ଯଶୁଆ ପୁର ଛକ ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୭ ଟା ସମୟରେ ଏକ ଦୁର୍ଘଟଣା ଘଟି ଜଣେ ମୃତ୍ୟୁ ବରଣ କରିଥିଲା ବେଳେ ଜଣେ ଆହତ ହୋଇଛନ୍ତି । ଭୁବନେଶ୍ୱରରୁ ପୁରୀ ଆସୁଥିବା ଏକ ବାଇକ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ଯଶୁଆ ପୁର ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ଗଞ୍ଜାମ ଜିଲ୍ଲା ଛତ୍ର ପୁରର ମାନସ ଦାସ ୬୪ ଓ ଭୁବନେଶ୍ୱର ଲିଙ୍ଗ ପୁରର ଦୁର୍ଗା ଦାସ ୧୫ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ ଆହତ ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମାନସ ଦାସଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଗା ଦାସ ଚିକିତ୍ସିତ ହେଉଛନ୍ତି । ଏହି ଦୁର୍ଘଟଣା ସମ୍ପର୍କରେ ସାତଶଂଖ ଫାଣ୍ଡିକୁ ସୂଚନା ପ୍ରଦାନ କରାଯାଇଅଛି ବୋଲି ସତ୍ୟବାଦୀ ଥାନା ଆଇ ଆଇ ସି ସୌମ୍ୟ ରଞ୍ଜନ ମହାଳିକ ସୂଚନା ଦେଇଛନ୍ତି ।

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ

# ୫୫ତମ ଜାତୀୟ ସୁରକ୍ଷା ମାସ ପାଳନ

ଭୁବନେଶ୍ୱର, (ସବ୍ୟୁ) : ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ କର୍ମକ୍ଷେତ୍ର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସହଭାଗୀ ଦାୟିତ୍ୱର ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ସଂରଚିତ ଏବଂ ଆକର୍ଷଣୀୟ ପଦକ୍ଷେପ ମାଧ୍ୟମରେ ୫୫ତମ ଜାତୀୟ ସୁରକ୍ଷା ମାସ ପାଳନ କରିଛି । ଏହି ବର୍ଷର ବିଷୟ ବସ୍ତୁ, ଶିକ୍ଷିତ, ନିୟୋଜିତ ଏବଂ ସୁରକ୍ଷା ବୃଦ୍ଧି କରିବାକୁ ସଶକ୍ତ କରନ୍ତୁ ସହିତ ସଂଲଗ୍ନ, ଏହି ମାସବ୍ୟାପୀ ଅଭିଯାନ ବର୍ଦ୍ଧିତ ଅଂଶଗ୍ରହଣ ଏବଂ ସକ୍ରିୟ ବିପଦ ପରିଚାଳନା ମାଧ୍ୟମରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛି । ଉଦଘାଟନ ଉତ୍ସବରେ କମ୍ପାନୀ କର୍ମଚାରୀ



ଏବଂ ବ୍ୟବସାୟିକ ଅଂଶୀଦାରଙ୍କ ସମେତବରିଷ୍ଠ ସରକାରୀ ଅଧିକାରୀ - ସ୍ୱରୂପ ଜେନା, ଡେପୁଟି ଡାଇରେକ୍ଟର, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ (ଡିଡିଏଫବି) ଏବଂ ଅର୍ଚ୍ଚନା ଦାସ, ସହକାରୀ ଡାଇରେକ୍ଟର, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ (ଏଡିଏଫବି) ପ୍ରମୁଖ ଉପସ୍ଥିତ ଥିଲେ । ମାସ ସାରା, ସୁରକ୍ଷା କୀ ଅଦାଲତ ଏବଂ କୌନ ବନେଗା ସୁରକ୍ଷା ଚାମ୍ପିଅନ ଭଳି ଅନେକ ଆକର୍ଷଣୀୟ ପଦକ୍ଷେପ ଆରମ୍ଭ କରାଯାଇଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ସୁରକ୍ଷା ବାର୍ତ୍ତା ପ୍ରସାର କରିବା । ଏହା ସହିତ, ଭିଜୁଆଲ୍ କାହାଣୀ କହିବା ବ୍ୟବହାର କରି ନୁକ୍କଡ୍ ନାଟକ ଏବଂ ସୁରକ୍ଷା ସାରଣୀ କାର୍ଯ୍ୟଗୁଡ଼ିକରେ ନିରାପଦ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିଛି । ଏକତ୍ର, ଏହି ପ୍ଲାଟଫର୍ମଗୁଡ଼ିକ ଖୋଲା ଆଲୋଚନାକୁ ଉତ୍ସାହିତ କରିବା, ଦାୟିତ୍ୱକୁ ସୁଦୃଢ଼ କରିବା ଏବଂ ବ୍ୟବହାରିକ ଏବଂ ଇଂଟରାକଟିଭ୍ ଫର୍ମାଟ୍ ମାଧ୍ୟମରେ ସୁରକ୍ଷା ଅଭ୍ୟାସଗୁଡ଼ିକର ବୁଝାମଣାକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି । ପଦକ୍ଷେପଗୁଡ଼ିକର ପ୍ରଭାବ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡ଼ାର ସିଇଓ ଶ୍ରୀ ସି ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡ଼ାରେ, ସୁରକ୍ଷା ଏକ ମୂଳ ମୂଲ୍ୟ ଯାହା ଆମର କାର୍ଯ୍ୟର ପ୍ରତ୍ୟେକ ଦିଗକୁ ମାର୍ଗଦର୍ଶନ କରେ । ନିରନ୍ତର ସଚେତନତା ପ୍ରୟାସ, ନୂତନତମ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ସକ୍ରିୟ କର୍ମଚାରୀ ନିୟୋଜିତତା ମାଧ୍ୟମରେ, ଆମେ ଏକ ସଂସ୍କୃତି ନିର୍ମାଣ କରୁଛୁ ଯେଉଁଠାରେ ସୁରକ୍ଷା ଦୈନନ୍ଦିନ କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଯାଏ । ଉଦଘାଟନୀ ଅଧିବେଶନରେ ଉଦବୋଧନ ଦେଇ ଏଡିଏଫବିର ଅର୍ଚ୍ଚନା ଦାସ କହିଛନ୍ତି, ସୁରକ୍ଷା ଏକ ମିଳିତ ଦାୟିତ୍ୱ ଯାହା ଆମେ ନେଉଥିବା ପ୍ରତ୍ୟେକ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ ।

## ବିଦ୍ୟୁତ ବିଭାଗର ଲୋକ ଅଦାଲତ

ବାରଙ୍ଗ , (ସବ୍ୟୁ) :ଗୋଡିସାହି ବିଦ୍ୟୁତ ବିଭାଗ ତରଫରୁ ଶନିବାର ଦିନ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଏହି ଲୋକ ଅଦାଲତରେ ମୋଟ ୩୮ ଜଣ ଗ୍ରାହାକ ସାମିଲ ହୋଇଥିଲେ । ଏହି ଅଦାଲତରେ ଗ୍ରାହାକମାନଙ୍କର ବକେୟା ରାଶି, ମିଟର ଟାମ୍ପିରିଙ୍ଗ ଭଳି ଅନେକ ଅଭିଯୋଗର ଶୁଣାଣି କରାଯାଇଥିଲା । ଏଥିରେ ଗ୍ରାହକମାନଙ୍କର ଅଭିଯୋଗର ଶୁଣାଣି କରାଯାଇ କିଛି ଟଙ୍କା ଛାଡ ମଧ୍ୟ କରାଯାଇଥିଲା । ବକେୟା ଅର୍ଥ ଗ୍ରାହକମାନେ ପଇଠ କରିଥିଲେ । ଶନିବାର ଏହି ଲୋକ ଅଦାଲତରେ ପ୍ରାୟ ୫ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଦାଲତର ମୁଖ୍ୟ ଭାବରେ ନିର୍ବାହି ଯନ୍ତ୍ରୀ ଶୁଭକାନ୍ତ ତ୍ରିପାଠୀ ଯୋଗଦେଇ ଗ୍ରାହକ ମାନଙ୍କର ବିଚାର ଶୁଣିଥିଲେ । ସହକାରୀ ଯନ୍ତ୍ରୀ ସୂର୍ଯ୍ୟପ୍ରକାଶ ବେଉରା, ଏସଡ଼ିଓ ବାସୁଦେବ ପଣ୍ଡାଙ୍କ ସହ ବିଭାଗର ସମସ୍ତ କ୍ରମଚାରୀ ଉପସ୍ଥିତ ରହିଥିଲେ ।



# ଇଡି ଚଢ଼ାଉରେ ମମତାଙ୍କ ହସ୍ତକ୍ଷେପକୁ ନାପସନ୍ଦ





ନୂଆଦିଲ୍ଲୀ : ଆଇପ୍ୟାକ୍ ଅଫିସରେ ଇଡି ଚଢ଼ାଉ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଧଶେଇ ପସିବା ଘଟଣାକୁ ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି । କୌଣସି ପ୍ରତିକାର ନକରି ଇଡି ଆସୁ ବୋଲି ମମତା ଚାହିଁଥିଲେ କି ସୁପ୍ରିମକୋର୍ଟ କହିବା ସହ ଏହା ଆଦୌ ସୁଖଦ ସ୍ଥିତି ନୁହେଁ ବୋଲି ମତ ରଖିଛନ୍ତି ।

ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି ଯେ, ଏଭଳି ଅସ୍ୱାଭାବିକ ଘଟଣା କେନ୍ଦ୍ରୀୟ ସଂସ୍ଥା କୋଣ ବିନା କୌଣସି କାର୍ଯ୍ୟରେ ଫେରିବା ପରେ ହୋଇଥିଲା କି ? ଯଦି କୌଣସି ଅନ୍ୟ ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ଏଭଳି ପରିସ୍ଥିତି ସୃଷ୍ଟି କଲେ କଣ ହେବ । ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଏନଭି ଅଞ୍ଜେରା ପ୍ରବର୍ତ୍ତନ ନିର୍ଦ୍ଦେଶଳୟର ଏହି ମାମଲାର ଶୁଣାଣି କରିଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉରେ ବାଧା ସୃଷ୍ଟି କରାଯାଇଥିବା ଅଭିଯୋଗରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଇଡି ଅଭିଯୋଗ କରିଥିଲା ଯେ, ମମତା ଆଇପ୍ୟାକର ଅଧିକାରୀ ପ୍ରତୀକ ଜୈନଙ୍କ ଘରୁ ଲ୍ୟାପଟପ ଓ ଫୋନ ନେଇ ଯାଇଥିଲେ । ଏହା କ୍ଷମତାର ଅପବ୍ୟବହାର । ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ ଏତଲା କରାଯାଉ ବୋଲି ଇଡି ପକ୍ଷରୁ କୁହାଯାଇଛି । ପଶ୍ଚିମବଙ୍ଗ ପକ୍ଷରୁ ପକ୍ଷ ରଖି ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ କହିଥିଲେ ଯେ, କୌଣସି କେନ୍ଦ୍ର ସରକାରଙ୍କର କୌଣସି ସଂସ୍ଥା ରାଜ୍ୟ ସରକାରଙ୍କ ବିରୋଧରେ ଏଭଳି ଆବେଦନ କରିବା ସଂଶୋଧିତ ଢ଼ାଞ୍ଚା ପ୍ରତି ବିପଦଜନକ । ସିବରେ, ନ୍ୟାରୋକୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଯଦି ଗୁରୁତ୍ୱପୂର୍ଣ୍ଣ ଜାଲ ତଦନ୍ତ କରନ୍ତି ରାଜ୍ୟ ସରକାର ଏହାକୁ ପ୍ରତିରୋଧ କରିବାର କୌଣସି ଅଧିକାର ନାହିଁ । ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଅନ୍ୟ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବେ ତା'ହେଲେ ଆଗକୁ କଣ ହେବ । ଇଡିକୁ ବିନା କୌଣସି ଉପଚାରର ସେମିତି ଛାଡି ଦେବା କି । ଦରକାର ପଡିଲେ ଏପରି ସ୍ଥିତିର ମୁକାବିଲା ପାଇଁ ଏସଓପି ଜାରି କରାଯାଇପାରି । ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୨୪ରେ ହେବ ବୋଲି କୋର୍ଟ କହିଛନ୍ତି ।

# ଇରାନ ସୁରକ୍ଷା ମୁଖ୍ୟ ନିହତ

## ମଧ୍ୟପ୍ରାଚ୍ୟ ଯୁଦ୍ଧ



ନୂଆଦିଲ୍ଲୀ : ଇରାନର ସୁରକ୍ଷା ମୁଖ୍ୟ ଅଲ୍ଲୀ ଲାରିଜାନୀ ପ୍ରାଣ ହରାଇଛନ୍ତି । ନିଜ ଝିଅ ଘରେ ଥିଲା ବେଳେ ଇସ୍ରାଏଲ ପକ୍ଷରୁ ହୋଇଥିବା ଆକ୍ରମଣରେ ତାଙ୍କର ଜୀବନହାନୀ ଘଟିଛି । ଇରାନର ସୁରକ୍ଷା ନୀତିର ସେ ମୁଖ୍ୟ ସ୍ଥପତି ଥିଲେ । ତାଙ୍କର ମୃତ୍ୟୁ ଇରାନ ପାଇଁ ଏକ ଧକ୍କା ବୋଲି କୁହାଯାଉଛି । ଏହାପରେ ଇରାନ ସହିଦ ଜଲିଲଙ୍କୁ ଜାତୀୟ ସୁରକ୍ଷାର ମୁଖ୍ୟ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଫେବୃଆରୀ ୨୮ରେ ଇରାନର ସୁପ୍ରିମ୍ ନେତା ଅଲ୍ଲୀ ଖାମନେଇ ମୃତ୍ୟୁବରଣ କରିଥିଲେ । ଖାମନେଇଙ୍କର ଡାହାଣ ହାତ କୁହାଯାଉଥିବା ତାଙ୍କ ପୁଅ ମୋଜୋ ତୋବା ପରବର୍ତ୍ତୀ ମୁଖ୍ୟ ହୋଇଥିଲେ । ମୃତ୍ୟୁବରଣ କରିଥିବା ଲାରି ଜାନୀ ଇରାନର ଆଭ୍ୟନ୍ତରିଣୀୟ ସୁରକ୍ଷା ଓ ପ୍ରତିରକ୍ଷା ସ୍ଥିତିକୁ ସମାଳୁଥିଲେ । ଇରାନ ପକ୍ଷରୁ ତାଙ୍କ ମୃତ୍ୟୁ ସମ୍ପର୍କରେ ସ୍ପଷ୍ଟ କରାଯିବା ସହ ତାଙ୍କୁ ସହିଦ ବୋଲି ଘୋଷଣା କରାଯାଇଛି । ସେହିଭଳି ଇରାନର ଅନ୍ୟତମ ବାସିଜୀ ଅର୍ଦ୍ଧସାମରିକ ବଳ ମୁଖ୍ୟ ଘୋଲମୋର୍ଜା ସୋଲୋ ଇମାନୀ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଇସ୍ରାଏଲ ସେନା ପକ୍ଷରୁ ଇରାନର ପ୍ରମୁଖ ନେତାମାନଙ୍କୁ ଏବେ ଟାର୍ଗେଟ କରାଯାଉଛି । ଲାରି ଜାନୀ ତାଙ୍କ ଝିଅ ଘରେ ଥିଲେ ବେଳେ ବୋମା ଆକ୍ରମଣର ଶିକାର ହୋଇ ମୃତ୍ୟୁ ବରଣ କରିଛନ୍ତି । ଇସ୍ରାଏଲର ଗୁଇନ୍ଦା ସେବା ପକ୍ଷରୁ ଲାରି ଜାନୀଙ୍କର ସର୍ବିସେସ ତଥ୍ୟ ପ୍ରଦାନ କରାଯାଇଛି । ତେବେ ପରବର୍ତ୍ତୀ ସୁରକ୍ଷା ମୁଖ୍ୟ ହୋଇଥିବା ସହିଦ ଜଲାଲି ପରମାଣୁ ବାର୍ତ୍ତାକାଳ ରୂପେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିଲେ । ସେ ବିଦେଶ ମନ୍ତ୍ରଣାଳୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି । ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ରାଷ୍ଟ୍ରପତି ମହମ୍ମୁଦ ଅହମ୍ମଦି ନେଜାଦୀଙ୍କ କାର୍ଯ୍ୟାଳୟରେ ଇରାନର ପ୍ରମୁଖ ପରାମାଣୁ ବାର୍ତ୍ତାକାର ହୋଇଥିଲେ । ଏହି ସମୟରେ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲା । ଜଲିଲ ପାଶ୍ଚ୍ୟାତା ଶକ୍ତି ସହ ଆଲୋଚନାର ନେତୃତ୍ୱ ନେଇଥିଲେ । ବିଶ୍ଲେଶେକଙ୍କ ଅନୁସାରେ ଜଲିଲ ପରବର୍ତ୍ତୀ ନୂଆ ମୁଖ୍ୟ ନିଯୁକ୍ତି ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ । ଇସ୍ରାଏଲ ଉପରେ କଠୋର ନିଷ୍ପତ୍ତି ନେଇ ପାରନ୍ତି ବୋଲି ସୂଚନା ମିଳିଛି ।

# ଆଲିଗଡ଼ ହସ୍ପିଟାଲରେ ଗୁଳିକାଣ୍ଡ, ଜଣେ ମୃତ

ଆଗ୍ରା: ଉତ୍ତରପ୍ରଦେଶର ଆଲିଗଡ଼ରେ ଥିବା ଏକ ଘରୋଇ ହସ୍ପିଟାଲରେ ଗୁଳିକାଣ୍ଡ ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି । ଏହି ଗୁଳିକାଣ୍ଡ ଘଟଣା ପ୍ରେମ ବ୍ୟାପାରକୁ ନେଇ ହୋଇଥିବାବେଳେ ଉତ୍ତର ପ୍ରଦେଶର ଜଣେ ପ୍ରାଦେଶିକ ଆର୍ମଡ କନଷ୍ଟାବୁଲାରୀ (ପିଏସି) ଯବାନ ଓ ଜଣେ ପୁଲିସ କନଷ୍ଟେବଲ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସୋମବାର ରାତି ୧୦ଟାରେ ଦୁଇ ଜଣ ଦୁର୍ବୃତ୍ତ ହସ୍ପିଟାଲ ଭିତରେ ପଶି ବେଦପାଲ ସିଂହ ନାମକ ୩୮ ବର୍ଷୀୟ ରୋଗୀଙ୍କ ଉପରେ ଗୁଳିଚାଳନା କରି ହସ୍ପିଟାଲ ଭିତରେ ଆତଙ୍କ ସୃଷ୍ଟି କରିଥିଲେ । ଗୁଳି କରିବା ପରେ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିଲେ ।ଗୁରୁତର ଆହତ ରୋଗୀଙ୍କୁ ଅନ୍ୟ ଏକ ମେଡିକାଲ ସେଣ୍ଟରରେ ଭର୍ତ୍ତି କରାଯାଇଥିଲା । ସେଠାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରାଥମିକ ତଦନ୍ତରୁ ଏହା ପ୍ରେମଜନିତ ବ୍ୟାପାର ଯୋଗୁ ଘଟିଥିବା ଜଣାପଡ଼ିଛି । ପରେ ମହିଳାଙ୍କର ଅନ୍ୟ ଏକ ସ୍ଥାନରେ ବିବାହ ହୋଇଥିଲା । ବେଦପାଲଙ୍କ ଜଣେ ସମ୍ପର୍କୀୟ କହିଛନ୍ତି, ବେଦପାଲ ଆଇନ ଶିକ୍ଷା ଶେଷ କରି ଜଣେ ଓକିଲଙ୍କ ନିକଟରେ କାମ କରୁଥିଲେ । ଗତ ପାଞ୍ଚ ବର୍ଷ ହେଲା ସେହି ଝିଅ ସହିତ ପ୍ରେମ ସମ୍ପର୍କରେ ଥିଲେ ।

# ଇରାନକୁ ଭାରତର ମାନବୀୟ ସହାୟତା

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନକୁ ସହାୟତାର ହାତ ବଢ଼ାଇଛି ଭାରତ । ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷରେ ଜଡ଼ିତ ଥିବା ଇରାନକୁ ଭାରତ ପକ୍ଷରୁ ମାନବିକ ଭିତ୍ତିରେ ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି ।

ଏହି ସହାୟତା ସାମଗ୍ରୀକୁ "ଇରାନୀ ରେଡ୍ କ୍ରିସେଣ୍ଟ ସୋସାଇଟି"କୁ ହସ୍ତାନ୍ତର କରାଯାଇଥିବା ନେଇ ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସ ସୂଚନା ଦେଇଛି । ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ଦିଲ୍ଲୀ-ତେହେରାନ ସମ୍ପର୍କକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି, ଭାରତ ଏକ ବିଶ୍ୱସ୍ତ ଓ ବନ୍ଧୁତ୍ୱପୂର୍ଣ୍ଣ ଦେଶ । ଅନ୍ୟ ଅନେକ ଦେଶ ସହଯୋଗ କରିବାକୁ ମନା କରିଦେଇଥିବା ବେଳେ ଭାରତ ଆମର ଅନୁରୋଧକୁ ରକ୍ଷା କରି ଜାହାଜ ସାହାଯ୍ୟରେ ଜରୁରୀ ସାମଗ୍ରୀ ପଠାଇଛି । ସହାୟତା ପାଇଁ ଭାରତକୁ କୃତଜ୍ଞତା ଜଣାଇବା ସହ ଶତ୍ରୁ ଦେଶମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଇରାନ ରାଷ୍ଟ୍ରଦୂତ । ସହଯୋଗ କରିନଥିବା ଦେଶମାନଙ୍କୁ ଉଚିତ ଜବାବ ଦିଆଯିବ ଏବଂ ଖୁବଶୀଘ୍ର ବିଶ୍ୱ ଏହା ବିଷୟରେ ଜାଣିବାକୁ ପାଇବ ବୋଲି ସେ କହିଛନ୍ତି । ଏହି ଘଟଣା ଏବେ ଆନ୍ତର୍ଜାତୀୟ ରାଜନୀତିରେ ଭାରତର ସନ୍ତୁଳିତ ବୈଦେଶିକ ନୀତିକୁ ପୁଣି ଥରେ ପ୍ରମାଣିତ କରିଛି ।

# ଚୀନ ଯାଉଥିବା ରୁଷ୍ ତୈଳ ଟ୍ୟାଙ୍କରର ୟୁ-ଟର୍ଣ୍ଣ

ନୂଆଦିଲ୍ଲୀ: ଚୀନ ଅଭିମୁଖେ ଯାଉଥିବା ଏକ ରୁଷୀୟ ତୈଳ ବୋଝେଇ ଟ୍ୟାଙ୍କର ଦକ୍ଷିଣ ଚୀନ ସାଗରରେ ୟୁ-ଟର୍ଣ୍ଣ ନେଇଛି । ଭାରତ ରୁଷ୍ରୁ ତୈଳ ଆମଦାନୀ ଦ୍ୱିଗୁଣିତ କରିବା ପରେ ଏବେ ଏହା ଭାରତ ଅଭିମୁଖେ ଆସୁଛି । 'ଆକ୍ୱା ଟାଇଟନ' ନାମକ ଏହି ତୈଳ ଟ୍ୟାଙ୍କର ମାର୍ଚ୍ଚ ୨୧ ତାରିଖରେ ନ୍ୟୁ ମାଙ୍ଗାଲୋରରେ ପହଞ୍ଚିବ । ଜାହାଜଟି ଜାନୁଆରିରେ ତୈଳ ବୋଝେଇ କରି ବାଲଟିକ ସମୁଦ୍ର ବନ୍ଦରରୁ ଚୀନ ଅଭିମୁଖେ ବାହାରିଥିଲା । ଆମେରିକା ଭାରତକୁ ରୁଷାରୁ ତୈଳ କ୍ରୟକୁ ଅସ୍ଥାୟୀ ଭାବରେ ବୃଦ୍ଧି କରିବା ପାଇଁ ସବୁଜ ସଙ୍କେତ ଦେବାର କିଛି ଦିନ ପରେ ଚୀନ୍ର ରିଜାଓ ବନ୍ଦରକୁ ଯାଉଥିବା ଏହି ଜାହାଜ ଭାରତ ଆସିଛି ।

ଇରାନରେ ଯୁଦ୍ଧ ଯୋଗୁଁ ଦେଖାଯାଇଥିବା ତୈଳ ସଙ୍କଟ ଯୋଗୁ ଆମେରିକା ଭାରତକୁ ରୁଷାରୁ ତୈଳ ଆଣିବାକୁ ଅନୁମତି ଦେଇଥିଲା । ଭାରତୀୟ ତୈଳ ବିଶୋଧନକାରୀମାନେ ରିହାତି ପରେ ସପ୍ତାହରେ ୩୦ ନିୟୁତ ବ୍ୟାରେଲ ରୁଷୀୟ ତୈଳ ସଂଗ୍ରହ କରିଥିଲେ । କଟକଣା ଉଠି ଯାଇଥିବାରୁ ଭାରତକୁ ଆଗାମୀ ଦିନରେ ଅଧିକ ରୁଷ୍ ତୈଳ ଆସିପାରେ ।




# ପଶ୍ଚିମବଙ୍ଗ: ୬୦ ଲକ୍ଷ ଭୋଟରଙ୍କ ଭାଗ୍ୟ ଝୁଲୁଛି

କୋଲକାତା: ପଶ୍ଚିମବଙ୍ଗର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଏପ୍ରିଲ ୨୩ ଓ ୨୯ରେ ହେବାକୁ ଥିବା ଦୁଇ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଛନ୍ତି । ଏହି ପରିସ୍ଥିତିରେ ପ୍ରାୟ ୬୦ ଲକ୍ଷ ଭୋଟର ବିଚାରାଧୀନ ଥିବା ଜଣାପଡ଼ିଛି ।ଶାସକ ତୃଣମୂଳ କଂଗ୍ରେସ ସମସ୍ତ ୨୯୧ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିରୋଧୀ ବିଜେପି ପ୍ରଥମ ପର୍ଯ୍ୟାୟରେ ୧୪୪ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି । ସିପିଏମ୍ ନେତୃତ୍ୱାଧୀନ ବାମପନ୍ଥୀ ଦଳ ଏପର୍ଯ୍ୟନ୍ତ ୧୯୨ ଜଣ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଏପର୍ଯ୍ୟନ୍ତ ଏହାର ତାଲିକା ପ୍ରକାଶ କରିନାହିଁ ।ନ୍ୟାୟିକ ଯାଞ୍ଚରେ ଭୋଟରଙ୍କ ଏକ ବୃହତ୍ ଅଂଶର ଉପସ୍ଥିତି ନିର୍ବାଚନରେ ଏକ କେନ୍ଦ୍ରୀୟ ପ୍ରସଙ୍ଗ ଭାବରେ ଉଭା ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ୬୦ ଲକ୍ଷ ଭୋଟର ସେମାନଙ୍କ ଦସ୍ତାବିଜ ଯାଞ୍ଚକୁ ଅପେକ୍ଷା କରିଛନ୍ତି ଏବଂ ବର୍ତ୍ତମାନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି ।

# ବଙ୍କର ବିଧ୍ୱଂସକାରୀ ବୋମା ମାଡ଼ କଲା ଆମେରିକା





ତେହେରାନ୍ : ଇରାନର ମିସାଇଲ ଠିକଣାରେ ଆମେରିକାର ବଡ଼ ହମଲା । ମିସାଇଲ ଠିକଣା ସମେତ ସମ୍ବେଦଶୀଳ ହର୍ମୁଜ ପ୍ରଣାଳୀ ନିକଟରେ ମଧ୍ୟ ଏୟାର ଷ୍ଟ୍ରାଇକ କରି ଧ୍ୱଂସଲୀଳା ରଚିଛି ଆମେରିକା । ଷ୍ଟ୍ରେଟ ଅଫ ହର୍ମୁଜ ନିକଟରେ ଥିବା ଇରାନୀୟ ମିସାଇଲ ଠିକଣାକୁ ନଷ୍ଟ କରିବା ପାଇଁ ଆମେରିକା ପକ୍ଷରୁ ୨୨୦୦ କେଜି ବଙ୍କର ବିଧ୍ୱଂସକାରୀ ବୋମା ମାଡ଼ କରାଯାଇଛି । ଏଥିରେ ଇରାନର ବ୍ୟାପକ କ୍ଷତି ହୋଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ସୂଚନା ଦେଇଛି । ମିଲିଟାରୀ କମାଣ୍ଡ ପକ୍ଷରୁ ଏକ୍ସରେ କୁହାଯାଇଛି ଯେ "କିଛି ଘଣ୍ଟା ତଳେ ଆମେରିକା ସଶସ୍ତ୍ର ବଳ ସଫଳତାର ସହ ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନର ମଜବୁତ ମିସାଇଲ ଠିକଣା ଉପରେ ୫୦୦୦ ପାଉଣ୍ଡ ବଙ୍କର ବିଧ୍ୱଂସକାରୀ ବୋମା ମାଡ଼ କରିଛି । ଏଥିରେ ଆମେରିକାକୁ ବେଶ ସଫଳତା ମିଳିଛି ।"

ଆମେରିକାର କହିବା କଥା ଯେ ଷ୍ଟ୍ରେଟ ଅଫ ହର୍ମୁଜରେ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପ୍ରତି ବିପଦ ସୃଷ୍ଟି କରୁଥିବା ଇରାନୀୟ ଜାହାଜ ବିଧ୍ୱଂସକାରୀ କ୍ରୁଜ ମିସାଇଲକୁ ଟାର୍ଗେଟ କରି ହମଲା କରାଯାଇଛି । ହମଲା ବେଳେ ଆଉ କୌଣସି ଠିକଣାକୁ ଟାର୍ଗେଟ କରାଯାଇ ନାହିଁ ।ଇରାନ ସହ ଚାଲିଥିବା ଯୁଦ୍ଧରେ ଆମେରିକାର ସାଥ ଦେବାକୁ ଅଧିକାଂଶ ନାଟୋ ଦେଶ ମନା କରିଥିଲେ । ଟ୍ରମ୍ପ ଏହା ଘୋଷଣା କରିବା ପରେ ଆମେରିକା ପକ୍ଷରୁ ହର୍ମୁଜ ନିକଟରେ ଥିବା ଇରାନୀୟ ମିସାଇଲ ଠିକଣା ଉପରେ ବୋମା ବର୍ଷଣ କରାଯାଇଛି ।

ଆମେରିକା ଏବେ ଏକାକୀ ଇରାନ ସହ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଥିବା ଏହି ଘଟଣା ପରେ ସ୍ପଷ୍ଟ ହୋଇଛି ।କାରଣ ଇରାନ ଷ୍ଟ୍ରେଟ ଅଫ ହର୍ମୁଜକୁ ବନ୍ଦ କରି ରଖିଥିବାରୁ ଜାହାଜ ଚଳାଚଳ ହୋଇପାରୁନି । ପ୍ରଥମେ ଟ୍ରମ୍ପ ବିଭିନ୍ନ ଦେଶକୁ ଯୁଦ୍ଧ ଜାହାଜ ମୁତୟନ କରିବାକୁ ଆହ୍ୱାନ ଦେଇଥିଲେ । ହେଲେ କୌଣସି ରାଷ୍ଟ୍ର ହର୍ମୁଜକୁ ଯୁଦ୍ଧ ତୋପ ପଠାଇବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ସବୁଆଡ଼ୁ ନିରାଶ ହେବା ପରେ ଏବେ ଆମେରିକା ହର୍ମୁଜ ନିକଟରେ ଥିବା ଇରାନୀୟ ମିସାଇଲ ଠିକଣାକୁ ଟାର୍ଗେଟ କରିଛି ।

### ଆଡଟ୍ରଷ୍ଟ ସମ୍ମିଳନୀ ୨୦୨୬ରେ ଆଇବି ସଚିବଙ୍କ ସମ୍ବୋଧନ

# ଦାୟିତ୍ୱପୂର୍ଣ୍ଣ ଏବଂ ବିଶ୍ୱସ୍ତ ବିଜ୍ଞାପନ ଇକୋସିଷ୍ଟମ ସୃଷ୍ଟି ପାଇଁ ଆହ୍ୱାନ




ମୁମ୍ବାଇ: "ବିଜ୍ଞାପନ କେବଳ ପହଞ୍ଚ ନୁହେଁ, ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ," ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଆଜି ମୁମ୍ବାଇରେ ଅନୁଷ୍ଠିତ ଆଡଟ୍ରଷ୍ଟ ସମ୍ମିଳନୀ ୨୦୨୬ରେ ଏହା କହିଛନ୍ତି । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ସଚିବ ଭାରତରେ ଏକ ଦାୟିତ୍ୱପୂର୍ଣ୍ଣ, ସ୍ୱଚ୍ଛ ଏବଂ ବିଶ୍ୱସନୀୟ ବିଜ୍ଞାପନ ଇକୋସିଷ୍ଟମର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ଜାଜୁ କହିଛନ୍ତି ଯେ ଏହି କ୍ଷେତ୍ର ବୃଦ୍ଧି ପାଇବା ଉଚିତ, କିନ୍ତୁ ଦାୟିତ୍ୱ ମଧ୍ୟ ରହିବା ଆବଶ୍ୟକ, ବିଶେଷ କରି ଡିଜିଟାଲ କ୍ଷେତ୍ରରେ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଆଭିମୁଖ୍ୟ ବିଶ୍ୱାସ ନିର୍ମାଣ, ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ବୋଲି ସେ କହିଛନ୍ତି ।

ଆଡଭର୍ଟାଇଜିଂ ଷ୍ଟାଣ୍ଡାର୍ଡସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଏଏସସିଆଇ) ଦ୍ୱାରା ଆୟୋଜିତ ଆଡଟ୍ରଷ୍ଟ ସମ୍ମିଳନୀ ୨୦୨୬ର ପ୍ରଥମ ସଂସ୍କରଣରେ ବିଜ୍ଞାପନ, ଗଣମାଧ୍ୟମ, ପ୍ରଯୁକ୍ତିବିଦ୍ୟା ଏବଂ ସରକାରୀ କ୍ଷେତ୍ରର ପ୍ରତିନିଧିମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବିଜ୍ଞାପନ ସହିତ ଜଡିତ ପ୍ରମୁଖ ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରାଯାଇଥିଲା । ଆଲୋଚନାଗୁଡ଼ିକ ଉଦୀୟମାନ ଧାରା, ଆଇନଗତ ଢାଞ୍ଚା ଏବଂ ବିଜ୍ଞାପନ ଅଭ୍ୟାସ ଉପରେ ନୂତନ ପ୍ରଯୁକ୍ତିର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା ।

ସମ୍ମିଳନୀରେ ଭାଷଣ ଦେଇ ଶ୍ରୀ ଜାଜୁ ଉଲ୍ଲେଖ କରିଥିଲେ ଯେ ବିଜ୍ଞାପନ କେବଳ ଏକ ବାଣିଜ୍ୟିକ କାର୍ଯ୍ୟକଳାପ ନୁହେଁ ଯାହା ବଜାରକୁ ଆକାର ଦିଏ, ବ୍ରାଣ୍ଡ ନିର୍ମାଣ କରେ, ଗ୍ରାହକଙ୍କୁ ସୂଚନା ଦିଏ, ସଂସ୍କୃତିକୁ ସଙ୍କେତ ଦିଏ ଏବଂ ଆକାଂକ୍ଷାକୁ ପ୍ରଭାବିତ କରେ । ଭାରତ ଭଳି ଏକ ବୃହତ ଏବଂ ଦ୍ରୁତ ଡିଜିଟାଇଜିଂ ଦେଶରେ, ବିଜ୍ଞାପନ ନବସୃଜନ, ଆର୍ଥିକ କାର୍ଯ୍ୟକଳାପ, ବିଷୟବସ୍ତୁ ସୃଷ୍ଟି ଏବଂ ଅନ୍ତର୍ଭୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ବାହକ ପାଲଟିଛି । ଡିଜିଟାଲ୍ ପ୍ଲାଟଫର୍ମ ଏବଂ କୃତ୍ରିମ ବୁଦ୍ଧିମତ୍ତା ଏବେ ବ୍ରାଣ୍ଡ, ଷ୍ଟାର୍ଟଅପ୍, ସ୍ଥାନୀୟ ବ୍ୟବସାୟ ଏବଂ କ୍ରିଏଟରଙ୍କୁ ଦର୍ଶକଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ କରିଥାଏ, ପ୍ରବେଶ ପ୍ରତିବନ୍ଧକକୁ ହ୍ରାସ କରିଥାଏ ଏବଂ ଅଂଶଗ୍ରହଣକୁ ବିସ୍ତାର କରିଥାଏ । ଏହା ସହିତ, ଶ୍ରୀ ଜାଜୁ ଡିଜିଟାଲ୍ ବିଜ୍ଞାପନ ସହିତ ଜଡିତ ବିପଦଗୁଡ଼ିକ ବିଷୟରେ ମଧ୍ୟ ସତର୍କ କରାଇଥିଲେ, ଯେଉଁଥିରେ ଆର୍ଥିକ ଠକେଇ, ଭ୍ରମାତ୍ମକ ନିବେଶ ପ୍ରୋତ୍ସାହନ ଏବଂ ପ୍ରତାରଣାମୂଳକ ଚାକିରି ପ୍ରସ୍ତାବ ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ଦୁର୍ବଳ ଜନସଂଖ୍ୟାକୁ ଟାର୍ଗେଟ କରିଥାଏ । ସେ ଗୁରୁତ୍ୱାରୋପ କରିଥିଲେ ଯେ ବାଣିଜ୍ୟିକ ଭାଷଣ ଅଭିବ୍ୟକ୍ତି ସ୍ୱାଧୀନତାର ଏକ ଅଂଶ ହୋଇଥିଲେ ମଧ୍ୟ, ଭ୍ରମାତ୍ମକ ଏବଂ ପ୍ରତାରଣାମୂଳକ ବିଜ୍ଞାପନଗୁଡ଼ିକ ନିୟନ୍ତ୍ରିତ କରାଯିବା ଉଚିତ ।

ଶିଖର ସମ୍ମିଳନୀରେ ପ୍ରମୁଖ ଆଲୋଚନାରେ ବିଜ୍ଞାପନରେ ଏଆଇ ର ଭୂମିକା, ଡିପ୍ ଫେକ୍, ଡାର୍କ ପ୍ୟାଟର୍ନ ଏବଂ ପ୍ରଭାବ ବିରୋଧୀ ମାର୍କେଟିଂର ବୃଦ୍ଧି ପାଉଥିବା ଧାରା ଭଳି ଉଦୀୟମାନ ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା । ଶ୍ରୀ ଜାଜୁ ବିଜ୍ଞାପନଦାତାମାନଙ୍କୁ ପହଞ୍ଚିବା ସହିତ ବିଶ୍ୱସନୀୟତା ଉପରେ ଧ୍ୟାନ ଦେବାକୁ ଏବଂ କ୍ରିଏଟର ତଥା ଇନଫ୍ଲୁଏନ୍ସରମାନଙ୍କୁ ପ୍ରାମାଣିକତା ବଜାୟ ରଖି ଏବଂ ଭ୍ରାମକ ପ୍ରଚାରକୁ ଏଡାଇ ଦର୍ଶକଙ୍କ ବିଶ୍ୱାସକୁ ସୁରକ୍ଷିତ ରଖିବାକୁ ଅନୁରୋଧ କରିଥିଲେ ।

# ସଂସଦରେ ଜବାବ ରଖିଲେ ରେଳମନ୍ତ୍ରୀ

ନୂଆଦିଲ୍ଲୀ: ରେଳ ମନ୍ତ୍ରଣାଳୟର ଅନୁଦାନ ଦାବି (୨୦୨୬-୨୭) ଉପରେ ସଂସଦରେ ଆଲୋଚନାର ଉତ୍ତର ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପ୍ରମୁଖ ସାଂରଚନିକ ସଂସ୍କାର - ସାଧାରଣ ବଜେଟ ସହିତ ରେଳ ବଜେଟର ମିଶ୍ରଣ - ଉପରେ ଆଲୋକପାତ କରିଥିଲେ ଯାହା ତିନୋଟି ପ୍ରମୁଖ ଲାଭ ପ୍ରଦାନ କରିଛି ।ପ୍ରଥମତଃ, ଏହା ବଜେଟ ସମର୍ଥନକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି, ଯାହା ପୂର୍ବରୁ ପ୍ରାୟ ୨୫,୦୦୦-୩୦,୦୦୦ କୋଟିରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨.୭୮ ଲକ୍ଷ କୋଟି ହୋଇଛି । ଦ୍ୱିତୀୟତଃ, ଏହା ବର୍ଷସାରା ନିରନ୍ତର ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିଛି, ଯେଉଁଥିରେ ପ୍ରକଳ୍ପ ଅନୁମୋଦନ, ନୂତନ ଟ୍ରେନ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଅନ୍ତର୍ଭୁକ୍ତ । ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ ରେଳ ଭିତ୍ତିଭୂମି ଯଥେଷ୍ଟ ପରିମାଣରେ ବିସ୍ତାରିତ ହୋଇଛି । ୨୦୧୩-୧୪ରେ ପ୍ରାୟ ୧,୦୫୫ ନିୟୁତ ଟନ୍ ରୁ ପ୍ରାୟ ୧,୬୫୦ ନିୟୁତ ଟନ୍ କୁ ମାଲ ପରିବହନ ବୃଦ୍ଧି ପାଇଛି, ଯାହା ଭାରତୀୟ ରେଳବାଇକୁ ବିଶ୍ୱ ସ୍ତରରେ ଦ୍ୱିତୀୟ ବୃହତ୍ତମ ମାଲ ପରିବହନକାରୀ କରିଛି । ଟ୍ରାକ୍ ନିର୍ମାଣ ପ୍ରାୟ ୩୫,୦୦୦ କିମିକୁ ତ୍ୱରାନ୍ୱିତ କରିଛି ଯାହା ପୂର୍ବରୁ ପ୍ରାୟ ୧୫,୦୦୦ କିମି ଥିଲା । ବିଦ୍ୟୁତୀକରଣ ପ୍ରାୟ ୫,୨୦୦ କିମିରୁ ପ୍ରାୟ ୪୭,୦୦୦ କିମିକୁ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ନେଟୱାର୍କର ୯୯% ରୁ ଅଧିକ ବିଦ୍ୟୁତିକରଣ ହାସଲ କରିଛି । ସୁରକ୍ଷା ଭିତ୍ତିଭୂମିରେ ମଧ୍ୟ ଉନ୍ନତି ଆସିଛି, ରୋଡ୍ ଓଭର ବ୍ରିଜ୍ ଏବଂ ରୋଡ୍ ଅଣ୍ଡର ବ୍ରିଜ୍ ପ୍ରାୟ ୪,୦୦୦ ରୁ ପ୍ରାୟ ୧୪,୦୦୦ କୁ ବୃଦ୍ଧି ପାଇଛି ।

ସ୍ୱୟଂଚାଳିତ ସିଗନାଲିଂ ପ୍ରାୟ ୧୫୦୦ କିମିରୁ ୪,୦୦୦ କିମିକୁ ବିସ୍ତାରିତ ହୋଇଛି । ଏହା ସହିତ, ପ୍ରାୟ ୪୮,୦୦୦ ଏଲଏଚବି କୋଚ୍ ଯୋଡାଯାଇଛି, ଲୋକୋମୋଟିଭ୍ ଉତ୍ପାଦନ ପ୍ରାୟ ୧୨,୦୦୦ୟୁନିଟ୍ ପହଞ୍ଚିଛି ଏବଂ ୱାଗନ୍ ଇଣ୍ଡକ୍ସନ୍ ୨ ଲକ୍ଷୟୁନିଟ୍ ଅତିକ୍ରମ କରିଛି । ୨୦୧୪ ପୂର୍ବରୁ କେବଳ ପ୍ରାୟ ୧୨୫ କିଲୋମିଟର ସୁଡ଼ଙ୍ଗ ନିର୍ମାଣ ହୋଇଥିଲେ ମଧ୍ୟ ସେବେଠାରୁ ଅତିରିକ୍ତ ୪୮୬ କିଲୋମିଟର ନିର୍ମାଣ କରାଯାଇଛି, ଯାହା ଉତ୍ତର-ପୂର୍ବ ଏବଂ ଜମ୍ମୁ ଏବଂ କାଶ୍ମୀର ଭଳି କଷ୍ଟକର ଅଞ୍ଚଳରେ ସଂଯୋଗୀକରଣକୁ ଉନ୍ନତ କରିଛି । ଉତ୍ପାଦିତ ମାଲ ପରିବହନ କରିଡର ଗୁରୁତ୍ୱପୂର୍ଣ୍ଣ ପ୍ରଗତି କରିଛି । ପ୍ରାୟ ୨୮୦୦ କିଲୋମିଟର ସମ୍ପୂର୍ଣ୍ଣ ହୋଇଛି ଏବଂ ପ୍ରାୟ ୪୮୦ ମାଲ ପରିବହନ ଟ୍ରେନ ପ୍ରତିଦିନ ଚଳାଚଳ କରୁଛି । ଭାରତୀୟ ରେଳବାଇ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୨୫,୫୭୧ ଟ୍ରେନ ପରିଚାଳନା କରୁଛି ।

# ବିଲଡିଂରେ ଅଗ୍ନିକାଣ୍ଡ : ଚାଲିଗଲା ୯ ଜୀବନ

ନୂଆଦିଲ୍ଲୀ: ଦେଶର ରାଜଧାନୀ ଦିଲ୍ଲୀର ପାଲାମ ଅଞ୍ଚଳରେ ଘଟିଛି ବଡ଼ ଅଘଟଣ । ଏଠାରେ ଥିବା ଗୋଟିଏ ଆବାସିକ ବିଲଡିଂରେ ଘଟିଛି ଅଗ୍ନିକାଣ୍ଡ । ଏଥିଯୋଗୁ ୪ ନାବାଳିକାଙ୍କ ସମେତ ମୋଟ ୯ ଜଣଙ୍କ ମୃତ୍ୟୁ ହୋଇଛି । ଅଗ୍ନିକାଣ୍ଡ ପରେ ଦିଲ୍ଲୀ ଅଗ୍ନିଶମ ସେବାର କର୍ମଚାରୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ ।ସେମାନେ ଅଗ୍ନିକାଣ୍ଡ ଘଟିଥିବା ବିଲଡିଂରୁ ପ୍ରଥମେ ୩ ଶିଶୁଙ୍କ ସମେତ ୬ ଜଣଙ୍କୁ ଉଦ୍ଧାର କରି ମଣିପାଲ ହସ୍ପିଟାଲ ନେଇଥିଲେ । ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ମୃତକମାନେ ହେଲେ ୩୫ ବର୍ଷୀୟ ପରବେଶ, ୪୦ ବର୍ଷୀୟ କମଲ ଓ ୩୨ ବର୍ଷୀୟ ଆଶୁ । ସେହିପରି ମୃତ ୩ ନାବାଳିକାଙ୍କ ବୟସ ଯଥାକ୍ରମେ ୧୨,୬ ଓ ୫ ବର୍ଷ । ସେହିପରି ଆଇଜିଆଇ ହସ୍ପିଟାଲକୁ ଜଣେ ୩୮ ବର୍ଷୀୟ ମହିଳା, ୪୦ ବର୍ଷୀୟ ବ୍ୟକ୍ତି ଓ ୨ ବର୍ଷର ଝିଅକୁ ନିଆଯାଇଥିଲା । ସେଠାରେ ସେମାନଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏବେ ଜଣେ ୧୯ ବର୍ଷୀୟ କିଶୋର ସଫଦର୍ଜଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଶରୀରର ପ୍ରାୟ ୨୫% ଅଂଶ ପୋଡ଼ି ଯାଇଛି । ଅଧିକାରୀଙ୍କ କହିବା କଥା ଯେ ବିଲଡିଂରୁ ମୋଟ ୧୦ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ମୃତ୍ୟୁ ହୋଇ ଯାଇଛି । ଦିଲ୍ଲୀ ଅଗ୍ନିଶମ ସେବା ପକ୍ଷରୁ କୁହାଯାଛି ଯେ ବୁଧବାର ସକାଳ ପ୍ରାୟ ୭ଟା ବେଳେ ବିଲଡିଂର ଗୋଟିଏ ବିଲଡିଂରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିବା ଖବର ପାଇଥିଲେ ।ଖବର ମିଳିବା ପରେ ତୁରନ୍ତ ଘଟଣା ସ୍ଥଳକୁ ୩୦ଟି ଅଗ୍ନିଶମ ଗାଡ଼ି ଯାଇଥିଲା । ଦୀର୍ଘ ସମୟର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ଉଦ୍ଧାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଅଗ୍ନିକାଣ୍ଡ ଘଟଣାରେ ଚିନ୍ତା ପ୍ରକଟ କରିବା ସହ ମାଜିଷ୍ଟର ସ୍ତରୀୟ ତଦନ୍ତ ହେବ ବୋଲି କହିଛନ୍ତି ।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଗ୍ନିକାଣ୍ଡ ଘଟିଥିବା ବିଲଡିଂରେ ଗୋଟିଏ ବେସମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ଓ ୪ ମହଲାରେ ଘର ରହିଛି । ସେହିପରି ଛାତ ଉପରେ ଗୋଟିଏ ଟିଣର ଅସ୍ଥାୟୀ ଘର ମଧ୍ୟ ତିଆରି କରାଯାଇଥିଲା । ବେସମେଣ୍ଟ, ଗ୍ରାଉଣ୍ଡ ଓ ପ୍ରଥମ ମହଲାକୁ କପଡ଼ା ଏବଂ କସମେଟିକ ସଂରକ୍ଷିତ କରି ରଖିବା ପାଇଁ ବ୍ୟବହାର କରାଯାଉଥିଲା । ଦ୍ୱିତୀୟ ଓ ତୃତୀୟ ମହଲାରେ ଲୋକମାନେ ରହୁଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଏବେ ପୁଲିସ୍ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି ।

# କୋରିଅରରେ ଜୀଅନ୍ତା ଶବ: ପୁଅ-ବୋହୂ ଥାନାରେ ଅଟକ



ବେଙ୍ଗାଲୁରୁ: କର୍ଣ୍ଣାଟକର ବେଙ୍ଗାଲୁରୁରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ଦର୍ଶାଉଛି ଯେ, ଲୋକମାନେ ସୋସିଆଲ ମିଡିଆରେ ଭ୍ୟୁ ଏବଂ ଲାଇକ୍ ପାଇଁ କେତେ ବ୍ୟାକୁଳ । ବୃଦ୍ଧ ବାପାଙ୍କର ଏକ ମାନବ ପାର୍ସଲ ତିଆରି କରି ପୁଅ-ବୋହୂ ରିଲ୍ କରିବାକୁ ଚେଷ୍ଟା କରିଛନ୍ତି । ମାନବ ପାର୍ସଲକୁ ନେଇ କୋରିଅର୍ ଅଫିସ୍ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ପୁଅ-ବୋହୂ ବଡ଼ ବାକ୍ସ ନେଇ କୋରିଅର୍ ଅଫିସରେ ପହଞ୍ଚିଥିଲେ । ସନ୍ଦେହ ହେବାରୁ କର୍ମଚାରୀମାନେ ପ୍ୟାକେଜ୍ ବିଷୟରେ ପଚାରିଥିଲେ ଏବଂ ଏହାକୁ ଖୋଲି ଦେଖି ଚମକି ପଡ଼ିଥିଲେ । ବାକ୍ସ ଭିତରେ ଜଣେ ବୟସ୍କ ବ୍ୟକ୍ତି ଯେ କି ମହିଳାଙ୍କ ବାପା ଥିଲେ । ତଦନ୍ତରୁ ଜଣାପଡିଲା ଯେ, ଜଣେ ମହିଳା, ତାଙ୍କ ସ୍ୱାମୀ, ଶାଶୁ ଏବଂ ଦିଅର ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ । ସେମାନେ ମହିଳାଙ୍କ ଶ୍ୱଶୁରଙ୍କୁ ପାର୍ସଲ ଭିତରେ ବନ୍ଦ କରି ଦେଇଥିଲେ ।

ପରିବାର ସଦସ୍ୟମାନେ ମାନବ ପ୍ୟାକେଜ୍ ପଠାଇବା ପଛରେ ଅଜବ ଯୁକ୍ତି ଦେଇଥିଲେ । ସେମାନେ କହିଥିଲେ, ରମ୍ଜାନ୍ ଏବଂ ଉଗାଡ଼ି ପର୍ବ ସମୟରେ ଭିଡ଼ ବିଷୟରେ ଏକ ରିଲ୍ ତିଆରି କରିବାକୁ ଚାହୁଁଥିଲେ । ପାର୍ବଣ ସମୟରେ ବସ୍ ଟିକେଟ୍ ମିଳିବା କଷ୍ଟକର ତେଣୁ ସେମାନେ କୋରିଅର ମାଧ୍ୟମରେ ବାପାଙ୍କୁ ପଠାଇବା ଏକମାତ୍ର ବିକଳ୍ପ ବୋଲି ଭାବିଥିଲେ । ଯେତେବେଳେ ବାକ୍ସଟି ଖୋଲାଗଲା, ବୃଦ୍ଧ ବ୍ୟକ୍ତିଙ୍କ ଅବସ୍ଥା ଖରାପ ହେଉଯାଇଥିବାର ଦେଖିବାକୁ ମିଳିଥିଲା । ବୃଦ୍ଧ ବ୍ୟକ୍ତିଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହେଉଥିଲା । କୋରିଅର କର୍ମଚାରୀମାନେ ପରିସ୍ଥିତିର ଗମ୍ଭୀରତାକୁ ଜାଣି ଏହାକୁ ନନେବାକୁ କହିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ପରିବାର ସଦସ୍ୟମାନେ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିବାକୁ ଲାଗିଲେ । ସେମାନେ ଏତେ ଦୂରରୁ ଆସିଛନ୍ତି, ମାନଙ୍କ ପାର୍ସଲ ଗ୍ରହଣ କରିବାକୁ ଦାବି କରିଥିଲେ ।ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ପରିବାରକୁ ଥାନାକୁ ନେଇଯାଇଥିଲେ । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ପୁଲିସ ସମସ୍ତଙ୍କ ବୟାନ ରେକର୍ଡ କରିଥିଲା । ପରେ, ପରିବାର ସଦସ୍ୟ କ୍ଷମା ପ୍ରାର୍ଥନା ଭିଡିଓ ଜାରି କରି ସେମାନଙ୍କର ଭୁଲ ସ୍ୱୀକାର କରିଥିଲେ । ସେମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ବୋଲି ସ୍ୱୀକାର କରିଥିଲେ । ଭବିଷ୍ୟତରେ ଏପରି ଜୀବନ ପ୍ରତି ବିପଦପୂର୍ଣ୍ଣ ଷ୍ଟଣ୍ଟ କିମ୍ବା ରିଲ୍ ଚେଷ୍ଟା ନକରିବା ପାଇଁ କଡ଼ା ଚେତାବନୀ ଦେଇ ପୁଲିସ ପରିବାର ସଦସ୍ୟଙ୍କୁ ଛାଡ଼ିଥିଲା ।

# ଇଶାନ ହାଇଦ୍ରାବାଦ ଅଧିନାୟକ



ହାଇଦ୍ରାବାଦ,୧୯।୩ (ଏଜେନ୍ସି): ଚଳିତ ମାସ ୨୮ରୁ ଆଇପିଏଲ୍ ବିଗୁଲ ବାଜିବ। ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଗତ ଥରର ବିଜେତା ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ। ଏହି ମ୍ୟାଚ୍ ପୂର୍ବରୁ ସନ୍‌ରାଇଜର୍ସ ବଡ଼ ଘୋଷଣା କରିଛି। ଆଇପିଏଲ୍‌ର କିଛି ପ୍ରାରମ୍ଭିକ ମ୍ୟାଚ୍‌ରେ ଇଶାନ କିଶାନ ଦଳର ନେତୃତ୍ୱ ନେବେ। ଓପନର ଅଭିଶେକ ଶର୍ମା ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ନିୟମିତ ଅଧିନାୟକ ପାଟ୍ କୁମିନ୍ସ ଏବେ ପିଠିଜନିତ ଆହତ ସମସ୍ୟାରୁ ମୁକୁଳି ନାହାନ୍ତି। ଏଥିପାଇଁ ସେ ଟି-୨୦ ବିଶ୍ୱକପ ଖେଳି ନଥିଲେ। ସେ ସୁସ୍ଥ ହେବା ଯାଏ ହାଇଦ୍ରାବାଦର ନେତୃତ୍ୱ ଇଶାନଙ୍କ ହାତରେ ରହିବ। ଫ୍ରାଞ୍ଚାଇଜ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଟି-୨୦ ବିଶ୍ୱକପରେ ଇଶାନ ଦମଦାର ପ୍ରଦର୍ଶନ କରିଥିଲେ। ସେ ସମଗ୍ର ବିଶ୍ୱକପରେ ୩୧୭ ରନ କରିଥିଲେ। ଏହା ପୂର୍ବରୁ ତାଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଜିତିଥିଲା। ଅଧୁନା ଇଶାନ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବାରୁ କୁମିନ୍ସଙ୍କ ଅନୁପସ୍ଥିତିରେ ହାଇଦ୍ରାବାଦର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ତେବେ କୁମିନ୍ସ ଆଇପିଏଲ୍‌ରେ କେତୋଟି ମ୍ୟାଚ୍ ଖେଳିବେ ନାହିଁ ସେ କଥା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ କୁମିନ୍ସ ୨୩ରେ ଆରମ୍ଭ ହେଉଥିବା ହାଇଦ୍ରାବାଦ ଶିବିରରେ ଯୋଗଦେବେ। ହାଇଦ୍ରାବାଦ ପ୍ରଥମ ମ୍ୟାଚ୍ ୨୮ରେ ଖେଳିବ। ଦ୍ୱିତୀୟ ମ୍ୟାଚ୍ ଏପ୍ରିଲ ୨ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ଏପ୍ରିଲ ୫ରେ ନିଜର ହୋମ୍ ଭେନ୍ୟୁରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ଭେଟିବ। ୩୨ ବର୍ଷୀୟ କୁମିନ୍ସ ଡିସେମ୍ବର ମାସରୁ କ୍ରିକେଟଠାରୁ ଦୂରରେ ରହିଛନ୍ତି।

ଆସେସ୍ ଟେଷ୍ଟ ପ୍ରଥମ ମ୍ୟାଚ୍ ପରଠାରୁ ସେ ଆଉ ଖେଳିନାହାନ୍ତି। ଆଇପିଏଲ୍ ଜରିଆରେ ସେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। କୁମିନ୍ସ ହାଇଦ୍ରାବାଦ ପକ୍ଷରୁ ୩୦ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି। ସେ ଦଳକୁ ୧୫ଟି ମ୍ୟାଚ୍ ଜିତାଇଥିବାବେଳେ ୧୪ଟିରେ ହାଇଦ୍ରାବାଦ ହାରିଛି। ତଥା ଗୋଟିଏ ମ୍ୟାଚ୍‌ରେ ଫଳାଫଳ ବାହାରି ପାରିନଥିଲା। ୨୦୨୪ରେ କୁମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ଆଇପିଏଲ୍ ଫାଇନାଲ ଖେଳିଥିଲା। ହେଲେ କୋଲକାତାଠାରୁ ଦଳ ପରାଜିତ ହୋଇଥିଲା। ୨୦୨୫ ସଂସ୍କରଣରେ ଦଳ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନରେ ରହିଥିଲା।

# ଖାଲି ଛକା ବର୍ଷା, ଛାନିଆ ମୁମ୍ବାଇ ଖେଳାଳି



ମୁମ୍ବାଇ,୧୮।୩(ଏଜେନ୍ସି): ଆଇପିଏଲ୍‌ର ୧୯ତମ ସଂସ୍କରଣ ପାଇଁ ସବୁ ଦଳର ଶିବିର ଚଳଚଞ୍ଚଳ ହୋଇଉଠିଛି। ଅଭ୍ୟାସ ଚାଲିଛି, ରଣନୀତି ବି ପ୍ରସ୍ତୁତ ହେଉଛି। ସିଜନ୍‌ରେ ପ୍ରତ୍ୟେକ ଦଳ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ସଜବାଜ ହେଉଛନ୍ତି। ଆଉ ଗୋଟିଏ ସପ୍ତାହର ବ୍ୟବଧାନ ପରେ ଆଇପିଏଲ୍ ରଣାଙ୍ଗନ ସରଗରମ ହେବ। କିନ୍ତୁ ଏହାରି ଭିତରେ ମୁମ୍ବାଇ ଇଣ୍ଡିଆନ୍ସର ଅଭ୍ୟାସ ଦେଖି ଅନ୍ୟ ଦଳମାନଙ୍କ ଛାତିରେ ଛନକା ପଶିଛି। ଏହାର ମୁଖ୍ୟ କାରଣ ହିଟ୍‌ମ୍ୟାନ୍ ରୋହିତ ଶର୍ମାଙ୍କ ଛକା ବର୍ଷା।

ରୋହିତ ମୁମ୍ବାଇ ଇଣ୍ଡିଆନ୍ସ ଶିବିରରେ ଯୋଗ ଦେବାପରେ ତାଙ୍କ ଅଭ୍ୟାସ ଦେଖି ପ୍ରଶଂସକ ପ୍ରଭାବିତ ହୋଇଛନ୍ତି। ସାର୍ଦ୍ଦୁଲ ଠାକୁର ତାଙ୍କୁ ବୋଲିଂ କରିଥିଲେ। ମିଡିଲ ଷ୍ଟମ୍ପରେ ଏକ ଲେନ୍ଥ ବଲ୍‌କୁ ରୋହିତ ଲଙ୍ଗ ଅନ୍ ଅଞ୍ଚଳରେ ବିଶାଳ ଛକା ମାରିଥିଲେ। ଏତିକିରେ ହିଁ ଅନ୍ୟମାନେ ଛାନିଆ ହୋଇଯାଇଥିଲେ। ଏହାପରେ ପଡ଼ିଆରୁ ଚତୁର୍ଦ୍ଦିଗକୁ ରୋହିତଙ୍କ ଛକା ଲମ୍ବିଥିଲା। ଟି-୨୦ରୁ ସନ୍ୟାସ ନେଇସାରିଥିବାରୁ ଏଥର ବିଶ୍ୱକପ ଖେଳି ନଥିଲେ। ତେଣୁ ଗତ ଦିନିକିଆ ଶୃଙ୍ଖଳା ପରେ ରୋହିତଙ୍କୁ ବିଶ୍ରାମ ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥିଲା। ବିଶ୍ୱକପର ମଜା ନେବା ସହ ମାଲଦୀପ ସହ ବିଭିନ୍ନ ସ୍ଥାନ ବୁଲିଥିଲେ। ରୋହିତ ସତେଜ ଓ ଫିଟ୍ ଅଛନ୍ତି। ମୁମ୍ବାଇକୁ ସେ ୫ଥର ଆଇପିଏଲ୍ ଟାଇଟଲ ଜିତାଇଥିଲେ।

ଆଇପିଏଲ୍ ଇତିହାସରେ ଜଣେ ପ୍ରଭାବଶାଳୀ ଅଧିନାୟକ ଭାବେ ରୋହିତ ଜଣାଶୁଣା। ମୁମ୍ବାଇ ଇଣ୍ଡିଆନ୍ସ ଶେଷଥର ୨୦୨୦ରେ ଚାମ୍ପିଅନ ହୋଇଥିଲା। ଏହାପୂର୍ବରୁ ୨୦୧୩, ୨୦୧୫, ୨୦୧୭ ଓ ୨୦୧୯ରେ ଟାଇଟଲ ଜିତିଥିଲା। ଇତିମଧ୍ୟରେ ୫ଟି ସଂସ୍କରଣ ଶେଷ ହୋଇଛି। କିନ୍ତୁ ମୁମ୍ବାଇ ଫାଇନାଲ୍‌କୁ ଉନ୍ନିତ ହୋଇପାରି ନାହିଁ। ପୂର୍ବ ସଂସ୍କରଣ ଓ ୨୦୨୩ରେ ଦଳ ପ୍ଲେଅଫ୍ ଖେଳିଥିଲା। ନଚେତ ଅନ୍ୟ ୩ ସଂସ୍କରଣରେ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ପ୍ରଶଂସକଙ୍କୁ ଭାରି ବାଧିଥିଲା। ରୋହିତ ଏବେ ଅଧିନାୟକ ନାହାନ୍ତି। ଦଳକୁ ୫ ଥର ଚାମ୍ପିଅନ କରାଇଥିଲେ ବି ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ନେତୃତ୍ୱକୁ ଭରସା କରି ନଥିବା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେତୃତ୍ୱ ଦେଇଥିଲା। ଦଳ ଏପର୍ଯ୍ୟନ୍ତ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭଲ କରିପାରି ନାହିଁ।

ମୁମ୍ବାଇ ଇଣ୍ଡିଆନ୍ସର ଅଭ୍ୟାସ ସେସନର ପ୍ରଥମ ଦିନରେ ସମସ୍ତ ଖେଳାଳି ଓ ସହଯୋଗୀ ଷ୍ଟାଫମାନେ ବେଶ୍ ଉତ୍ସାହିତ ଅଛନ୍ତି। ମୁଖ୍ୟ କୋଚ୍ ମହେଲା ଜୟବର୍ଦ୍ଧନେ କହିଛନ୍ତି ପ୍ରତ୍ୟେକ ଖେଳାଳି ସତେଜ ଓ ଫିଟ୍ ଅଛନ୍ତି। ରୋହିତଙ୍କ ଫିଟ୍‌ନେସ୍ ଆମକୁ ଉତ୍ସାହିତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ଗତ ୫ଟି ସିଜନରେ ସମସ୍ତଙ୍କୁ ନିରାଶ କରିଥିଲା। ରୋହିତ ଯେଉଁଭଳି ପ୍ରଥମ ଦିନରୁ ଅଭ୍ୟାସ ଆରମ୍ଭ କରିଛନ୍ତି, ତାହା ସମସ୍ତଙ୍କୁ ଉତ୍ସାହିତ କରିଛି। ଯଦି ଏଥର ରୋହିତଙ୍କ ବ୍ୟାଟ୍ ଚାଲେ ତେବେ ମୁମ୍ବାଇ ଇଣ୍ଡିଆନ୍ସ ଷଷ୍ଠ ଟାଇଟଲ ଜିତିପାରିବ ବୋଲି ଆଶା ରହିଛି।

# ବୁମରାଙ୍କ ଦରମା ବଢ଼ାଇବ ବିସିସିଆଇ

ନୂଆଦିଲ୍ଲୀ,୧୮।୩(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ଦୁଇ ତାରକା ଖେଳାଳି ଯଶପ୍ରୀତ ବୁମ୍‌ରା ଓ ଅକ୍ଷର ପଟେଲ୍‌ଙ୍କ ପ୍ରଦର୍ଶନ କ୍ରମାଗତ ଭାବେ ଭଲ ରହିଛି। ବିସିସିଆଇ ପକ୍ଷରୁ ଜାରି ହୋଇଥିବା କେନ୍ଦ୍ରୀୟ ଚୁକ୍ତିରେ ଉଭୟଙ୍କ ପାଉଣା କମ ରହିଛି। ଏଥିରେ ପରିବର୍ତ୍ତନ କରିବ ବିସିସିଆଇ। ଏ-ପ୍ଲସ୍ ବର୍ଗ ବନ୍ଦ କରାଯାଇଛି। ପୂର୍ବରୁ ଏହି ବର୍ଗରେ ଥିବା ଖେଳାଳିଙ୍କୁ ବାର୍ଷିକ ୭ କୋଟି ଟଙ୍କା ମିଳୁଥିଲା। ଏବେ ବୁମ୍‌ରା ଏ-ବର୍ଗରେ ରହି ୫ କୋଟି ଟଙ୍କା ପାଇବେ। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ଖବର ଅନୁଯାୟୀ ବୁମ୍‌ରାଙ୍କୁ କିପରି ଅଧିକ ଅର୍ଥ ମିଳିବ ସେ ନେଇ ବିସିସିଆଇ ଚିନ୍ତା ଆରମ୍ଭ କରିଛି। କେତେକ ଖେଳାଳିଙ୍କ କେନ୍ଦ୍ରୀୟ ଚୁକ୍ତିରେ ପରିବର୍ତ୍ତନ ମଧ୍ୟ କରାଯିବା ସମ୍ଭାବନା ରହିଛି।



ଗ୍ରେଡ୍-ଏ'ରେ ଶୁଭମନ ଗିଲ୍, ଯଶପ୍ରୀତ ବୁମାରା ଓ ରବୀନ୍ଦ୍ର ଜାଡେଜା ରହିଥିବାବେଳେ ଗ୍ରେଡ୍ ବି'ରେ ରୋହିତ ଶର୍ମା, ବିରାଧ କୋହଲି ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ୍, ସୂର୍ଯ୍ୟ କୁମାର ଯାଦବ, ଶ୍ରେୟାସ ଆୟର , ମହମ୍ମଦ ସିରାଜ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ଗ୍ରେଡ୍-ସି'ରେ ଅକ୍ଷର ପଟେଲ, ରିଙ୍କୁ ସିଂ, ତିଲକ ବର୍ମା, ଶିବମ୍ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମସନ ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଧ୍ରୁବ ଜୁରେଲ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ନୀତିଶ କୁମାର ରେଡ୍ଡୀ, ଅଭିଶେକ ଶର୍ମା, ସାଇ ସୁଦର୍ଶନ, ରବି ବିଷ୍ଣୋଇ ଓ ରୁତୁରାଜ ଗାଇକ୍ୱାଡ୍ ରହିଛନ୍ତି।

## ହାଇଟେକ୍ କ୍ରିକେଟ ଲିଗ୍ ଉଦ୍‌ଯାପିତ

# କ୍ରୀଡ଼ା ବିଦ୍ୟାର୍ଥୀଙ୍କ ଲଢୁଆ ମନୋଭାବ ସୃଷ୍ଟି କରେ : ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, ୧୮।୩ (ସବ୍ୟୁ) : ହାଇଟେକ୍ ମେଡିକାଲ କଲେଜ ପରିସରରେ କ୍ରିକେଟ୍ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୧୧ ଦିନ ଧରି ଚାଲିଥିବା ଏହି ଦିବା-ରାତ୍ର କ୍ରିକେଟ ଲିଗ୍‌ରେ ମୋଟ ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ୍‌ରେ କର୍ପୋରେଟ୍ ଏକାଦଶ ପ୍ରତିପକ୍ଷ ସୋଲାର ସର୍ଫରାସକୁ ହରାଇ ଚାମ୍ପିଅନ୍ ହୋଇଛି। କର୍ପୋରେଟ୍ ଏକାଦଶ (ପୁରୁଷ) ୩୧ ରନ୍‌ରେ ବିଜୟଲାଭ କରିଥିଲା। କିଷ୍ଟ କୁଇନ୍ ୭୧ ରନ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ହାଇଟେକ୍ ଗ୍ରୁପ ପ୍ରତିଷ୍ଠାତା ତିରୁପତ ପାଣିଗ୍ରାହୀ ଚାମ୍ପିଅନ ଦଳ କର୍ପୋରେଟ୍ ଏକାଦଶକୁ ୧ଲକ୍ଷ ୫୦ ହଜାର ଟଙ୍କା ଅର୍ଥରାଶି ସହ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ରନର୍ସଅପ୍ ଦଳକୁ ୭୫ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ମହିଳା ଚାମ୍ପିଅନ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ଡା. ରାକେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ଅଙ୍କିତା ପାଣିଗ୍ରାହୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମନସ୍ତତ୍ତ୍ୱ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଅମ୍ରିତ ପାଟଯୋଶୀ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷ ଡା. ଦେବାନନ୍ଦ ମହାପାତ୍ର, ଡା. କୁମରବର ଦାସ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସ୍‌ର ରାଧାମାଧବ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ହାଇଟେକ୍ ଗ୍ରୁପ୍‌ର ଉପନିର୍ଦ୍ଦେଶକ ଅନୀଲ ପାଣିଗ୍ରାହୀ କ୍ରୀଡ଼ା ମହାକୁମ୍ଭକୁ ସଂଯୋଜନା କରିଥିବାବେଳେ ହାଇଟେକ୍ ଗ୍ରୁପ୍‌ର କ୍ରୀଡ଼ା ଓ ସଂସ୍କୃତି ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି, କ୍ରୀଡ଼ା ପ୍ରଶିକ୍ଷକ ସୁରେଶ କୁମାର ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଓଡ଼ିଶା ସିଭିଲ୍ ସର୍ଭିସ ଭଲିବଲ୍ ଟିମର ଦିଲ୍ଲୀ ଯାତ୍ରା

ଭୁବନେଶ୍ୱର, ୧୮।୩ (ସବ୍ୟୁ) : ଦିଲ୍ଲୀର ପିତାମ୍ପୁରାଠାରେ ଆସନ୍ତା ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି । ଏହି ଟୁର୍ଣ୍ଣାମେଣ୍ଟରେ ଯୋଗଦେବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ଭଲିବଲ୍ ଟିମ୍ର ସଦସ୍ୟମାନେ ଆଜି ଦିଲ୍ଲୀ ଯାତ୍ରା କରିଛନ୍ତି । ଏହି ଦଳରେ ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ଯାତ୍ରା କରିଛନ୍ତି ।

କେନ୍ଦ୍ରୀୟ ସିଭିଲ୍ ସର୍ଭିସ୍ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ସମସ୍ତ ରାଜ୍ୟର ସିଭିଲ୍ ସର୍ଭିସ୍ ଟିମ୍ ଭାଗନେବେ । ଓଡ଼ିଶା ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟରେ ଚନ୍ଦନ କୁମାର ମଣ୍ଡଳ, ନାରାୟଣ ଦାସ, ଜଳେନ୍ଦ୍ର କୁମାର ପ୍ରିବକା, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ବେହେରା, ଆଶିଷ ବେହେରା, ଜଗନ୍ନାଥ ପ୍ରସାଦ ବଳ, ପାର୍ଥସାରଥି ଜେନା, ରଶ୍ମିରଞ୍ଜନ ଦାସ, ଅବିନାଶ ଜେନା, ବିଚିତ୍ର ପ୍ରଧାନ, ରାଜେଶ ସେନାପତି ପ୍ରମୁଖ ଭାଗନେବେ । ଏହି ଦଳରେ ପ୍ରଶିକ୍ଷକ ଭାବେ ପ୍ରକାଶ ଚନ୍ଦ୍ର ରଥ ଏବଂ ମ୍ୟାନେଜର ଭାବେ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ ଖେଳାଳିମାନଙ୍କ ସହ ମଧ୍ୟ ଦିଲ୍ଲୀ ଯାତ୍ରା କରିଛନ୍ତି ।

ବୁଧବାର ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରେ ବରିଷ୍ଠ ଅଧିକାରୀଗଣ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତମ କ୍ରୀଡ଼ାନୈପୁଣ୍ୟ ପାଇଁ ଶୁଭକାମନା ଜ୍ଞାପନ କରିଥିଲେ ।

# ଏଲଏଲସିସି କପ: ଜୁଭେନାଇଲକୁ ହରାଇ କ୍ୱାର୍ଟରରେ ରେଡ ଷ୍ଟାର୍

ଭୁବନେଶ୍ୱର,୧୮।୩(ସବ୍ୟୁ): ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରେଡ ଷ୍ଟାରର ବଡ଼ ବିଜୟ। ଆଜି ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଟକର ଜୁଭେନାଇଲ କ୍ଲବକୁ ୪୫ ରନରେ ହରାଇ ଦେଇଛି। ଏହି ବିଜୟ ସହ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ମୁଖ୍ୟ ପ୍ରତିଯୋଗିତାକୁ ଆସିଥିବା ରେଡ ଷ୍ଟାର କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ରେଡ ଷ୍ଟାର ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୨୩୩ ରନ କରିଥିଲା। ଦଳ ୮ଟି ୱିକେଟ ହରାଇଥିବା ବେଳେ ୬ ଜଣ ବ୍ୟାଟର ରନ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ରେଡ ଷ୍ଟାର ପକ୍ଷରୁ ଓମ ଶ୍ରୀ ଏସ ସାହୁ ସର୍ବାଧିକ ୫୬ ରନ କରିଥିବା ବେଳେ ଅମିତ କୁମାର ସାହୁ ୪୯ ଓ ଶେଖ ମହମ୍ମଦ ରିୟାଜ ଅପରାଜିତ ୨୮ ରନ କରିଥିଲେ। ଜୁଭେନାଇଲର ଦୁର୍ଗାଶିଷ ବେହେରା ଓ ଓମ ପି ବିଶ୍ୱାଳ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି।



୨୩୪ ରନର ଟାର୍ଗେଟ୍‌କୁ ପିଛା କରୁଥିବା ଜୁଭେନାଇଲ କ୍ଲବ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୨ ରନରେ ୨ଟି ୱିକେଟ ହରାଇଥିଲା। ଏହାପରେ ଅମ୍ରିତ କୁମାର ମହାନ୍ତି ୬୩ ରନ, ପି ହୃଷିକେଶ ରାଓ ୨୫ ରନ ଓ ଶେଷ ଭାଗରେ ବିବେକାନନ୍ଦ ବାରିକ ୨୮ ରନ କରିବାରୁ ଦଳ କିଛିଟା କମବ୍ୟାକ କରିଥିଲା। ହେଲେ ରେଡ ଷ୍ଟାରର ଘାତକ ବୋଲିଂ ଯୋଗୁ ଜୁଭେନାଇଲ ଶେଷରେ ୯ ୱିକେଟ ହରାଇ କେବଳ ୧୮୯ ରନ କରିପାରିଥିଲା। ରେଡ ଷ୍ଟାର ପକ୍ଷରୁ ଶେଖ ମହମ୍ମଦ ରିୟାଜ ଓ ଡିଏସ ରାଉତ ୨ଟି ଲେଖାଏ ୱିକେଟ ପାଇଥିବା ବେଳେ ଓମ ଶ୍ରୀ ଏସ୍ ସାହୁ, ମହମ୍ମଦ ଶାହବାଜ ସଲାମ ଓ ସ୍ମୃତି ରଞ୍ଜନ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ବ୍ୟାଟିଂରେ ୪୦ ବଲରେ ୫୯ ଓ ବୋଲିଂରେ ଗୋଟିଏ ୱିକେଟ ପାଇଥିବା ଓମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓସିଏମ ପ୍ୟାନେଲ ଅମ୍ପାୟାର ଅବଦୁଲ ରହିମ ଖାନ ଓ ଆଶିଷ ସାହୁ ଦେଇଛନ୍ତି।


## ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୩ (ସବ୍ୟୁ) : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆଜିଠାରୁ ସମ୍ମାନଜନକ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଏବଂ ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହାକୁମ୍ଭ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି।




କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏହି ମହାକୁମ୍ଭରେ ୨୮ଟି ରାଜ୍ୟ ସମେତ ବିଏସଏଫ୍ (BSF) ଏବଂ ଏସଏସସିବି (SSCB)ରୁ ପ୍ରାୟ ୧୪୬୦ ପାରା ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ଆୟୋଜକ ଓଡ଼ିଶାରୁ ୪୦ ଜଣ କ୍ରୀଡ଼ାବିତ୍ ସାମିଲ ଅଛନ୍ତି। ମୋଟ ୧୪୫ଟି ପଦକ ଇଭେଣ୍ଟ ପାଇଁ ଏଠାରେ କଡ଼ା ପ୍ରତିଯୋଗିତା ହେଉଥିବା ବେଳେ ଖେଳାଳିମାନଙ୍କ ସୁବିଧା ପାଇଁ ପ୍ରତିଦିନ ଦୁଇଟି ପର୍ଯ୍ୟାୟରେ, ଅର୍ଥାତ୍ ପୂର୍ବାହ୍ନ ୯ଟାରୁ ୧୧ଟା ଏବଂ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେଉଛି।

ଉଦ୍‌ଘାଟନୀ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, "ଓଡ଼ିଶାର ପ୍ରତିଟି ବ୍ଲକରେ ନିର୍ମାଣ ହେଉଥିବା କ୍ରୀଡ଼ା ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ 'ଦିବ୍ୟାଙ୍ଗ ଅନୁକୂଳ' ହେବ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପକୁ ସାକାର କରିବା ଦିଗରେ ଦିବ୍ୟାଙ୍ଗ ଖେଳାଳିମାନେ ସବୁଠାରୁ ଆଗରେ ରହିବେ।"

ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, "ଦିବ୍ୟାଙ୍ଗ ଭାଇଭଉଣୀମାନେ ଆମ ଦେଶର ଗର୍ବ। ଜଗନ୍ନାଥ ମାଟିର ଆତିଥେୟତା ସାରା ଭାରତବର୍ଷ ପାଇଁ ଏକ ନିଦର୍ଶନ ହୋଇ ରହିବ।"

ଏହି ଅବସରରେ ପଦ୍ମଶ୍ରୀ ତଥା ଖେଳରତ୍ନ ବିଜେତା ଶ୍ରୀ ଦେବେନ୍ଦ୍ର ଝାଝରିଆ କହିଛନ୍ତି ଯେ, ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତର ସଫଳତା ପରେ ଏହି ବୃହତ୍ତମ ଚାମ୍ପିୟନସିପ୍ ପାରା-ସ୍ପୋର୍ଟସ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ।

ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ ଏବଂ ପାରାଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି